# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଷଷ୍ଠ ସଂଖ୍ୟା, ୧ ଡିସେମ୍ବର ୨୦୨୨

Publisher :
Newtra Creations,Bhubaneswar

https://epatrika.cspursahityasansad.com/

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com Mob : 9438621925 / 9937128547 Website: www.cspursahityasansad.com

link : https://epatrika.cspursahityasansad.com/

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଷଷ୍ଠ ସଂଖ୍ୟା
୦୧ ଡିସେମ୍ବର ୨୦୨୨

**ଉପଦେଷ୍ଟା :**
ପ୍ରଫେସର୍ ଅଭୟ କୁମାର ବେହେରା
ଡକ୍ଟର୍ ସଂଘମିତ୍ରା ଭଞ୍ଜ

**ମୁଖ୍ୟ ସମ୍ପାଦକ :**
ବସନ୍ତ ମାଝି

**ସମ୍ପାଦକ :**
ସରୋଜ କୁମାର ଶତପଥୀ

**ସମ୍ପାଦନା ମଣ୍ଡଳୀ :**
ପ୍ରଫେସର୍ ବୀଣାପାଣି ତ୍ରିପାଠୀ
ଯଶୋବନ୍ତ ସେଠୀ
କ୍ଷଣପ୍ରଭା ମହାନ୍ତି

**ଅଳଙ୍କରଣ ଓ ପ୍ରଚ୍ଛଦ :**
ସରୋଜ କୁମାର ଶତପଥୀ

**ପ୍ରକାଶକ :**
ନ୍ୟୁଟ୍ରା କ୍ରିଏସନ୍ସ,
ପ୍ଲଟ୍ ନଂ -୫, ଜୟଦେବ ନଗର,
ଲୁଇସ୍ ରୋଡ୍, ଭୁବନେଶ୍ୱର-୦୨
ମୋ - ୯୯୩୭୧୨୮୫୪୭

**ସମ୍ପର୍କ :**
ସମ୍ପାଦକ: ଇ-ପତ୍ରିକା,
୭/୧୩-ଟାଇପ୍ 'ବି'(ରିଭାଇଜଡ୍)
ୟୁନିଟ୍ -୯, ଭୁବନେଶ୍ୱର-୨୨
ଫୋନ -୯୪୩୮୬୨୧୯୨୫/୯୯୩୭୧୨୮୫୪୭
e-mail: epatrika@cspursahityasansad.com
website : www.cspursahityasansad.com

**Patron:**
Prof. Avaya Kumar Behera
Dr. Sanghamitra Bhanja

**Chief Editor :**
Basanta Majhi

**Editor :**
Saroj Kumar Satpathy

**Editorial Board :**
Prof. Binapani Tripathy
Jashobanta Sethi
Kshyanaprabha Mohanty

**Illustration & Cover design :**
Saroj Kumar Satpathy

**Publisher :**
Newtra Creations
Plot no-5, Jayadev Nagar
Bhubaneswar - 751002
Mob : 9937128547

**Contact :**
Editor - ePatrika,
7/13- Type 'B' (Revised), Unit-9,
Bhubaneswar - 751022
Mob : 9438621925 / 9937128547
Email : epatrika@cspursahityasansad.com
website : www.cspursahityasansad.com

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ କୁମୁଦଲତା ମହାନ୍ତି**
ତିରୋଧାନ : ୧୯.୧୧. ୨୦୨୨

ବିଶିଷ୍ଟ ଶିଶୁ ସାହିତ୍ୟିକା, କୁମୁଦଲତା ମହାନ୍ତିଙ୍କ ବିୟୋଗ ରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ମାସିକ ଡିଜିଟାଲ୍ ପତ୍ରିକା 'ଇ-ପତ୍ରିକା' ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

# ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଗୀତା ହୋତା**

ତିରୋଧାନ : ୨୯.୧୧. ୨୦୨୨

**ବିଶିଷ୍ଟ ସାହିତ୍ୟିକା, ଗୀତା ହୋତାଙ୍କ ବିୟୋଗ ରେ ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ତଥା ମାସିକ ଡିଜିଟାଲ୍ ପତ୍ରିକା 'ଇ-ପତ୍ରିକା' ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।**

# ମାଆ କୁମୁଦଲତା



ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ ର ଏରୁଣ୍ଡିବା ସମୟରେ ଯେଉଁ କେତେଜଣ ସାହିତ୍ୟିକ ଅନୁଷ୍ଠାନ କୁ ସଶକ୍ତ କରିବା ପାଇଁ ପ୍ରେରଣା ଯୋଗାଉ ଥିଲେ, ସେମାନଙ୍କ ମଧ୍ୟରେ କୁମୁଦଲତା ମହାନ୍ତି ହେଉଛନ୍ତି ଅନ୍ୟତମ। ଶିକ୍ଷୟତ୍ରୀ ଚାକିରୀ ରୁ ସୁଦୂର କୋରାପୁଟ ରୁ ଅବସର ନେଇ ନୀଳାଦ୍ରୀ ବିହାର ସେକ୍ଟର-୩ ରେ ରହୁଥିଲେ । ତାଙ୍କ ସହିତ ଘନିଷ୍ଠତା ବଢ଼ିବା ପରେ ସେ ମୋତେ ବଡ ପୁଅ ବୋଲି ଡାକୁଥିଲେ ଏବଂ ସୁଶାନ୍ତ ସେନାପତିଙ୍କୁ ସାନପୁଅ ବୋଲି କହୁଥିଲେ । ଅମଳିନ ପ୍ରତିଭାର ସେ ଥିଲେ ଅଧିକାରିଣୀ । ଓଡ଼ିଶାର ବିଭିନ୍ନ ପତ୍ର ପତ୍ରିକାରେ ତାଙ୍କର ଲେଖା ନିୟମିତ ପ୍ରକାଶ ପାଇଥିଲା ଏବଂ ବିଭିନ୍ନ ସାହିତ୍ୟାନୁଷ୍ଠାନ **ଦ୍ୱାରା** ମଧ୍ୟ ସମ୍ମାନିତା ହୋଇଥିଲେ । ଶିଶୁ ସାହିତ୍ୟ ପ୍ରତି ତାଙ୍କର ବିଶେଷ ଦୁର୍ବଳତା ରହିଥିଲା । ସିଏ ୮୦ରୁ **ଊର୍ଦ୍ଧ୍ୱ** ପୁସ୍ତକ ଶିଶୁ ମାନଙ୍କ ପାଇଁ ରଚନା କରି ଯାଇଛନ୍ତି । ସାହିତ୍ୟ ପ୍ରତି ଗଭୀର ଅନୁରକ୍ତି ପାଇଁ ସେ ପ୍ରତିବର୍ଷ ତାଙ୍କ ଘରେ କିଛି ବଛା ବଛା **ସାହିତ୍ୟିକ** ମାନଙ୍କୁ ତାଙ୍କ ବାସଭବନକୁ ଡକାଇ ସାହିତ୍ୟ ଆଲୋଚନା କରୁଥିଲେ ଏବଂ ଖାଦ୍ୟ ପ୍ରଦାନ କରୁଥିଲେ । ଏହି ବଛା ସାହିତ୍ୟିକ ମାନଙ୍କ ମଧ୍ୟରେ ମୁଁ ମଧ୍ୟ ରହୁଥିଲି । ତାଙ୍କର ଏକ ଶିଶୁ କବିତା ରେ ସମାଜର ନିମ୍ନ ବର୍ଗର ଲୋକଙ୍କୁ ଭାଇ ବୋଲି ସମ୍ବୋଧନ କରିଛନ୍ତି । ତାହା ପାଠକରି ମୁଗ୍ଧ ହୋଇ ଉଠିଥିଲି । ମୋର ବ୍ୟକ୍ତିଗତ ମତ ତାଙ୍କର ଯେଉଁ ପ୍ରତିଭା ଥିଲା ,ତାହା ଏ ମାଟିରୁ ଉପଯୁକ୍ତ ସମ୍ମାନ ପାଇ ପାରି ନାହିଁ।  ତାଙ୍କ ସହିତ ବହୁ ସ୍ମୃତି ବିଜଡିତ କାହାଣୀ ରହିଛି । ସବୁକୁ ପରିପ୍ରକାଶ କରିବା ସମ୍ଭବ ନୁହେଁ । ତାଙ୍କ ସ୍ମୃତି ପ୍ରତି ମୁଁ ଗଭୀର ସମ୍ମାନ ପ୍ରଦର୍ଶନ କରୁଛି।

■■■

**ବସନ୍ତ ମାଝି**
**ମୁଖ୍ୟ ସମ୍ପାଦକ**

## ସମ୍ପାଦକୀୟ

# ମାର୍ଗଶୀର ର ଅନୁଚିନ୍ତା

ଆମ ସଂସ୍କୃତି ଯେ ମହାନ, ଏହା ନିର୍ବିବାଦୀୟ । ମାର୍ଗଶୀର ମାସରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଗୁରୁବାର କୁ ଲକ୍ଷ୍ମୀ ପୂଜନ ଦିବସ ରୂପେ ବେଶ୍ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଥାଏ । ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' କୁ ମଧ ଓଡ଼ିଆଣୀମାନେ ଭକ୍ତିପୂର୍ଣ୍ଣ ଭାବରେ ପାଠ କରି ଥାଆନ୍ତି ।

ଶ୍ରୀୟା ହେଉଛନ୍ତି ଅସ୍ପୃଶ୍ୟ ଜାତିର ମହିଳା । ସିଏ କୁବେରଙ୍କ ଝିଅ ଲକ୍ଷ୍ମୀଙ୍କୁ ତାଙ୍କ କୁଡ଼ିଆକୁ ଆମନ୍ତ୍ରଣ କରିଛନ୍ତି । ଲକ୍ଷ୍ମୀ ତଥା କଥିତ ଅସ୍ପୃଶ୍ୟତା ନୀତିକୁ ଖାତିର ନ କରି ମାର୍ଗଶୀର ଗୁରୁବାର ଦିନ ଶ୍ରୀୟାଙ୍କ କୁଡ଼ିଆ କୁ ଯାଇଛନ୍ତି । ମଣିଷ ମଣିଷ ଭିତରେ ଅସ୍ପୃଶ୍ୟ ବା ଉଚ୍ଚ - ନୀଚ ଭେଦଭାବ ବିରୋଧରେ ଲକ୍ଷ୍ମୀ ଲଢ଼େଇ କରି ବିଜୟିନୀ ହୋଇଛନ୍ତି ଏବଂ ପରମ୍ପରାବାଦୀମାନେ ପରାଜିତ ହୋଇଛନ୍ତି ।

ଦ୍ୱିତୀୟତଃ, କବି ବଳରାମ ଦାସ ସ୍ପଷ୍ଟ ଇଂଗିତ କରିଛନ୍ତି ଯେ, ଲକ୍ଷ୍ମୀ (ପୁଞ୍ଜି/ସମ୍ପଦ) ଅସହାୟ ବା ସର୍ବହରାମାନଙ୍କ ପାଖରେ ପହଞ୍ଚିବା ଦରକାର । ଏଣୁ ଶ୍ରୀୟା (ଚଣ୍ଡାଳୁଣୀ ସର୍ବହରା) ପାଖରେ ପହଞ୍ଚିବା ଉଚିତ୍ । ଏପରି ହେଲେ ସମାଜରେ ସାମ୍ୟ ପ୍ରତିଷ୍ଠିତ ହୋଇପାରିବ ।

ତୃତୀୟତଃ, ମହିଳାମାନଙ୍କୁ ପୁରୁଷ ପାଦର ପାଣ୍ଢୋଇ କହି ଅବଦମିତ କରି ଦୀର୍ଘଦିନ ପାଇଁ ରଖାଯାଇ ପାରିବ ନାହିଁ । ସେମାନଙ୍କୁ ସମପର୍ଯ୍ୟାୟର ସମ୍ମାନ ସମାଜରେ ଦିଆଯିବା ଉଚିତ୍ । ଏହାକୁ ବଳରାମ ଦାସ ଦର୍ଶାଇଛନ୍ତି ।

ମାର୍ଗଶୀର ମାସରେ ଆମେ ଏହି ସଂସ୍କୃତିକୁ ଆତ୍ମସ୍ଥକରି ବ୍ୟବହାରିକ ଜୀବନରେ ପ୍ରୟୋଗ କରିବାର ଆବଶ୍ୟକତା ରହିଛି । ଏହା ଆମ ସଂସ୍କୃତିକୁ ଅଧିକ ମହିମାନ୍ୱିତ କରିବ ।

ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମାସିକ ଡିଜିଟାଲ୍ ପତ୍ରିକା "ଇ - ପତ୍ରିକା" ର ଷଷ୍ଠ ସଂଖ୍ୟାକୁ ପାଠକାର୍ପିତ କଲାବେଳେ ଆପଣମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିବା ସହିତ ସକ୍ରିୟ ସହଯୋଗ କାମନା କରୁଛି ।

■■■

ସରୋଜ କୁମାର ଶତପଥୀ
ସମ୍ପାଦକ



# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧. | ମାଆ କୁମୁଦଲତା | ବସନ୍ତ ମାଝି | ୦୫ |
| ୨. | ସମ୍ପାଦକୀୟ | ସରୋଜ କୁମାର ଶତପଥୀ | ୦୬ |

## ବ୍ୟାକରଣ ବିଭାଗ

| | | | |
|---|---|---|---|
| ୩. | ଶବ୍ଦ | ଡ. ଦେବାଶିଷ ମହାପାତ୍ର | ୧୦ |

## ଗଦ୍ୟ ବିଭାଗ

| | | | |
|---|---|---|---|
| ୪. | ପଇତା ମାରା | ଈଶାନ ହୋତା | ୨୦ |
| ୫. | ସ୍ଥିତପ୍ରଜ୍ଞ ଏବଂ ଗୀତା | ଡା. ଘନଶ୍ୟାମ ଜୈନ | ୨୨ |
| ୬. | ବେଲୁଚିସ୍ଥାନର ଅଣୁ ଲୋକଗଳ୍ପ : ଡାକଟିକଟ | ବର୍ଷା ବୈଜୟନ୍ତୀ | ୨୬ |
| ୭. | ଅଷ୍ଟମ ଗର୍ଭ | ଯଶୋବନ୍ତ ସେଠୀ | ୨୭ |
| ୮. | ଈଶ୍ୱର,ପୃଥିବୀ ଓ ବାପା | ଆଶୁତୋଷ ଧଳ | ୩୦ |
| ୯. | ମାନସିକତା | ଶଶାଙ୍କ ଶେଖର ମିଶ୍ର | ୩୨ |
| ୧୦. | ସୁନାଚେନ୍ | ଅଞ୍ଜଳି ଆଚାର୍ଯ୍ୟ | ୩୩ |
| ୧୧. | ମହିଳା ଦିବସ – ସଚେତନତା ନା ଫ୍ୟାସନ | ମିନତି ମିଶ୍ର | ୩୬ |
| ୧୨. | କୃଷ୍ଣଚୂଡ଼ାର ସେଇ ଲାଲ୍ ପାଖୁଡ଼ା | ରଶ୍ମି ସାମଲ | ୩୭ |
| ୧୩. | ବିନ୍ଦାସ | ପ୍ରମୋଦ କୁମାର ମହାପାତ୍ର | ୩୯ |
| ୧୪. | ଦ୍ରୁତ ପ୍ରଗତି ପଥେ ଓଡ଼ିଶାର ବିକାଶ | ପ୍ରଭାତ କୁମାର ମିଶ୍ର | ୪୨ |
| ୧୫. | ସାଧାରଣ ନାଗରିକ ଓ ବିଚାର ବିଭାଗ | ଗଜାନନ ମିଶ୍ର | ୪୪ |

## ପଦ୍ୟ ବିଭାଗ

| | | | |
|---|---|---|---|
| ୧୬. | ସ୍ମୃତି ତର୍ପଣ | ଶ୍ରୀଯୁକ୍ତ ସତ୍ୟନାଶ | ୪୮ |
| ୧୭. | ଆକାଶ | ବିଭୂତି ଭୂଷଣ ମହାପାତ୍ର | ୪୯ |
| ୧୮. | ସବୁ ତ ନେଇଛ ଲୁଟି | ବିପିନ୍ ମହାନ୍ତି | ୫୦ |
| ୧୯. | କବିପ୍ରିୟା | ବସନ୍ତ ମାଝି | ୫୧ |
| ୨୦. | ରାତି ଶେଷର ସକାଳ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୫୨ |
| ୨୧. | କେହି ନୁହେଁ ତୁମପରି | ବିଦ୍ୟାଧର ଗୁରୁ | ୫୩ |
| ୨୨. | ସହର ଶୋଇଗଲା ପରେ | ଅଧାପକ ଅଜୟ ପଟ୍ଟନାୟକ | ୫୪ |
| ୨୩. | ଯାତ୍ରା | ସରୋଜ କୁମାର ଶତପଥୀ | ୫୫ |
| ୨୪. | ଖ୍ରୀଷ୍ଟାବ୍ଦର ସ୍ରଷ୍ଟା | ସ୍ୱର୍ଣ୍ଣଲତା ମହାପାତ୍ର | ୫୬ |
| ୨୫. | ଅଝରା ଲୋତକ ମୁଁ | ମନୋରମା ମିଶ୍ର | ୫୭ |
| ୨୬. | ନିର୍ଜନତା | ମୌସୁମୀ ଶୁକ୍ଳା | ୫୮ |

# ମୁଖଶାଳା


| କ୍ର.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୨୭. | ଓମ୍ ସାଇ | ଗୀତା ପଟ୍ଟନାୟକ | ୫୯ |
| ୨୮. | ଜୀବନଗାଥା | ନୀଳମଣି ଚାନ୍ଦ | ୬୦ |
| ୨୯. | ଚାଲିବାର ସାହସ ରଖ | ମୋହନ ମଜୀଠିଆ | ୬୧ |
| ୩୦. | ପକ୍ଷୀ ଉବାଚ | କବିତା ନାୟକ | ୬୨ |
| ୩୧. | ସୃଜନୀ | ଡ. ପ୍ରବୀଣା ପରିଡ଼ା | ୬୩ |
| ୩୨. | ଜ୍ଞାନ ମନ୍ଦିର | କୃଷ୍ଣଚନ୍ଦ୍ର ବାରିକ | ୬୪ |
| ୩୩. | ଗତି କୁଆଡେ ଆମର | ଡ. ମନୋରଞ୍ଜନ ବିଷୋୟୀ | ୬୫ |
| ୩୪. | ତୁମ ଆଖି ଯେବେ | ଶ୍ରୀମତୀ ବସନ୍ତ ମିଶ୍ର | ୬୬ |
| ୩୫. | ମୁକ୍ତିର କ୍ରାନ୍ତିସ୍ୱର | ମାନଗୋବିନ୍ଦ ବାରିକ | ୬୭ |
| ୩୬. | ମୋ ଗାଆଁ | ରଞ୍ଜିତା ତ୍ରିପାଠୀ | ୬୮ |
| ୩୭. | ସ୍ୱପ୍ନ | ରୀତା ମିଶ୍ର | ୬୯ |
| ୩୮. | କହିବା ସହଜ | ନିକୁଞ୍ଜ କୁମାର ଘୋଷ | ୭୦ |
| ୩୯. | ରାମ ଓ ରାବଣ | ଧର୍ମ କୁମାର ଶତପଥୀ | ୭୧ |
| ୪୦. | କାଚ ଘରର ସେ କାକର ଟୋପା | ସ୍ନିଗ୍ଧା ଜି. ମହାପାତ୍ର | ୭୨ |
| ୪୧. | ମୂହୁର୍ତ୍ତ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୭୩ |
| ୪୨. | ସହେଯାଗ | ଯଜ୍ଞଦତ୍ତ ସାମନ୍ତରାୟ | ୭୪ |
| ୪୩. | ନୀଳ ପରୀ | ଶୁଭଶ୍ରୀ ସିଂ | ୭୫ |
| ୪୪. | ହାତ୍(କୋଶ୍‌ଲୀ) | ନୀରଜ ଦାଶ ଶର୍ମା | ୭୬ |
| ୪୫. | ଜୀବନ | ଶ୍ରୀମତୀ ଶୁଭ୍ରା ନନ୍ଦ | ୭୭ |
| ୪୬. | ଧାର୍ମିକ ଭାବନା ହେମନ୍ତ | ପୁଷ୍ପଲତା ମିଶ୍ର | ୭୮ |
| ୪୭. | ତଉଲୁ ଥାଏ | ନିହାରୀକା ରାୟ ବରାଳ | ୭୯ |
| ୪୮. | ପ୍ରେମ ଅମୃତ | ଡ. ପ୍ରତିମା ରାଣୀ ମିଶ୍ର ଷଡ଼ଙ୍ଗୀ | ୮୦ |
| ୪୯. | ଘର | ଜାହ୍ନବୀ ଚୌଧୁରୀ | ୮୧ |
| ୫୦. | ସ୍ୱାଗତମ୍ ରାଷ୍ଟ୍ରପତି | ବିନୋଦିନୀ ଗଉଡ଼ | ୮୨ |
| ୫୧. | ସ୍ୱର୍ଣ୍ଣ | ସୁଷମା ଦାସ | ୮୩ |
| ୫୨. | ତୁମେ ନ ଥିବାବେଳେ | ପଦ୍ମାଳୟା ସାମଲ | ୮୪ |
| ୫୩. | ହୃଦୟ ଗୋପପୁର | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୮୫ |
| ୫୬. | ଅଭୁଲା ସ୍ମୃତି | ବୀରେଶ୍ୱର ମହାନ୍ତି | ୮୬ |
| ୫୭. | ହସ | ମମତାବାଳା ହୋତା | ୮୭ |
| ୬୮. | ଆହ୍ୱାନ | ଋତୁପର୍ଣ୍ଣା ମହାପାତ | ୮୮ |
| ୬୩. | ଇ - ପତ୍ରିକା ର ନଭେମ୍ବର ସଂଖ୍ୟା ର କିଛି ସ୍ମୃତି | | ୮୯ |
| ୬୪. | ମୁଁ ଶ୍ରମଜୀବୀ | ପଦ୍ମାଳୟା ସାମଲ | ୯୭ |
| ୬୫. | କାନ୍ଦିବୁ ଏକା ଏକା | ବିଜୟଲକ୍ଷ୍ମୀ ପଟ୍ଟନାୟକ | ୯୮ |
| ୬୬. | ଇ - ପତ୍ରିକା ର ନଭେମ୍ବର ସଂଖ୍ୟା ର କିଛି ସ୍ମୃତି | | ୮୯ |

ଇ ପତ୍ରିକା
୦୧ ଡିସେମ୍ବର ୨୦୨୨

# ବ୍ୟାକରଣ ବିଭାଗ



# ଶବ୍ଦ

ଡ. ଦେବାଶିଷ ମହାପାତ୍ର



ଭାଷାର ମୌଳିକ ଉପାଦାନ ଧ୍ୱନି । ଧ୍ୱନିର ମିଶ୍ରଣରୁ ଅର୍ଥପୂର୍ଣ୍ଣ ଶବ୍ଦର ସୃଷ୍ଟି। ବର୍ଣ୍ଣ ସମଷ୍ଟି ଯାହା ଅର୍ଥବୋଧକ, ତାହା ଶବ୍ଦ । ଶବ୍ଦ ମୂଳତଃ ଏକ ବ୍ୟାକରଣିକ ଉପାଦାନ। ପାଣିନୀଙ୍କ ବ୍ୟାକରଣ 'ଅଷ୍ଟାଧ୍ୟାୟୀ' କୁ ଶବ୍ଦାନୁଶାସନ କୁହାଯାଏ । ଅର୍ଥାତ୍ ଶବ୍ଦର ଗଠନ ପଦ୍ଧତିର ବର୍ଣ୍ଣନା । ଶବ୍ଦ କହିଲେ ଆମେ ଅର୍ଥବୋଧକ ଧ୍ୱନି ବା ଅକ୍ଷରକୁ ବୁଝୁ। ବ୍ୟାକରଣକୁ ତେଣୁ କୁହାଯାଏ ଶବ୍ଦବିଦ୍ୟା, ଶବ୍ଦବିଜ୍ଞାନ, ଶବ୍ଦଶାସ୍ତ୍ର ଆଉ ଅଭିଧାନକୁ ଶବ୍ଦକୋଷ, ଶବ୍ଦାର୍ଥକୋଷ କୁହାଯାଏ । ଶବ୍ଦକୁ ଆମେ ସାଧାରଣତଃ ମୌଳିକ ଓ ଆଗନ୍ତୁକ, ଏହି ଦୁଇଭାଗରେ ବିଭକ୍ତ କରିଥାଉ। ମୌଳିକକୁ ପୁଣି ତତ୍ସମ, ତଦ୍ଭବ ଓ ଦେଶଜରେ ବିଭକ୍ତ କରିପାରିବା ।

**ତତ୍ସମ ଶବ୍ଦ** – ଆମେ ଆମ ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାରକୁ ଦେଖିଲେ ଲକ୍ଷ୍ୟ କରିବା ଯେ, କେତେକ ସଂସ୍କୃତ ଶବ୍ଦ ଆମେ ପରିବର୍ତ୍ତ ନ ନକରି ଅବିକଳ ସେହିଭଳି ବ୍ୟବହାର କରିଥାଉ । ଏସବୁ ଶବ୍ଦକୁ ତତ୍ସମ ଶବ୍ଦ କୁହାଯାଏ । ଏହାକୁ ମଧ୍ୟ କେତେକ ଭାଷାବିଜ୍ଞାନୀ ସାଧୁ ବା ମାର୍ଜିତ ଶବ୍ଦ ଭାବେ ଅଭିହିତ କରିଥା'ନ୍ତି । ତତ୍ସମ ଶବ୍ଦାବଳୀରୁ କେତୋଟି ଦୃଷ୍ଟାନ୍ତ –

| | | |
|---|---|---|
| ଅନଳ | ଆମିଷ | ସୁଖ |
| ଅଭିନୟ | ନଦୀ | ଦୁଃଖ |
| ଅନୁଭବ | ଦଧି | ହସ |
| ଆକ୍ରୋଶ | ବାଷ୍ପ | ଗମନ |
| କବି | ସୂର୍ଯ୍ୟ | ମେଘ |
| କନ୍ୟା | ପ୍ରଭାତ | ଜଳ |
| କବିତା | ପକ୍ଷୀ | ସତ୍ୟ |
| ଅଗ୍ନି | ପର୍ବତ | ମଧୁର |
| କଚ୍ଛପ | ନିଦ୍ରା | ପୁଷ୍ପ |
| କୈବର୍ତ୍ତ | ସାଗର | ପିତା |
| କର୍କଟ | ଦେବାଳୟ | ମାତା |
| କୋମଳ | ଗୃହ | ସାଧୁ |
| କୁମାରୀ | ବୃକ୍ଷ | |
| କର୍ଣ୍ଣ | ବର୍ଷା | |
| ଗଭୀର | ଋତୁ | |
| ଘୃତ | ସନ୍ନ୍ୟାସୀ | |
| ଜ୍ୱର | ପୃଥିବୀ | |
| ମୃତ୍ତିକା | ଗ୍ରହ | |
| ବାମ | | |

**ତଦ୍ଭବ ଶବ୍ଦ** – ସଂସ୍କୃତ ଶବ୍ଦରୁ ସୃଷ୍ଟ ଶବ୍ଦ, ଯାହା ଆମ ଓଡ଼ିଆ ଭାଷାରେ ବ୍ୟବହାର ହୁଏ, ସେସବୁ ଶବ୍ଦକୁ ତଦ୍ଭବ ଶବ୍ଦ କୁହାଯାଏ । ସମୟର ତାଳେତାଳେ ଅନେକ ସଂସ୍କୃତ ଶବ୍ଦ ପରିବର୍ତ୍ତିତ ହୋଇ ଓଡ଼ିଆରେ ବ୍ୟବହାର ହୋଇଆସୁଛି । ଏହିସବୁ ଶବ୍ଦ କେତେକ ଆଲୋଚକ ମଧ୍ୟ ଅପଭ୍ରଂଶ ନାମରେ ନାମିତ କରିଥା'ନ୍ତି । ତଦ୍ଭବ ଶବ୍ଦାବଳୀରୁ କେତୋଟି ଉଦାହରଣ–

| | |
|---|---|
| ଅଗି | କାଉ |
| ଅଳତା | ଜର |

| | |
|---|---|
| କାଠ | ଚନ୍ଦ |
| କଇଁଛ | କୁଆଁରୀ |
| କେଉଟ | ଆଇଁଷ |
| କଙ୍କଡ଼ା | ଥନ |
| କଅଁଳ | ନଅ |
| ବାଆ | ଦହି |
| ନଈ | ଫେଣ |
| ଜୋଇଁ | ଗୋଠ |
| ମାଟି | ଘିଅ |

**ଦେଶଜ ଶବ୍ଦ** - ଓଡ଼ିଆ ଭାଷାର ଶବ୍ଦଭଣ୍ଡାରରେ ବହୁଖାଟି ଓଡ଼ିଆ ଶବ୍ଦର ସ୍ଥାନ ରହିଛି। ଏସବୁ ଶବ୍ଦ ଆମର ଏକାନ୍ତ ନିଜସ୍ୱ । ଏହା ଦେଶଜ ଶବ୍ଦ ଭାବେ ଖ୍ୟାତ। ଏସବୁ ଶବ୍ଦ ସଂସ୍କୃତ ପ୍ରଭାବିତ ନୁହେଁ କି ସଂସ୍କୃତ ଜାତ ନୁହେଁ । ଏହା ଆମ ଓଡ଼ିଆ ଶବ୍ଦ। ଯେମିତିକି-

| | | |
|---|---|---|
| ଅଗାଡ଼ି | ଛପର | ପାଇଟି |
| ଅଝଟ | ଛାଟ | ଅରୁଆ |
| ଅଡ଼ା | ଛୁଆ | ହେଁସ |
| ଅଳିଆ | ଛାଡ଼ଖାଇ | ନେତ |
| କୁଟା | ଜନ୍ଦା | ଦାଉ |
| କାଲ | ଜାଉ | ପଡ଼ା |
| ଖଡୁ | ଝମେଲା | ଠିକା |
| ଖଙ୍କାର | ଡମ | ଥକା |
| ଖୋଇ | ଠଣା | ଦରୋଟି |
| ଗାଲୁଆ | ଠାକରା | ଅଖାଡୁଆ |
| ଗିନା | ଠୁଙ୍ଗା | |
| ଗାଡ଼ିଆ | ଠୋଲା | |
| ଗୋଟମା | ଟୋକେଇ | |
| ଚଳ | ଟୋପର | |
| ଚଉଳ | ଥନ୍ତଲ | |
| ଚୁଆ | ଡଉଲଡାଉଲ | |
| ଚିମୁଟା | ଧଡ଼ି | |
| ଚେର | ଥୋଡ଼ି | |
| ଛଟକ | ଭାଡ଼ି | |

**ବୈଦେଶିକ ଶବ୍ଦ / ଆଗନ୍ତୁକ ଶବ୍ଦ**

ଭାଷାର ପ୍ରଭାବ ବା ପ୍ରବେଶ ମୁଖ୍ୟତଃ ଶାସନଗତ, ବାଣିଜ୍ୟ ବ୍ୟବସାୟଗତ ଓ ଧର୍ମ ପ୍ରଚାରଗତ ହୋଇଥିଲେ ହେଁ, ବିଭିନ୍ନ ପାର୍ଶ୍ୱ, ପରୋକ୍ଷ କାରଣ ମଧ୍ୟ ରହିଛି। ଆମେ ଆମ ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାରକୁ ତର୍ଜମା କଲେ ବିଭିନ୍ନ ଭାଷା, ବିଶେଷତଃ ବୈଦେଶିକ ଭାଷାର ବହୁ ଶବ୍ଦ ଆମ ଭାଷାରେ ପ୍ରବେଶ କରିଥିବାର ଦେଖାଯାଏ । ଯେମିତିକି-

**ତୁର୍କୀ ଶବ୍ଦ**

| | | |
|---|---|---|
| କଇଁଚି | ବାରୁଦ | କୁଲି |
| କୁଲି | ବାହାଦୁର | କାବୁ |
| ଗାଲିଚ | ବେଗମ | ଚକୁ |

| | | |
|---|---|---|
| ତୋପ | ମୁଛଲିକା | ଦାରୋଗା |
| ବନ୍ଧୁକ | କୁର୍ତ୍ତା | ଛକୁ |
| ଆଛର | ଗସ୍ତ | ବୋତଲ |
| ଆତ | ଛବି | କଫି |
| ଆଲମାରି | ପିସ୍ତଲ | ମିସ୍ତ୍ରି |
| ଇସ୍ତ୍ରୀ | ତମାଖୁ | ଗାଙ୍ଗୁଲା |
| ଇସ୍ପାତ | ନିଲାମ | ପପେୟା |
| କାଜୁ | ଫିତା | ବାଲ୍‌ଟି |
| କୋବି | ଫିରିଙ୍ଗି | |
| କାମିଜ | ବେହେଲା | |
| କିରାଣି | ବାସନ | |

**ପାର୍ସୀ ଶବ୍ଦ**

| | | |
|---|---|---|
| ଅଙ୍ଗୁର | ଗରିବ | ତରକାରି |
| ଆଜାଦ | ଗୁମାସ୍ତା | ତାରିଖ |
| ଆବାଜ | ଗିରଫ | ଦରଖାସ୍ତ |

**ପର୍ତ୍ତୁଗୀଜ ଶବ୍ଦ**

| | | |
|---|---|---|
| ଆମଦାନି | ଖାନସମା | ଦରକାର |
| ଖପା | ଗୁମାନ | ତଲାସ |
| ଖାତା | ଚପରାସୀ | ଦରଜି |
| କବଲା | ଚଷମା | ନମୁନା |
| କାଗଜ | ଛବୁକ | ନରମ |
| କୁରୁତା | ଛଲାକ | ପତ୍ତା |
| କିସ୍ତି | | |

**ଆରବୀ ଶବ୍ଦ**

| | | | |
|---|---|---|---|
| ଅମଲ | ଓଜନ | ଗାଏବ | ଫସଲ |
| ଅମିନ | କଏଦୀ | ଜାମିନ | ଫାଇଦା |
| ଅଦାଲତ | କଲିଜା | ଜମି | ଫିକର |
| ଅଛନକ | କାଇଦା | ଜମିଦାର | ବରାବର |
| ଅସଲ | କାଏମ | ଜାରି | ମାମୁଲି |
| ଅସୁଲ | କାନୁନ | ଜୁଲମ | ମୁଲକ |
| ଅର୍ଜି | କିସମ | ଜହର | ହଇରାଣ |
| ଆଇନା | କବର | ତଦାରଖ | ସର୍ବତ |
| ଇସାରା | କିତାବ | ତାମସା | ସଲାମ |
| ଇଲାକା | ଖାତିର | ତର୍ଜମା | ସରଞ୍ଜାମ |
| ଇସ୍ତଫା | ଖାଲି | ନଗଦ | |
| ଏତଲା | ଖତମ | ନାରାଜ | |
| ଓରଫ | ଖାରଜ | ମସଲା | |

**ଇଂରାଜୀ ଶବ୍ଦ**

କଂପ୍ୟୁଟର, ଲାପ୍‌ଟପ, ପେନ୍, ପେପର୍, ରବର, ପେନ୍‌ସିଲ୍, ଡ୍ରେସ୍, ଫାଇଲ୍, ମିଟିଙ୍ଗ୍, ମାଇକ, ଚେୟାର, ଟେବୁଲ୍, ବାଇକ୍, ମୋବାଇଲ୍, ଅଡ଼ିଟ୍, ଅପିଲ, ଅପରେସନ୍, ଆଉଟ, ଆଉଟ୍‌ଡୋର, ଇଞ୍ଜିନ, ଇନ୍‌କମ, ଇଞ୍ଜିନିୟର, ଇନ୍ସପେକ୍ଟର, କାର୍, କୋର୍ଟ, କ୍ଲର୍କ, କଙ୍କ୍ରିଟ୍, କ୍ଲାସ୍, କୁପନ, କାର୍ଡ, କପ୍, ପ୍ଲେଟ୍, କଲେଜ, ସ୍କୁଲ, ଚକ୍, ଡଷ୍ଟର, ବ୍ଲାକ୍‌ବୋର୍ଡ଼, ଟିକେଟ୍, କ୍ଲବ୍,

ଚକୋଲେଟ୍, ଟାଇମ୍, ଟାୟାର, ଟାଉନ, ଟିଉବ, ଥିଏଟର, ସିନେମା, ପାଉଡ଼ର, ପାଇପ, ଫାଇଟ୍, ନୋଟିସ୍, ନର୍ସ, ନମ୍ବର, ମେସିନ, ମିଟର, ଟିଭି, ଷ୍ଟେସନ, ହଷ୍ଟେଲ, ହୋଟେଲ, ମେଡ଼ିକାଲ, ଡ୍ରାମା, ପାର୍କ । ବ୍ୟାଗ୍, ହାର୍ଡକପି, ସଫ୍ଟକପି, ଭାଇରସ୍, ଇ[ିରନେଟ୍, ଏକ୍ସରେ, ଭିଟାମିନ୍, ଭାଇରାଲ୍, ଅନ୍‌ଲାଇନ୍, ଲଗଇନ୍, ପାସ୍‌ୱାର୍ଡ଼, ଭିଟାମିନ୍, ପ୍ରୋଟିନ୍ ଭଳି ବହୁ ଇଂରାଜୀ ଶବ୍ଦ ଇଂରାଜୀ ଭାଷାରୁ ଆସିଥିଲେ ବି ଏବେ ଆମ ଭାଷାରେ ପ୍ରଚଳିତ ।

ଅନ୍ୟ ବୈଦେଶିକ ଭାଷାରୁ ଆସିଥିବା ବା ଆହରଣ କରାଯାଇଥିବା ଶବ୍ଦ ଗୁଡ଼ିକୁ ଆମେ ବୈଦେଶିକ ଶବ୍ଦ କହିଥାଉ । ଏହାକୁ ମଧ୍ୟ ଆହୁତ/ ଆଗନ୍ତୁକ ଶବ୍ଦ କହିପାରିବା। ବ୍ୟବସାୟ ବାଣିଜ୍ୟ ଅଥବା ଧର୍ମପ୍ରଚାର ମାଧ୍ୟମରେ ବହୁ ବିଦେଶୀ ଶବ୍ଦ ଆମ ଶବ୍ଦ ଭଣ୍ଡାରରେ ପ୍ରବେଶ କରିଛି । ଏତଦ୍‌ବ୍ୟତୀତ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଦ୍ରୁତ ଅଗ୍ରଗତି ଓ ଯୋଗାଯୋଗର ବ୍ୟାପକତା ପାଇଁ ବହୁ ନୂଆ ବିଦେଶୀ ଶବ୍ଦ ଆମ ଭାଷାରେ ପ୍ରବେଶ କରିବା ସହ ପ୍ରୟୋଗ କରାଯାଉଛି । ବିଦେଶରୁ ବା ବିଦେଶୀ ଭାଷାରୁ ଅ ।ସି ଆମ ବ୍ୟବହାରରେ ଆସୁଥିବା, ଆମର ହୋଇଯାଇଥିବା ଏହି ଶବ୍ଦଗୁଡ଼ିକ ଆମେ ବୈଦେଶିକ ବା ଆହୁତି ଶବ୍ଦାବଳୀ ଭାବେ ଆମ ଶବ୍ଦ ଭଣ୍ଡାରରେ ସ୍ଥାନିତ କରିଛେ । ଆମ ଭାଷାର ସମୃଦ୍ଧି ଓ ସୌନ୍ଦର୍ଯ୍ୟ ବୃଦ୍ଧିରେ ଏସବୁ ଶବ୍ଦର ଅବଦାନ ଅନସ୍ୱୀକାର୍ଯ୍ୟ । ଏସବୁ ଶବ୍ଦ ବୈଦେଶିକ ଶବ୍ଦ ପର୍ଯ୍ୟାୟଭୁକ୍ତ ହୋଇଥିଲେ ହେଁ ଆମର ଏକାନ୍ତ ନିଜସ୍ୱ ହୋଇଯାଇଛି । ତତ୍‌ସମ, ତଦ୍‌ଭବ, ଦେଶଜ ଶବ୍ଦାବଳୀ ଭଳି ବୈଦେଶିକ ଆମ ଭାଷାର ସଂପଦ ସଦୃଶ । ଆମେ ଦୈନନ୍ଦିନ ଏସବୁ ଶବ୍ଦ ଆବଶ୍ୟକ ଅନୁସାରେ ପ୍ରୟୋଗ କରୁ ।

## ସମାର୍ଥବୋଧକ ଶବ୍ଦ

ଅଗ୍ନି- ଅନଳ, ନିଆଁ, ଦହନ, ବହ୍ନି, ହୁତାଶନ ।
ଅମୃତ- ସୁଧା, ପୀୟୁଷ, ଅମିୟ ।
ଅସୁର- ଦୈତ୍ୟ, ଦାନବ, ରାକ୍ଷସ ।
ଆକାଶ- ଅମ୍ବର, ଗଗନ, ନଭ, ବ୍ୟୋମ, ଅନ୍ତରୀକ୍ଷ ।
ଆଖି- ନୟନ, ଲୋଚନ, ନେତ୍ର, ଚକ୍ଷୁ, ଦୃଷ୍ଟି ।
ଆନନ୍ଦ- ଆମୋଦ, ଆହ୍ଲାଦ, ଉଲ୍ଲାସ ।
ଇଚ୍ଛା- ଆକାଂକ୍ଷା, ଅଭିଳାଷ, ଆଗ୍ରହ, କାମନା, ବାସନା ।
ଦେବତା- ବିବୁଧ, ସୁର, ଅମର୍ତ୍ତ୍ୟ ।
ଗଣେଶ- ଗଜାନନ, ଲମ୍ବୋଦର, ବିଘ୍ନରାଜ, ବିନାୟକ, ଗଣପତି,ଏକଦନ୍ତ ।
ଚନ୍ଦ୍ର- ଜହ୍ନ, ଇନ୍ଦୁ, ହିମାଂଶୁ, ଶଶଧର, ସୁଧାଂଶୁ, ଶୁଭ୍ରାଂଶୁ ।
ସରସ୍ୱତୀ- ବୀଣାପାଣି, ଭାରତୀ, ବ୍ରାହ୍ମୀ, ବାଗ୍ ଦେବୀ ।
ପଦ୍ମ- କମଳ, ପଙ୍କଜ, ଅରବିନ୍ଦ, ନଳିନୀ, ସରୋଜ ।
ସୂର୍ଯ୍ୟ- ଆଦିତ୍ୟ, ଭାସ୍କର, ଦିବାକର, ମିହିର, ତପନ, ରବି ।
ରାତି- ନିଶା, ରଜନୀ, ଯାମିନୀ, ଶର୍ବରୀ, ବିଭାବରୀ ।
ପାଣି- ଜଳ,ନୀର, ବାରି, ଅମ୍ବୁ, ପୟ, ଜୀବନ ।
ପୃଥିବୀ- ଧରଣୀ, ଧରିତ୍ରୀ, ଧରା, ବସୁଧା, ବସୁନ୍ଧରା, ମେଦିନୀ ।
ଘର- ସଦନ, ନିକେତନ, ଭବନ, ନିଳୟ, ଗୃହ ।
ଧଳା- ଧବଳ, ଶୁଭ୍ର, ଶ୍ୱେତ, ଶୁକ୍ଳ ।
ଝିଅ- କନ୍ୟା, ଦୁହିତା, ତନୟା ।
ଚଢ଼େଇ- ପକ୍ଷୀ, ଖଗ, ବିହଙ୍ଗ, ବିହଗ ।
ମେଘ- ବାଦଲ, କାଦମ୍ବିନୀ, ବାରିଦ, ଜଳଦ, ଜୀମୂତ, ଘନ, ଜଳଧର ।
ବିଦ୍ୟୁତ୍- ଚପଳା, ବିଜୁଳି, କ୍ଷଣପ୍ରଭା, ସୌଦାମିନୀ ।
ସ୍ତ୍ରୀ- ଜାୟା, ପତ୍ନୀ, ଘରଣୀ, ଗୃହିଣୀ, ଅର୍ଦ୍ଧାଙ୍ଗିନୀ ।
ସମୁଦ୍ର- ସାଗର, ସିନ୍ଧୁ, ମହୋଦଧି, ପାରାବାର ।
ପୋଖରୀ- ସର, ସରସୀ, ପୁଷ୍କରିଣୀ ।
ଗଛ- ପାଦପ, ଦ୍ରୁମ, ବୃକ୍ଷ,ମହୀରୁହ, ତରୁ ।

ସୁନ୍ଦର- ଶୋଭନ, ମଞ୍ଜୁଳ, ମନୋହର, ସୁଷମ, ଚାରୁ ।
ନାରୀ- ଅବଳା, ବାମା, ବନିତା, ମହିଳା, ସ୍ତ୍ରୀ ।
ନଦୀ- ତଟିନୀ, ତରଙ୍ଗିଣୀ, ସ୍ରୋତସ୍ୱିନୀ, ନିମ୍ନଗା, ସରିତ୍ ।
ପବନ- ବାୟୁ, ଅନଳ, ସମୀର, ସମୀରଣ, ବାତ ।
କିରଣ- ଅଂଶୁ, ମୟୂଖ, କର, ରଶ୍ମି, ପ୍ରଭା ।
ଆଖି- ଚକ୍ଷୁ, ଲୋଚନ, ନୟନ, ନେତ୍ର, ଅକ୍ଷି ।
ଅଗ୍ନି - ହୁତାଶନ, ଚିତ୍ରଭାନୁ, ଅନଳ, ପାବକ, ବହ୍ନି ।
ଇଚ୍ଛା- ବାଞ୍ଛା, ସ୍ପୃହା, ଅଭିଳାଷ, ଆକାଙ୍କ୍ଷା, ବାସନା ।
ପଦ୍ମ- କମଳ, ପଙ୍କଜ, ଉତ୍ପଳ, ନଳିନୀ, ସରୋଜ ।
ହାତୀ- ଗଜ, ହସ୍ତୀ, କରୀ, କୁଞ୍ଜର, ମାତଙ୍ଗ ।
ଲକ୍ଷ୍ମୀ- କମଳା, ପଦ୍ମା, ପଦ୍ମାଳୟା, ରମା, ଇନ୍ଦିରା ।

(ଏହିପରି ଅନେକ ଶବ୍ଦ ଆମେ ଗୋଟିଏ ଅର୍ଥରେ ବ୍ୟବହାର କରିଥାଉ। ଏହାକୁ ପ୍ରତିଶବ୍ଦ ବା ପର୍ଯ୍ୟାୟବାଚକ ଶବ୍ଦ ମଧ୍ୟ କୁହାଯାଇଥାଏ । )

## ବିପରୀତାର୍ଥବୋଧକ ଶବ୍ଦ

ଅଗ - ମୂଳ
ଅନ୍ଧାର - ଆଲୁଅ
ଅସୀମ - ସସୀମ
ଅପଚୟ - ଉପଚୟ
ଅନୁକୂଳ - ପ୍ରତିକୂଳ
ଅମୃତ - ବିଷ
ଅଳ୍ପ - ଅଧିକ
ଅର୍ଥ - ଅନର୍ଥ
ଅସଲ - ନକଲ
ଆକାଶ - ପାତାଳ
ଆଗମନ - ପ୍ରତ୍ୟାଗମନ
ଆରମ୍ଭ - ଶେଷ
ଆସ୍ଥା - ଅନାସ୍ଥା
ଆବାହନ - ବିସର୍ଜନ
ଆବିଳ - ଅନାବିଳ
ଆମଦାନି - ରପ୍ତାନି
ଆମିଷ - ନିରାମିଷ
ଆୟ - ବ୍ୟୟ
ଆଶୀର୍ବାଦ - ଅଭିଶାପ
ଆସ୍ତିକ - ନାସ୍ତିକ
ଇହ - ପର
ଉତ୍କର୍ଷ - ଅପକର୍ଷ
ଉଠାଣି - ଗଡ଼ାଣି
ଉଦୟ - ଅସ୍ତ
ଉଦାର - ଅନୁଦାର
ଉନ୍ନତି - ଅବନତି
ଉପକାର - ଅପକାର
ଉଭା - ପୋତା
ଏକ - ଅନେକ
ଓଦା - ଶୁଖିଲା
କଂଚା - ପାଚିଲା
କିଣା - ବିକା
କୋମଳ - କଠୋର
କୃତଜ୍ଞ - କୃତଘ୍ନ
ଖାଣ୍ଟି - ଭେଜାଲ
ଖାଲ - ଢିପ
ଛୋଟ - ବଡ଼
ଜଣା - ଅଜଣା
ଜମା - ଖର୍ଚ୍ଚ
ଜୟ - ପରାଜୟ
ଜଳ - ସ୍ଥଳ
ଜାତ - ମୃତ
ଜୁଆର - ଭଟ୍ଟା

## ବିପରୀତାର୍ଥବୋଧକ ଯୁଗ୍ମଶବ୍ଦ

| | | |
|---|---|---|
| ଅସଲନକଲ | ଖାଲ ଢିପ | ଭଲ ଭେଲ |
| ଅରୁଆ ଉଷୁନା | ଗୁରୁ ଚେଲା | ଭିତର ବାହାର |
| ଅଗ ମୂଳ | ଜାତି ଅଜାତି | ଖଟା ମିଠା |
| ଆକାଶ ପାତାଳ | ଥଣ୍ଡା ଗରମ | ସତ ମିଛ |
| ଆଦି ଅନ୍ତ | ସୁଖ ଦୁଃଖ | ନ୍ୟାୟ ଅନ୍ୟାୟ |
| ଆଗ ପଛ | ଦିଆ ନିଆ | କଞ୍ଚା ପାଚିଲା |
| ଉପର ତଳ | ପାପ ପୁଣ୍ୟ | ହସ କାନ୍ଦ |
| ଉଭା ପୋତା | ସଜ ବାସି | |
| କଳା ଧଳା | ହାନି ଲାଭ | |

## ପରିମାଣବାଚକ ଯୁଗ୍ମଶବ୍ଦ

| | |
|---|---|
| କାନ୍ଧିଏ କଦଳୀ | କଂସାଏ ପଖାଳ |
| କଡ଼ାଏ ପାନ | ପାନେ ଔଷଦ |
| ଫେଣାଏ କଦଳୀ | ହଳେ ବଳଦ |
| ମୁଠେ ଚାଉଳ | ମୁନ୍ଦିଏ ଜଳ |
| ଗୋଠେ ଗାଈ | କଣିକାଏ ନିର୍ମାଲ୍ୟ |
| ପଲେ ହାତୀ | ପଟେ ନିଶ |
| କାତେ ପାଣି | ଗୋଛେ ବାଳ |
| ଖିଏ ସୂତା | କେରାଏ ଦୁବ |
| ଗିଲାସେ ଦୁଧ | ମେଞ୍ଚେ କାଦୁଅ |
| ଟେଳାଏ ମାଟି | ବିଡ଼ାଏ ଘାସ |

## ଗୋଟିଏ ପ୍ରକାରର କ୍ରିୟାର ବ୍ୟବହାରରେ ଗଠିତ ଯୁଗ୍ମଶବ୍ଦ

| | |
|---|---|
| ଦେଖାଦେଖି | ମରାମରି |
| ଲେଖାଲେଖି | କଷାକଷି |
| ପିଟାପିଟି | ଲଗାଲଗି |
| ଧରାଧରି | ଗୋଡ଼ାଗୋଡ଼ି |
| କୁହାକୁହି | ଡିଆଁଡେଇଁ |
| କଟାକଟି | ହସାହସି |
| ବଢ଼ାବଢ଼ି | ଠେଲାଠେଲି |
| ଫଟାଫଟି | ପୋଛାପୋଛି |
| ଭଙ୍ଗାଭଙ୍ଗି | ଥୁଆଥୋଇ |
| ହଣାହଣି | ଖେଞ୍ଚାଖେଞ୍ଚି |

## ସମାନ କ୍ରିୟା ବା ଶବ୍ଦର ଦ୍ୱିରୁକ୍ତି ଦ୍ୱାରା ଗଠିତ ଯୁଗ୍ମଶବ୍ଦ

| | |
|---|---|
| ଜଳଜଳ | କନକନ |
| ଛଳଛଳ | ଥରଥର |
| ଢଳଢଳ | ତରତର |
| ହସିହସି | ଜରଜର |
| ବଲବଲ | ଯାଇଯାଇ |

| | |
|---|---|
| ରହିରହି | କାନ୍ଦିକାନ୍ଦି |
| ଘରଘର | ହସହସ |
| କିଟିକିଟି | ଖାଇଖାଇ |
| ଦେଇଦେଇ | ଛନଛନ |
| ନେଇନେଇ | ନାଚିନାଚି |

## ସମାନଅର୍ଥବୋଧକ ଦୁଇ ଶବ୍ଦର ସଂଯୋଗରେ ଗଠିତ ଯୁଗ୍ମଶବ୍ଦ

| | |
|---|---|
| ଅସ୍ତ୍ରଶସ୍ତ୍ର | ବୁଦ୍ଧିଶୁଦ୍ଧି |
| କଥାବାର୍ତ୍ତା | ମତିଗତି |
| କୂଅପୋଖରୀ | ବେପାରବଣିଜ |
| ଗୋରୁଗାଈ | ବନ୍ଧୁବାନ୍ଧବ |
| ଆଖପାଖ | ବାଧାବିଘ୍ନ |
| ଧାନଚାଉଳ | ପାଟିତୁଣ୍ଡ |
| ଟଙ୍କାପଇସା | ଧାରଉଧାର |
| ଜୀବଜନ୍ତୁ | ମାୟାମମତା |
| ଝଡ଼ାଫୁଙ୍କା | ଘଷାମଜା |
| ଯାନବାହନ | ଫଳମୂଳ |
| ନଈନାଳ | ପାଣିପଣା |
| ଦିଅଁଦେବତା | ଥଟ୍ଟାତାମସା |

ଦାନଧର୍ମ *(ଏହିସବୁ ଯୁଗ୍ମଶବ୍ଦକୁ ମଧ୍ୟ ଆମେ ଆପେକ୍ଷିକ ଯୁଗ୍ମଶବ୍ଦ କହିପାରିବା । )

## ସାର୍ଥକ ଓ ନିରର୍ଥକ ଶବ୍ଦଯୁଗଳରେ ଗଠିତ ଯୁଗ୍ମଶବ୍ଦ

| | |
|---|---|
| ଅନ୍ଦିକନ୍ଦି | ଥରହର |
| ଆଖପାଖ | ଡକାହକା |
| ଆବାକାବା | ଥରହର |
| କନ୍ଦାକଟା | ଭୋଗରାଗ |
| କାମଦାମ | ଢଙ୍ଗଢାଙ୍ଗ |
| ଗପସପ | ମାପଚୁପ |
| ପେଟପାଟଣା | ଛୁଆଁଛୁତି |
| ମସଲାମସଲି | ଲଣ୍ଡଭଣ୍ଡ |

*(ଏହିସବୁ ଯୁଗ୍ମଶବ୍ଦକୁ ମଧ୍ୟ ଆମେ ଅର୍ଥହୀନ ଯୁଗ୍ମଶବ୍ଦ କହିପାରିବା ।)

## ଧ୍ୱନ୍ୟାତ୍ମକ ଯୁଗ୍ମଶବ୍ଦ

| | |
|---|---|
| କଇଁକଇଁ | ଧଡ଼ଧଡ଼ |
| ଖଡ଼ଖାଡ଼ | ସାଇଁସାଇଁ |
| ଖସ୍‌ଖାସ୍ | ସିରିସିରି |
| ମଡ଼୍‌ମଡ଼୍ | ଢାଉଁଢାଁଉଁ |
| ଫଟ୍‌ଫଟ୍ | ଡିବିଡିବି |
| ଠକ୍‌ଠକ୍ | ଛୁକ୍‌ଛୁକ୍ |
| ଠନ୍‌ଠନ୍ | ଝାଇଁଝାଇଁ |

| | |
|---|---|
| ଗଁ ଗଁ | ଠୁକୁଠୁକୁ |
| ସୁସୁ | ଧୂମ୍‌ଧାମ୍ |
| ଘୁଘୁ | ଝରଝର |

## ସମୋଚ୍ଚାରିତ ଶବ୍ଦ

| | | | | | |
|---|---|---|---|---|---|
| ଅଂସ | - | କାନ୍ଧ | ଚୁଡ଼ା | - | ଖାଦ୍ୟବିଶେଷ |
| ଅଂଶ | - | ଭାଗ | ଚୂଡ଼ା | - | ଶୀର୍ଷ, ଅଗ୍ରଭାଗ |
| କୁଳ | - | ବଂଶ | ଜମକ | - | ଆଡ଼ମ୍ବର |
| କୂଳ | - | ତଟ | ଯମକ | - | ଅଳଙ୍କାର |
| ଦିନ | - | ଦିବସ | ଜାତ | - | ଜନ୍ମ |
| ଦୀନ | - | ଦରିଦ୍ର | ଯାତ | - | ଯାତ୍ରା |
| ବିଷ | - | ଗରଳ | ପୁତ | - | ପୁଅ |
| ବିସ | - | ପଦ୍ମନାଡ଼ | ପୂତ | - | ପବିତ୍ର |
| ବଳୀ | - | ବଳବାନ | ବେଳା | - | ସମୁଦ୍ରକୂଳ |
| ବଳି | - | ପୂଜାସାମଗ୍ରୀ | ବେଳା | - | ସମୟ |
| ନିତି | - | ସବୁଦିନ | ସମ | - | ସମାନ |
| ନୀତି | - | ବିଧି, ନିୟମ | ଶମ | - | ଶାନ୍ତି |
| ଶର | - | ତୀର | ସାପ | - | ସର୍ପ, ସରୀସୃପ |
| ସର | - | କ୍ଷୀରସର | ଶାପ | - | ଅଭିଶାପ |
| ସୁର | - | ଦେବତା | ସ୍କନ୍ଦ | - | କାର୍ତ୍ତିକେୟ |
| ଶୂର | - | ବୀର | ସ୍କନ୍ଧ | - | କାନ୍ଧ |
| ସକଳ | - | ସମସ୍ତ | ସୂଚି | - | ଛୁଂଚ |
| ଶକଳ | - | ଖଣ୍ଡ | ଶୁଚି | - | ପବିତ୍ର |
| ସଂକର | - | ମିଶ୍ରିତ | ଅସି | - | ଖଣ୍ଡା |
| ଶଙ୍କର | - | ଶିବ | ଅଶୀ | - | ସଂଖ୍ୟାବିଶେଷ |
| ଆଭାଷ | - | ଭାଷଣ | ଆଭାସ | - | ଇଙ୍ଗିତ |

## ଭିନ୍ନାର୍ଥବୋଧକ ଶବ୍ଦ

ଓଡ଼ିଆ ଭାଷାରେ ଏମିତି ଗୋଟିଏ ଗୋଟିଏ ଶବ୍ଦର ବ୍ୟବହାର ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ବା ଅନେକ ଅର୍ଥ ଅଛି । ଏହିସବୁ ଶବ୍ଦକୁ ଭିନ୍ନାର୍ଥବୋଧକ ବା ଅନେକାର୍ଥବୋଧକ ଶବ୍ଦ କୁହାଯାଇଥାଏ ।

ଅଙ୍କ- ସଂଖ୍ୟା, ଗଣିତ, କୋଳ,କଳଙ୍କ, ନାଟକର ଅଂଶ ।
ଗୁରୁ- ଶିକ୍ଷକ, ଶ୍ରେଷ୍ଠ, ଓଜନିଆ. ବୃହସ୍ପତି, ପିତା ।
ମଧୁ- ମହୁ, ମଧୁର, ଫୁଲରସ, ମଦ, ବସନ୍ତ ।
ଅଜା- ମା' ବା ବୋଉଙ୍କ ବାପା, ମାଇଛେଳି ।
ଅର୍ଥ- ଧନ, ଉଦ୍ଦେଶ୍ୟ, ମୁଦ୍ରା, ପ୍ରୟୋଜନ, ତାତ୍ପର୍ଯ୍ୟ ।
କଟକ- ନଗର, ଶିବିର, ଦୁର୍ଗ, ବଳୟ, ରାଜଧାନୀ ।
ଘନ- ବହଳ, ଜମାଟ, ନିବିଡ଼, ମେଘ ।
ଛନ୍ଦ- ଛଳନା(କପଟ), ପଦ୍ୟର ରାଗ, ଗାଈଗୋରୁଙ୍କ ଗୋଡ଼ରେ ବନ୍ଧା ଦଉଡ଼ି ।
ଭୂତ- ଅତୀତ, ପରିଣତ, ପ୍ରେତ, ପ୍ରାଣୀ, ପଂଚମହାଭୂତ ।

ବର- ସ୍ୱାମୀ, ବୃକ୍ଷବିଶେଷ, ଶ୍ରେଷ୍ଠ, ଉତ୍କୃଷ୍ଟ, ଆଶୀର୍ବାଦ ।
ଯୋଗ- ମିଶାଣ, ମିଳନ, ସମ୍ପର୍କ, ଶୁଭକାଳ, ଧ୍ୟାନ ବା ତପସ୍ୟା ।
ଶ୍ରୀ- ସୌନ୍ଦର୍ଯ୍ୟ, ସୌଭାଗ୍ୟ, ସରସ୍ୱତୀ, ଲକ୍ଷ୍ମୀ, ଐଶ୍ୱର୍ଯ୍ୟ ।
ହରି- ବିଷ୍ଣୁ, ଚନ୍ଦ୍ର, ସିଂହ, ମୟୂର, ସୂର୍ଯ୍ୟ ।
ଦଣ୍ଡ- ଶାସ୍ତି, ଜୋରିମାନା, ବ୍ୟାୟାମ ବିଶେଷ, ଯଷ୍ଟି, ମୁହୂର୍ତ୍ତ ।
କାଳ- ସମୟ, ଯମ, ମୃତ୍ୟୁ, କ୍ରିୟାର ସମୟଜ୍ଞାପକ ବିଭାଗ ।

ଭାଷା ପରିବପରିବର୍ତ୍ତନଶୀର୍ଳନଶୀଳ । ଆମ ଭାଷାରେ ବ୍ୟବହାର ହେଉଥିବା ଶବ୍ଦ ଓ ଶବ୍ଦାର୍ଥର ପ୍ରୟୋଗରୀତି ସମୟାନୁସାରେ ସର୍ବଦା ପରିବ ର୍ନଶୀଳ । ଭାଷାରେ ଅର୍ଥ ପରିବ ର୍ନ ବି ଏ ସ୍ୱାଭାବିକ ପ୍ରକ୍ରିୟା । ଭାଷାର ଅର୍ଥ ବିଶ୍ଳେଷଣ ମାଧ୍ୟମରେ ଭାଷାରେ ବ୍ୟବହାର ହେଉଥିବା ଶବ୍ଦଗୁଡ଼ିକର ସଙ୍କୋଚନ, ସଂପ୍ରସାରଣ, ଲୋପ ଓ ଆଗମ ଆଦି ପଦ୍ଧତି ଅନୁସାରେ ଶବ୍ଦ ପ୍ରୟୋଗରେ ଅର୍ଥ ପରିବର୍ତ୍ତନ ବିଷୟରେ ଆଲୋଚନା ହୋଇଥାଏ। ଶବ୍ଦର ଅନ୍ତର୍ନିହିତ ରୂପ ତାହାର ଅର୍ଥ । ଶବ୍ଦର ଅର୍ଥ ତାହାର ପ୍ରୟୋଗରୁ ହିଁ ପ୍ରକାଶ ପାଇଥାଏ ।

ଶବ୍ଦ ସାଧାରଣତଃ ଏକ ବ୍ୟାକରଣିକ ଉପାଦାନ । ଆମ ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ଶବ୍ଦର ଗଠନ ପଦ୍ଧତିକୁ ରୂପତାତ୍ତ୍ୱିକ (ଗକ୍ଟକ୍ସକ୍ଷକ୍ଷକ୍ଟକ୍ଷକ୍ଟଶସମବକ୍ଷ) ଆଧାରରେ ବର୍ଣ୍ଣନା ଓ ବିଶ୍ଳେଷଣ କରାଯାଇଛି ଯଥା: ମୁକ୍ତରୂପ (Morph) ଓ ବଦ୍ଧରୂପ (Suffix) । ଅର୍ଥପୂର୍ଣ୍ଣ ମୁକ୍ତରୂପ ହେଉଛି ଶବ୍ଦ । ମୁକ୍ତରୂପ ସହ ପ୍ରତ୍ୟୟ ଯୋଗ କରାଯାଇ ନୂଆ ଶବ୍ଦ ଗଠନ କରାଗଲେ ତାହା ବଦ୍ଧରୂପ । ଶବ୍ଦଗଠନ ଅନୁସାରେ ଓଡ଼ିଆ ଶବ୍ଦଗୁଡ଼ିକ ତିନିପ୍ରକାରର । ଯେମିତିକି (କ) ସରଳଶବ୍ଦ (ଘର, ବାଡ଼ି, ଗଛ), (ଖ) ଜଟିଳ ଶବ୍ଦ(ଘରୁଆ, ବାଡ଼ିରେ, ଗଛରୁ), (ଗ) ଯୌଗିକ ଶବ୍ଦ- ବ୍ୟାକରଣ ବହି, ଜୀବନ ସାଥୀ, ବର୍ଷାଦିନିଆ ଛତ୍ର । ଓଡ଼ିଆରେ ବ୍ୟବହାର ହେଉଥିବା ଶବ୍ଦ ଶ୍ରେଣୀ ବାକ୍ୟତାତ୍ତ୍ୱିକ(Syntactic) ଆଧାରରେ ତିନିପ୍ରକାର । ଯଥା- କ) ବିଶେଷ୍ୟ, ସର୍ବନାମ, ବିଶେଷଣ, ଖ) କ୍ରିୟା, ଗ) କ୍ରିୟାବିଶେଷଣ ଓ ଅବ୍ୟୟ । ପାରଂପରିକ ବ୍ୟାକରଣିକ ବିଚାରରେ ଓଡ଼ିଆ ଶବ୍ଦଗୁଡ଼ିକ ତତ୍‌ସମ, ତଦ୍‌ଭବ, ଦେଶଜ, ବୈଦେଶିକ ବା ଯାବନିକ କ୍ରମରେ ଚାରିଭାଗରେ ବିଭକ୍ତ । ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ଷଷ୍ଠଖଣ୍ଡ, ୭୫୬୦ ପୃଷ୍ଠାରେ ଉଲ୍ଲେଖ ଅଛି- "ଶବ୍ଦ ହେଉଛି ବିଭକ୍ତି ରହିତନାମ, ଅର୍ଥବୋଧକ ଧ୍ୱନି, ଶବ୍ଦ ବାକ୍ୟରେ ଅଙ୍ଗବାକ୍ୟ, ଶବ୍ଦର ଶରୀର ଏବଂ ଧାତୁଆଦି ସଙ୍ଗେ ଉପସର୍ଗ, ଉପପଦ ବା ପ୍ରତ୍ୟୟାଦି ଯୁକ୍ତ କରାଯାଇ ଶବ୍ଦ ଉତ୍ପନ୍ନ କରାଯାଏ ଓ ଉକ୍ତ ମୌଳିକ ଶବ୍ଦ ଭିନ୍ନ ଭିନ୍ନ ବିଭକ୍ତି, ଲିଙ୍ଗ, ବଚନ ଓ କାରକରେ ଭିନ୍ନ ଭିନ୍ନ ରୂପ ଧାରଣ କରେ ଏବଂ ମୂଳ ଶବ୍ଦରେ ବିଭକ୍ତିଯୁକ୍ତ ହେଲେ ତାହା ପଦ ହୁଏ । ଶବ୍ଦ ପ୍ରୟୋଗରେ ଶବ୍ଦର ଭିନ୍ନ ଭିନ୍ନ ଅର୍ଥକୁ ଆଧାର କରି ଶବ୍ଦ ବିଭାଗଗୁଡ଼ିକ ହେଉଛି-୧) ସମୋଚ୍ଚାରିତ ଭିନ୍ନାର୍ଥକ ଶବ୍ଦ, ୨) ଅନେକାର୍ଥକ ଶବ୍ଦ, ୩) ବିପରୀତାର୍ଥବୋଧକ ଶବ୍ଦ, ୪) ଏକାର୍ଥବୋଧକ ଶବ୍ଦ ବା ପ୍ରତିଶବ୍ଦ , ୫) ବିଭିନ୍ନ ଅର୍ଥରେ କ୍ରିୟା ଶବ୍ଦର ପ୍ରୟୋଗ , ୬) ଯୌଗିକ କ୍ରିୟା , ୭) କ୍ରିୟାଯୁକ୍ତ ରୁଢ଼ି ଶବ୍ଦ, ୮)ଯୁଗ୍ମ ଶବ୍ଦ, ୯) କ୍ରିୟାବିଶେଷ ଶବ୍ଦ ଓ ୧୦) ସଂଖ୍ୟାବାଚକ ଶବ୍ଦ ଇତ୍ୟାଦି । ଅ ।ମ ଭାଷାରେ ପ୍ରଚଳିତ କେତେକ ବିଶିଷ୍ଟାର୍ଥକ ଶବ୍ଦାବଳୀ, ଯେଉଁ ଗୁଡ଼ିକର ଗଠନ ବୈଶିଷ୍ଟ୍ୟ ସହ ପ୍ରୟୋଗ ବୈଚିତ୍ର୍ୟ ମଧ୍ୟ ଅଛି ସେଗୁଡ଼ିକୁ ଆମେ ରୁଢ଼ି କହୁ । ଏହାକୁ ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଷଷ୍ଠଖଣ୍ଡ, ପୃ- ୭୧୬୭ ରେ କୁହାଯାଇଛି "ଶବ୍ଦର ଅର୍ଥବୋଧକ ଶକ୍ତିବିଶେଷ ଏବଂ ପ୍ରକୃତି ପ୍ରତ୍ୟୟଗତ ଅର୍ଥ ଛଡ଼ା ଅନ୍ୟ ।"

■■■

# ଗଦ୍ୟ ବିଭାଗ



# ପଇତା ମାରା



ଜ୍ଞନ ହୋତା

ଏ ଲୋକଟି ସହ ସତାବନ ବର୍ଷରୁ ଅଧିକ କାଳର ସମ୍ପର୍କ । ପୃଥିବୀର ସବୁଠୁ ପ୍ରିୟତମ ମଣିଷ ସେ ମୋର । ସେ ଯାହା କହେ, କରେ, ଭାବେ, ଭୋଗେ - ସବୁ ମୁଁ ଜାଣେ । ବହୁ କାରଣ ବଶତଃ ତା ଅବିକଳ ନାଁଟି ଉଲ୍ଲେଖ ନ କରି ମୁଁ କେବଳ 'ସେ' ବୋଲି ଉଲ୍ଲେଖ କରୁଚି ।

ସେ ବ୍ରାହ୍ମଣ ଘରେ ଜନ୍ମ । ତା ଉପରେ ଦି' ଭାଇ ଠିକ୍ ନଅ ବର୍ଷ ବୟସରେ ବ୍ରତ ହେଇଥିଲେ । ବ୍ରତଘରର ବର୍ଷକ ଭିତରେ ଜଣେ ଭାଇ ଗଛରୁ ପଡ଼ିଲେ, ଆଉ ଜଣେ ଭାଇଙ୍କ ଦେହାନ୍ତ ହେଇଗଲା । ବାପା ଏଣୁ ଏଇ ସାନ ପୁଅକୁ ଯଥା ସମୟରେ ଜାକଜମକରେ ବ୍ରତ କରି ପାରିଲେ ନାହିଁ । ବହୁ ବିଳମ୍ବରେ ଅର୍ଥାତ୍ ୨୧ ବର୍ଷ ବୟସରେ ବ୍ରତ କରେଇଲେ ।

ସେ ବ୍ରତଘର ବେଳେ ଜିଜ୍ଞାସୁ ହେଇ ସାରିଥିଲା ।ସବୁକଥାର 'ହେତୁ' ଖୋଜିଲା । ବ୍ରାହ୍ମଣ କର୍ଣ୍ଣମନ୍ତ୍ର ଦେଲାବେଳେ କିଛି କଥାକୁ ବିରୋଧ କଲା । ଯାନରେ ନ ବସିବା ବା ନଇପାରି ନ ହେବା ଭଳି କିଛି ସଂକଳ୍ପ କରିବାକୁ ବାରଣ କଲା । ଶିକ୍ଷିତ ବାପା ତାକୁ ବୁଝେଇଲେ, " ଏ ସବୁ ପ୍ରତୀକାତ୍ମକ। ଏଦେଶର ଉନ୍ନତ ମସ୍ତିଷ୍କମାନ ଦେଶାନ୍ତର ବା ବ୍ରେନ୍-ଡ୍ରେନ୍ ନ ହେଉ । ଏଥିପାଇଁ ଏ ସଂକଳ୍ପ । ଏହା ବିଚାରି ଗୁରୁମନ୍ତ୍ରକୁ ମାନି ନେ' ।" ବାପାଙ୍କ କଥାକୁ ବିଦ୍ରୋହୀ ତରୁଣ ବାଧବାଧକତାରେ ମାନିନେଲା । ହେଲେ ଚତୁରତାର ସହ ' ଯାନରେ ବସିବି ନାହିଁ' ଭଳି ବାକ୍ୟମାନଙ୍କ ପୂର୍ବରୁ 'ଦିନକ ପାଇଁ ' ଶବ୍ଦ ଯୋଡ଼ି ଦେଲା ।

ବାସ୍ ସାତ ଦିନଯାଏ 'ଚଳୁ' କରି ଭୋଜନ କଲା । ମଳମୂତ୍ରାଦି ତ୍ୟାଗ ସମୟରେ କାନରେ ପଇତା ଦେଲା । ହେଲେ ସାତଦିନ ପରେ ଚାକିରୀ ସନ୍ଧାନରେ ଭୁବନେଶ୍ୱର ଆସିଲା ପରେ ସେସବୁ ପୁରା ଭୁଲିଗଲା । କେବଳ କାନ୍ଧରେ ପଇତା ଖଣ୍ଡକ ହିଁ ଝୁଲୁଥିଲା ।

ବହୁ ମତବାଦୀଙ୍କ ସହ ତାର ସାକ୍ଷାତ ହେଲା । ମତ ବିନିମୟ ହେଲା । 'ଜାତିଭେଦ ବିରୋଧୀ' ମନୋଭାବଟିଏ ତା' ଭିତରେ ପ୍ରବଳ ଭାବରେ ଜାଗି ଉଠିଲା । ଏଭଳି ମାନସିକତାର ମଣିଷଟେ ପଇତାରେ ବା ବାନ୍ଧି ହେବ କେମିତି ! ଦିନେ ସେ ପଇତାକୁ ବି କାଢ଼ି ଦେବାକୁ ନିଷ୍ପତ୍ତି ନେଲା । ସେଇ ଦିନ ହିଁ ତା'ର ଜଣେ ଆଦର୍ଶ ମଣିଷଙ୍କୁ ସେ ମନକଥାଟି କହିଲା । ସେ ପ୍ରଜ୍ଞାପୁରୁଷ ଜଣକ ତାକୁ କହିଲେ ," ଏ ଦେଶର ଶାସ୍ତ୍ର ସୁଚିନ୍ତିତ। କାଳକ୍ରମେ ଅନ୍ଧବିଶ୍ୱାସ ପଶିଚି ନିଶ୍ଚୟ । ତେବେ ଏ ପଇତା ଖଣ୍ଡକ ତ ତମର ଔପଚାରିକ ମାତ୍ର । ତାହା ମଧ ଜାମା ଗଞ୍ଜି ତଳେ ଲୁଚି ରହୁଚି । ବାପା, ମା', ପୂର୍ବପୁରୁଷଙ୍କ ସମ୍ମାନରେ ଏ ଖଣ୍ଡିକ ପଡ଼ି ରହିଲେ ଅସୁବିଧା କ'ଣ ହେଉଚି ? "

ସେ ସ୍ନେହି ମଣିଷର କଥାରେ ପଇତାଟି କାନ୍ଧରେ ରଖିଲା । କିନ୍ତୁ ମନରେ ଅନେକ ପ୍ରଶ୍ନବାଚୀ - ଶବ ଛୁଇଁଦେଲେ ଏ ପଇତା ମାରା ହେଇଯାଉଚି , ଅଥଚ ଶବକୁ ଉଦରସ୍ଥ କରିଦେଲେ ସେ ପଇତା ମାରା ହେଉନାହିଁ ? ... ଇତ୍ୟାଦି ।

ତା'ର ସାତ ଆଠ ବର୍ଷ ପରେ ସେ ଥରେ ବୌଦ୍ଧରୁ ଭୁବନେଶ୍ୱର ବାଇକ୍ ରେ ଆସୁଥାଏ । ବାଟରେ ଘନ ଜଙ୍ଗଲ । କାଁ ଭାଁ ଗାଡ଼ିଟିଏ ଯାଉଥାଏ । ରାସ୍ତା କଡ଼ରେ ଅତି ଗରିବ ଦମ୍ପତି ବିକଳରେ ଗାଡ଼ିଟେ ଅପେକ୍ଷାରେ ଥା'ନ୍ତି । ସେ ଏକଥା ଦେଖି ବୁଝି ତା ବାଇକ୍ ଅଟକେଇଲା । ପଚାରି ବୁଝିଲା ଲୋକଟିକୁ ନାଗସାପ କାମୁଡ଼ି ଦେଇଚି । ସେ ତତ୍କ୍ଷଣାତ୍ କଣ କରି ପାରିବ ? ଗୋଡ଼ରେ କ୍ଷତ ଉପରୁ ଓ ତଳୁ ବାନ୍ଧିଦେଲେ କୁଆଡ଼େ ସାପବିଷ ଶରୀରରେ ବ୍ୟାପି ଯାଏନି ବୋଲି ସେ ଶୁଣିଥିଲା ।

ବାନ୍ଧିବା ପାଇଁ କନା ଖଣ୍ଡେ ପାଇଁ ପ୍ରଥମେ ସ୍ତ୍ରୀର ଲୁଗାକୁ ଚାହିଁଲା । ଏତେ ଛୋଟଲୁଗାକୁ ...। ପୁଣି ପୁରୁଷର ଆହୁରି ଛୋଟ ଗାମୁଛାକୁ ଦେଖିଲା । ନିଜ ପକେଟର ରୁମାଲ୍ ଦରାଣ୍ଡିଲା । ପାଇଲାନି । ପରିଶେଷରେ ଜାମା ଖୋଲି କାନ୍ଧରୁ ସେ ପଇତା ଖଣ୍ଡକ କାଢ଼ି ଛିଣ୍ଡାଇ ସେ ବନବାସୀର ଗୋଡ଼ରେ ବାନ୍ଧିଲା । ବାଇକ୍ ରେ ଦିହିଁଙ୍କୁ ବସେଇ ଦଶପଲ୍ଲା ଡ଼ାକ୍ତରଖାନାରେ ପହଞ୍ଚାଇଲା ।

ସେ ତା ପରଦିନ ପଇତା ଛିଣ୍ଡେଇବା କଥା କାହାକୁ କିଛି ନ କହି ଭୁବନେଶ୍ୱରର ସେ ମନ୍ଦିର ନନା ପାଖରେ ନୂଆ ପଇତାଟିଏ ମନ୍ତୁରାଇ ବଡ଼ ଶ୍ରଦ୍ଧାର ସହ ପିନ୍ଧିଲା । ସତରେ ପଇତା ପିନ୍ଧିବାକୁ ପ୍ରବର୍ତ୍ତାଇ ଥିବା ସେ ପ୍ରଜ୍ଞା ପୁରୁଷ ଜଣକ ବ୍ରହ୍ମଜ୍ଞ ନିଶ୍ଚୟ । ଏଇ ଉପଲବ୍ଧି ସହ ଏବେ ବି ସେ ବଞ୍ଚିଛି ।

ନା ପରମ୍ପରାକୁ ହତାଦର , ନା ବିଜ୍ଞାନ ବା ପ୍ରଗତିକୁ ଉପେକ୍ଷା ।

■■■

ଚହଟା, ବିଡ଼ାନାସୀ, କଟକ - ୧୪



# ସ୍ଥିତପ୍ରଜ୍ଞ ଏବଂ ଗୀତା

**ଡା.ଘନଶ୍ୟାମ ଜୈନ**



ଯିଏ ପ୍ରତ୍ୟେକ ପରିସ୍ଥିତିରେ ପ୍ରଜ୍ଞାବାନ ହେଇ ସ୍ଥିର ରହେ,ସେ ହିଁ ବାସ୍ତବରେ ସ୍ଥିତପ୍ରଜ୍ଞ। ଅନୁକୂଳ,ସୁଖମୟ କିମ୍ବା ଆନନ୍ଦ ମୁଖରିତ ପରିସ୍ଥିତିରେ ଅତି ଉତ୍ଫୁଲିତ ନ ହେବା କିମ୍ବା ପ୍ରତିକୂଳ ,ଦୁଃଖରୁପକ ଝଡଝଞ୍ଜା ଭିତରେ ମ୍ରିୟମାଣ ନ ହେବା ହିଁ ମଣିଷ ଜିବନର ଅତିମାନବୀୟ ଗୁଣ ଏବଂ ସଫଳତାର ମାପକାଠି।

ଜଣେ ମହାନ ଦାର୍ଶନୀକଙ୍କ ମତରେ,
"କୌଣସି ପରିସ୍ଥିତି ମଧ୍ୟ ଚିରସ୍ଥାୟୀ ନୁହେଁ, ସବୁ କ୍ଷଣଭଙ୍ଗୁର"। ସେହି ନୀତିରେ ଦୁଖଃଜନୀତ ପରିସ୍ଥିତି ମଧ୍ୟ କ୍ଷଣସ୍ଥାୟୀ। ସ୍ଥିତପ୍ରଜ୍ଞ ବ୍ୟକ୍ତି ଧୈର୍ଯ୍ୟର ସହିତ ଦୁଃଖର କାଳରାତ୍ରିର ସମାପନ ପରେ ସୁଖର ସାକ୍ଷ୍ୟ ବହନ କରୁଥିବା ପ୍ରଭାତରେ ଅଂଶୁମାଳିଙ୍କ ସେହି କମନୀୟ ଅରୁଣୀମାକୁ ଅପେକ୍ଷାକରେ । ତେଣୁ ସ୍ଥିତପ୍ରଜ୍ଞ ବ୍ୟକ୍ତି କାମନାର ପୂର୍ଣ୍ଣତାରେ ଆତ୍ମ ସନ୍ତୁଷ୍ଟି ଲାଭ କଲେ ମଧ୍ୟ ଅତି ଉତ୍ଫୁଲିତ ହୁଏ ନାହିଁ,ବରଂ ସାକ୍ଷୀଭାବରେ ନମ୍ରତାର ସହିତ ତାକୁ ଗ୍ରହଣ କରେ ଏବଂ ଅପୂର୍ଣ୍ଣତାରେ ମଧ୍ୟ ତଦ୍ରୁପ ଦୁଃଖରେ ମ୍ରିୟମାଣ ହୁଏ ନାହିଁ। ମାନସିକ ଚଂଚଳତା ହିଁ ଅନେକ ସମୟରେ ଦୁଃଖର କାରଣ ହେଇଥାଏ।

"ବିଚାର ବିହୀନ କର୍ମ ଏବଂ କର୍ମବିହିନ ବିଚାର" ଦୁହେଁ ମାନବ ଜୀବନ ପାଇଁ କେବଳ ଅନୁପଯୋଗୀ ହିଁ ନୁହନ୍ତି,ବରଂ ଅନେକ ସମୟରେ ଘାତକ ମଧ୍ୟ ସିଦ୍ଧ ହେଇଥାନ୍ତି।

ହେଲେ ସ୍ଥିତପ୍ରଜ୍ଞର ଅର୍ଥ କଣ? ଆମର ମହାନ ପ୍ରାଚୀନ ଧର୍ମଗ୍ରନ୍ଥ "ଶ୍ରୀମଦ ଭଗବତ ଗୀତା" ରେ ଭଗବାନ ଶ୍ରୀକୃଷ୍ଣ କଣ କହିଛନ୍ତି,ତା ଉପରେ କିଛିଟା ଚିନ୍ତନ କରିବା।

ମହାଭାରତ ଯୁଦ୍ଧ ହେବା ଆଗରୁ ଅର୍ଜୁନ ନିଜ ସଖା ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି,

ସ୍ଥିତପ୍ରଜ୍ଞସ୍ୟ କା ଭାଷା
ସମାଧିସ୍ଥସ୍ୟ କେଶବ।
ସ୍ଥିତଧିଃ କିଂ ପ୍ରଭାଷତେ,
କିଂ ଆସିତ, ବ୍ରଜେତା କିଂ? (୨/୫୪)

ଅର୍ଥାତ,ସ୍ଥିତପ୍ରଜ୍ଞର ଅର୍ଥ କଣ? ସେ କିପରି ଆଧ୍ୟାତ୍ମିକତାରେ ସମାଧିସ୍ଥ ହେଇଥାଏ? ସ୍ଥିତପ୍ରଜ୍ଞବ୍ୟକ୍ତି କିପରି କଥା କହେ,ତାର ଭାଷା କଣ? ସେ କିପରି ଉପବେଶନ କରନ୍ତି କିମ୍ବା ଚଲାବୁଲା କରନ୍ତି, ଅର୍ଥାତ କିପରି ବ୍ୟବହାର କରନ୍ତି"?

ଉତ୍ତର ଦେବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ଅନେକ ପ୍ରକାର ତାଙ୍କୁ ବୁଝେଇବାକୁ ଯାଇ କହିଛନ୍ତି,

ଦୁଃଖେସୁ ଅନୁଦ୍ବିଗ୍ନ ମନଃ
ସୁଖେସୁ ବିଗତ ସ୍ପୃହା।
ବିତରାଗ ,ଭୟ ,କ୍ରୋଧ,
ସ୍ଥିତଧିଃ ମୁନିଃ ଉଚ୍ୟତେ ।(୨/୫୬)

ଅର୍ଥାତ- ଯାହାର ମନ ଦୁଃଖରେ ଉଦ୍ବିଗ୍ନ ହୁଏ ନାହିଁ,ଯିଏ ସୁଖ ବେଳାରେ ଅତି ଆହ୍ଲାଦିତ ହୁଏ ନାହିଁ,ଯିଏ ମୋହ,ମାୟା,ଭୟ,କ୍ରୋଧରୁ ଦୁରେଇ ରହିଥାଏ,ସିଏ ହିଁ କେବଳ ସ୍ଥିତପ୍ରଜ୍ଞ ଏବଂ ମୁନି ପଦବାଚ୍ୟ ଅଟେ"।

ପୁଣି ବୁଝେଇବାକୁ ଯାଇ ଭଗବାନ କହିଲେ,

"ଯ: ସର୍ବତ୍ର ଅନାଭିସ୍ନେହ,
ତତ ତତ ପ୍ରାପ୍ୟ ଶୁଭାଶୁଭମ,
ନା ଅଭିନନ୍ଦତି,ନା ଦ୍ଵେଷ୍ଟି,
ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତ(୨/୫୭)।

ଅର୍ଥାତ- ଯିଏ ସବୁଠାରେ ମାୟା ଏବଂ ମୋହଠାରୁ ଦୁରେଇ ରହିଥାଏ,ଯିଏ ଶୁଭ ଏବଂ ଅଶୁଭ(ପ୍ରଶଂସା ଏବଂ ନିନ୍ଦା) ଉଭୟ ବେଳାରେ ବିଚଳିତ ନ ହୋଇ ସମ ଭାବରେ ସ୍ଥିତଥାଏ, ସେ ହିଁ ବାସ୍ତବରେ ଜ୍ଞାନୀ ଏବଂ ସ୍ଥିତପ୍ରଜ୍ଞ।

ପୁଣି କହିଲେ,

ଯଦ ସଂହରନ୍ତି ଚ ଅୟଂ,
କୁର୍ମୀ ଅଙ୍ଗାନି ଇଭା ସର୍ବସା:,
ଇନ୍ଦ୍ରିୟଣୀ ଇନ୍ଦ୍ରିୟ ଅର୍ଥେଭ୍ୟ ,
ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା

ଅର୍ଥାତ- ଯିଏ ବିଷୟ ବାସନା ପ୍ରତି ଆସକ୍ତ ନ ରହି ନିଜ ଇନ୍ଦ୍ରିୟ ମାନଙ୍କୁ ନିୟନ୍ତ୍ରଣରେ ରଖି ପାରିଥାଏ,ଯେପରି ଏକ କୁର୍ମୀ ବା କଙ୍କଡ଼ା ନିଜ ସମସ୍ତ ଅଙ୍ଗକୁ ବିପଦ ସମୟରେ ନିଜ ଜ୍ଞାନରୁପକ ଖୋଳ ମଧ୍ୟରେ ସଙ୍କୁଚିତ କରି ରଖିପାରେ, ସେ ହିଁ ବାସ୍ତବ ଅର୍ଥରେ ସ୍ଥିତପ୍ରଜ୍ଞ।

ଏହିଠାରେ ଦ୍ଵାପର ଯୁଗରେ ନିଜର ବିଷୟ ବାସନାକୁ ଏବଂ ସମସ୍ତ କାମନାକୁ ସଂଯମ ପୂର୍ବକ ତ୍ୟାଗକରି ଦେବବ୍ରତ ଯେଉଁ ଭୀଷ୍ମ ପ୍ରତିଜ୍ଞା କରିଥିଲେ,ସେହିଦିନଠୁଁ ସେ ପାଲଟି ଗଲେ "ଯୁଗପୁରୁଷ ଭୀଷ୍ମ"।

ପୁଣି ଭଗବାନ ଶ୍ରୀକୃଷ୍ଣ ପ୍ରାଞ୍ଜଳ ଭାବରେ ବୁଝେଇବାକୁ ଯାଇ କହିଲେ,

"ୟଂ ହି ନ ବ୍ୟଥୟନ୍ତି
ଏତେ ପୁରୁସର୍ଷଭା
ସମ ଦୁଃଖ ସୁଖଂ ଧୀରଂ ,
ସ ଅମୃତତ୍ଵୟ କଳ୍ପତେ"।

ଅର୍ଥାତ-ହେ ଅର୍ଜୁନ,ଯେଉଁ ବ୍ୟକ୍ତି ଦୁଃଖ ଏବଂ ସୁଖରେ ଅବ୍ୟବସ୍ଥିତ ହୁଏ ନାହିଁ,ଏବଂ ଉଭୟ ପରୀସ୍ଥିତିରେ ସ୍ଥିର ରହେ,ସେ ହିଁ ପୁରୁଷଶ୍ରେଷ୍ଠ ଏବଂ ସଫଳତାର ଅମୃତକୁ ପାନ କରିପାରେ।

ଏଠାରେ ଅଧୁନା ଘଟିଥିବା ଦୁଇଟି ସୁନ୍ଦର ଏବଂ ସତ୍ୟ ଘଟଣାର ଉଦାହରଣ ଦିଆ ଯାଇ ପାରେ।

1. ଥୋମାସ ଏଡିସନ ଙ୍କ ଭଳି ଜଣେ ବିଶ୍ଵ ବିଖ୍ୟାତ ବୈଜ୍ଞାନିକଙ୍କ ବହୁମୂଲ୍ୟ ପରୀକ୍ଷାଗାର ଯେତେବେଳେ ଏକ ଆକସ୍ମିକ ଅଗ୍ନିକାଣ୍ଡର ଶିକାରହେଇ ଜଳିପୋଡ଼ି ପାଉଁଶ ହେଇଗଲା,ସେ ସେତେବେଳେ ମହାନ ସ୍ଥିତପ୍ରଜ୍ଞର ସାକ୍ଷୀସ୍ଵରୂପ,ଦୁଃଖରେ ମ୍ରିୟମାଣ ହେଇ ପଡିଥିବା ନିଜ ସହକର୍ମୀମାନଙ୍କୁ ଉଦ୍ବୋଧନ ଦେଇ କହିଥିଲେ,"ବନ୍ଧୁଗଣ,ଚିନ୍ତା କରନ୍ତୁ ନି। ଭଗବାନଙ୍କ ଅଶେଷ ଆଶୀର୍ବାଦ। ଆମର ସମସ୍ତ ତ୍ରୁଟି ଆଜି ଜଳିପୋଡି ପାଉଁଶ ହେଇଗଲା। ଆମେ ପୁଣି ଥରେ ନୂତନ ଭାବରେ ନୂତନ ଉତ୍ସାହର ସହିତ କାର୍ଯ୍ୟ ଆରମ୍ଭ କରିବା"। ସତରେ କେତେ ମହାନ। ଶେଷରେ ସେ କୃତକାର୍ଯ୍ୟ ହେଇ ସାରା ଦୁନିଆକୁ ଆଲୋକ ପ୍ରଦାନ କରିବାକୁ ସମର୍ଥ ହେଇଥିଲେ।

2. ସେହିପରି ଲୌହପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀରୁ ଏକ ଦୃଷ୍ଟାନ୍ତ ନିଆଯାଇପାରେ। ସେ ଏକ ଓକିଲ ଭାବରେ ଯେତେବେଳେ ପ୍ରାୟ ୪୦ ଜଣ ସ୍ବାଧୀନତା ସଂଗ୍ରାମୀଙ୍କୁ ଫାଶୀ ଦଣ୍ଡାଦେଶରୁ ମୁକ୍ତ କରିବାକୁ ତାଙ୍କ ସପକ୍ଷରେ ମକଦ୍ଦମା ଲଢୁଥିଲେ,ହଠାତ କେହିଜଣେ ତାଙ୍କୁ ଏକ ଜରୁରୀ ଟେଲିଗ୍ରାମ ଆଣି ପହଞ୍ଚେଇଦେଲେ।ସେ ତାକୁ ପଢି କୌଣସି ପ୍ରକାର ପ୍ରତିକ୍ରିୟା ପ୍ରକାଶ ନ କରି ସ୍ଥିତପ୍ରଜ୍ଞତାର ପରିଚୟ ଦେଇ ଯଥାବତ ନ୍ୟାୟାଳୟରେ ନିଜର ଯୁକ୍ତି ସ୍ଥାପନରେ ବ୍ୟସ୍ତ ରହିଲେ। କାର୍ଯ୍ୟ ସମାପନ ପରେ ତତ୍କାଳୀନ ନ୍ୟାୟାଧୀଶ ଶ୍ରୀ ପଟେଲଙ୍କୁ ପ୍ରଶ୍ନ କଲେ,

"ଆପଣଙ୍କ ପାଖକୁ ହଠାତ ଏକ ଟେଲିଗ୍ରାମ ଆସି ପହଂଚିଲା। କଣ ଖବର?ସବୁ କୁଶଳ ମଙ୍ଗଳ  ତ"?

ବଲ୍ଲଭ ଭାଇ ଧୀର ଭାବରେ ସେହି କାଗଜ ଖଣ୍ଡକ ନ୍ୟାୟାଧୀଶଙ୍କ ଆଡକୁ ବଢ଼େଇ ଦେଲେ ଏବଂ ତାହା ପଢି ଜଜ ମହୋଦୟ ଆଶ୍ଚର୍ଯ୍ୟ ହେଇ ପଚାରିଲେ, "ଆପଣଙ୍କ ସ୍ତ୍ରୀ ଙ୍କ ଅକାଳ ବିୟୋଗ ଘଟିଛି। ତଥାପି ଆପଣ କୋର୍ଟକାର୍ଯ୍ୟ ପରିତ୍ୟାଗ ନ କରି ଯଥାବତ କର୍ତ୍ତବ୍ୟ ସମ୍ପାଦନରେ ବ୍ୟସ୍ତ ରହିଲେ କାହିଁକି"?

ଶ୍ରୀ ପଟେଲ ସେତେବେଳେ ଯେଉଁ ମର୍ମସ୍ପର୍ଶୀ ଉତ୍ତର ଦେଇଥିଲେ,ତାହା ତତ୍କାଳୀନ ଜଜ ମହୋଦୟଙ୍କୁ ଅଶେଷ ଭାବରେ ପ୍ରଭାବିତ କରିଥିଲା। ସେ କହିଥିଲେ,"ଯାହା ହେବାର ଥିଲା,ହେଇଗଲା।ମୁଁ ଯାଇଥିଲେ ମଧ୍ୟ ମୋ ସ୍ତ୍ରୀ ଆଉ ଇହଧାମକୁ ପ୍ରତ୍ୟାବର୍ତ୍ତନ କରି ନ ଥାନ୍ତେ। କିନ୍ତୁ ଏଇ ସ୍ବାଧୀନତା ସଂଗ୍ରାମୀମାନଙ୍କ ଜୀବନର ଯବନିକା ପଡିଥାନ୍ତା ଏବଂ ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରିଥାନ୍ତି। ଭଗବାନ ମୋତେ କେବେହେଲେ କ୍ଷମା ଦେଇ ନ ଥାନ୍ତେ'।

ଜଜ ମହୋଦୟ ତାଙ୍କର ଏ ପ୍ରକାର ସ୍ଥିତପ୍ରଜ୍ଞ ଭାବ ଏବଂ ଆମାୟିକ ବ୍ୟବହାରରେ ଅତ୍ୟନ୍ତ ମୁଗ୍ଧ ହେଇ ସମସ୍ତ ସଂଗ୍ରାମୀମାନଙ୍କୁ ମୁକ୍ତ କରିଦେଇଥିଲେ।

ପୁଣି ଭଗବାନ ଶ୍ରୀକୃଷ୍ଣ ଆହୁରି ବୁଝେଇବାକୁ ଯାଇ କହିଲେ,

"ତାନି ସର୍ବାଣୀ ସଂଯମ୍ୟ,
ଯୁକ୍ତ ଆସିତ ମତ ପର।
ବସେହି ଯତ ଇନ୍ଦ୍ରିୟଣୀ,
ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତ।

ଅର୍ଥାତ- ଯିଏ ନିଜର ସମସ୍ତ ଇନ୍ଦ୍ରିୟମାନଙ୍କୁ ସଂଯମିତ ଏବଂ ନିୟନ୍ତ୍ରଣାଧୀନ କରି ରଖିପାରେ,ଏବଂ ମୋ ଉପରେ ( ଅର୍ଥାତ ଈଶ୍ବରଙ୍କ ଉପରେ) ସମସ୍ତ ଚେତନାକୁ କେନ୍ଦ୍ରିତ କରି ରଖିପାରେ, ସେ ହିଁ ବାସ୍ତବରେ ସ୍ଥିତପ୍ରଜ୍ଞ"।

ଭଗବାନ ଶ୍ରୀକୃଷ୍ଣ ଏଠାରେ ଇନ୍ଦ୍ରିୟ ମାନଙ୍କୁ ସବୁଠାରୁ ବେଶୀ ମହତ୍ତ୍ୱ ଦେଇଛନ୍ତି। ଯାହାକି ପରବର୍ତ୍ତୀ ସମୟରେ ଜୈନଧର୍ମର ମହାନ ଧର୍ମଗୁରୁ ଭଗବାନ ମହାବୀର ମଧ୍ୟ ଉଦଘୋଷ କଲେ ଯେ," ସଂଯମଂ ଖଲୁ ଜୀବନମ", ଅର୍ଥାତ ସଂଯମତା ହିଁ ବାସ୍ତବ ଜୀବନ ଅଟେ। ଇନ୍ଦ୍ରିୟ ସଂଯମ ହିଁ ଶାଶ୍ବତ ସୁଖ ଏବଂ ଶାନ୍ତିର ମୂଳମନ୍ତ୍ର।

ସ୍ଥିତପ୍ରଜ୍ଞର ଅର୍ଥକୁ ଆହୁରି ସରଳ କରିବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ ଭଗବତ ଗୀତାର ଦ୍ଵିତୀୟ ଅଧ୍ୟାୟରେ କହିଲେ,

"ସୁଖ ଦୁଃଖେ ସମ କୃତ୍ବା,
ଲାଭା ଲାଭେ ଜୟା ଜୟୋ ।
ତତୋ ଯୁଦ୍ଧାୟ ଯୁଜ୍ଯସ୍ବ,
ନୈବଂ ପାପଂ ଅବପ୍ୟସୀ।
(୨/୩୫)

ଅର୍ଥାତ- ସୁଖ ଏବଂ ଦୁଃଖରେ ସମ ଭାବାପନ୍ନ ହେଇ ,ଲାଭ କ୍ଷତିର ବିଚାର ନ କରି , ଜୟ ପରାଜୟର ଭାବ ନ ରଖି ତୁମେ କେବଳ ନିଜର କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହୁଅ।ଏହିପରି କର୍ତ୍ତବ୍ୟ ସମ୍ପାଦନରେ କୌଣସି ପାପ ହୁଏ ନାହିଁ।

ଏହାର ଏକ ପ୍ରକୃଷ୍ଟ ଉଦାହରଣ ଭଗବାନ ବୁଦ୍ଧଙ୍କ ଠାରେ ଏକ ଘଟଣା ପ୍ରସଙ୍ଗରେ ବଡ଼ ସୁନ୍ଦର ଭାବରେ ପ୍ରତିପାଦିତ ହେଇଛି। ମହାନ ଦୁର୍ଦ୍ଧର୍ଷ ଡାକୁ ଅଙ୍ଗୁଳିମାଲ ନାଁ ରେ ସମସ୍ତ ଜନମାନସ ଯେତେବେଳେ ଭୟାତୁର ଥିଲେ,ସେତେବେଳେ କୌଣସି ପ୍ରକାର ଭୟ କିମ୍ବା ରାଗ ନ ରଖି ଧିରସ୍ଥିର ଭାବରେ ଆଗକୁ ବଢି ଚାଲିଲେ ବୁଦ୍ଧ। ଏବଂ ତାଙ୍କ ସଂସ୍ପର୍ଶରେ ଆସି, ତାଙ୍କ ଉପଦେଶରେ ମୁଗ୍ଧ ହେଇ ପାପୀ ଅଙ୍ଗୁଳିମାଲ ମଧ୍ୟ ବୌଦ୍ଧତ୍ୱକୁ ଅଚିରେ ସ୍ୱୀକାର କରିଥିଲା।ଏହାହିଁ ହେଉଛି ସ୍ଥିତପ୍ରଜ୍ଞ।

ସତରେ ଶ୍ରୀମଦ ଭଗବତ ଗୀତାରେ ବର୍ଣ୍ଣିତ ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖାରବିନ୍ଦ ରୁ ନିଃସୃତ ଏହି ମହାନ ଆଦର୍ଶଗତ ଉପଦେଶାବଳୀକୁ ଯଦି ସମସ୍ତେ ଆତ୍ମସାତ କରିବା ପୂର୍ବକ ବ୍ୟାବହାରିକ ଜୀବନର ଆଲମ୍ବନ କରନ୍ତେ,ତେବେ ଜୀବନର ପ୍ରତ୍ୟେକଟି ମହାଭାରତ ଯୁଦ୍ଧରେ ଅର୍ଜୁନ ପରି ସମସ୍ତେ ଯେ ବିଜୟ କେତନ ଉଡ଼େଇ ଜୀବନଟାକୁ ସୁଖମୟ ଏବଂ ଶାନ୍ତିମୟ କରିପାରନ୍ତେ,ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

■■■ ସ୍ତ୍ରୀ ରୋଗ ବିଶେଷଜ୍ଞ, ଟିଟିଲାଗଡ଼



# ବେଲୁଚିସ୍ଥାନର ଅଣୁ ଲୋକଗଳ୍ପ : ଡାକଟିକଟ

ସଂଗ୍ରହ ଓ ଅନୁବାଦ : ବର୍ଷା ବୈଜୟନ୍ତୀ

ଜଣେ ଏକଛତ୍ରବାଦୀ ଶାସକ ନିଜର ବିଶାଳ ବିଶାଳ କଟ୍ ଆଉଟ୍ ସହରର ବିଭିନ୍ନ ସ୍ଥାନରେ ଲଗାଇଲେ । ସରକାରୀ କାନ୍ଥବାଡରେ ଚିତ୍ରକରଙ୍କ ମାଧ୍ୟମରେ ବିଭିନ୍ନ ଢଙ୍ଗରେ ନିଜର ଚିତ୍ର ଅଙ୍କନ କଲେ।ସରକାରୀ ଫାଇଲ ଓ ଲେଟର ପ୍ୟାଡରେ ନିଜର ଫଟୋ କୁ ସଂଯୋଜିତ କରିବା ପାଇଁ ଆଦେଶ ମଧ୍ୟ ଦେଲେ। ଏହା ବାଦ୍ ନିଜ ଫଟୋ ଥାଇ ଡାକ ଟିକଟ ପ୍ରଚଳନ ପାଇଁ ମଧ୍ୟ ଆଦେଶ ଦେଲେ। ଅପଦାର୍ଥ ବଶମ୍ବଦ ସରକାର ରାତାରାତି ସେହି ଡାକଟିକଟ ଛପାଇ ତାକୁ ପ୍ରକାଶ କରାଇଲେ। କିଛି ଦିନ ପରେ ସେହି ଶାସକ ଡାକଟିକଟ କିପରି ଲୋକଙ୍କ ମଧ୍ୟରେ ଲୋକପ୍ରିୟ ହୋଇଛି ଏବଂ ଡାକଟିକଟ କେମିତି ହୋଇଛି ଦେଖିବା ପାଇଁ ଗଲେ।

- ମୋ ଡାକଟିକଟ କେମିତି ଚାଲିଛି? ବୋଧହୁଏ ଆଉଟ୍ ଅଫ ଷ୍ଟକ ହୋଇ ଯାଇ ଥିବ?

- ଏ ଡାକଟିକଟ ଚାଲୁନାହିଁ ଆଜ୍ଞା।

- କାହିଁକି? କଣ ହୋଇଛି? ବେଶ ଭଲ ଡିଜାଇନ ହୋଇଛି ବୋଲି ତ ଆମର ଗେଷ୍ଟ ଆଟିଷ୍ଟ ମାନେ କହୁଥିଲେ । ମୁଁ ପରା ନିଜେ ଏହାର ଡିଜାଇନ ତିଆରି କରିଛି। ସମସ୍ତେ ଦେଖି ଧନ୍ୟ ଧନ୍ୟ କହିଛନ୍ତି।

- ନା, ମାନେ ସବୁକିଛି ଭଲ ହୋଇଛି; କିନ୍ତୁ ଭଲ ଭାବରେ ବୋଧହୁଏ ଭଲ ଅଠା ଦିଆ ଯାଇ ନାହିଁ।

- କଣ? ଅଠା ଦାୟିତ୍ୱ ରେ ଯିଏ ଥିଲା ,ତାକୁ ଡକାଆ। ଅଠାର ଯତ୍ନ କାହିଁକି ସଠିକ ଭାବରେ ନେଇ ନାହିଁ?
  ଅଠାର ଦାୟିତ୍ୱ ପ୍ରାପ୍ତ କର୍ମକର୍ତ୍ତା ଆସି ପହଞ୍ଚିଲେ ଏବଂ କହିଲେ,

- ସବୁଠାରୁ ଭଲ ଅଠା ତ ଦିଆଯାଇଛି।କିନ୍ତୁ ଲୋକମାନେ ସେହି ଅଠାରେ ଛେପ ନପକାଇ ଏହାର ଓଲଟାପଟେ ଛେପ ପକାଉଛନ୍ତି ।

ଏମ. ଆଇ. ଜି. –(୧) ୧୯/୨
ହାଉସିଂ ବୋର୍ଡ କଲୋନୀ, ଚନ୍ଦ୍ରଶେଖରପୁର
, ଭୁବନେଶ୍ୱର - ୧୬

■■■

# ଅଷ୍ଟମ ଗର୍ଭ

ଯଶୋବନ୍ତ ସେଠୀ



ସେକ୍ସନ୍ ଅଫିସର ଅନୁଭବ ବାବୁ ଅଫିସ ପରିସରରେ ଥିବା ପାର୍କିଂ ସ୍ଥଳରେ ବାଇକ୍‌ଟି ରଖିଦେଇ ଡିକିରୁ ପାଣି ବ୍ୟାଗ୍ ଓ ଟିଫିନ୍ କ୍ୟାରିୟର୍ ବାହାର କରିନେଇ ଅଫିସ୍ ଚାମ୍ବରରେ ପ୍ରବେଶ କଲେ । ଅର୍ଦ୍ଦଳି ସନାତନ ହାତକୁ ସେଗୁଡ଼ିକ ବଢ଼େଇ ଦେଇ ଚୌକିରେ ବସିପଡ଼ି ଚା’କପେ ଆଣିବାକୁ ଆଦେଶ ଦେଲେ ।

ସନାତନ ଚା’ ଆଣି ପହଞ୍ଚିବା ବେଳକୁ ଚାରି ପାଞ୍ଚଜଣ ଡିଲିଂ ଆସିଷ୍ଟାଣ୍ଟ ନିଜନିଜର ଫାଇଲପତ୍ର ଧରି ଅନୁଭବ ବାବୁଙ୍କ ଟେବୁଲ୍ ଚାରିପାଖରେ ଭିଡ଼ ଜମେଇ ସାରିଥିଲେ । ଚା’କପ୍‌ଟି ଅନୁଭବ ବାବୁଙ୍କ ହାତକୁ ବଢ଼େଇ ଦେବାକୁ ଯାଉଥିବା ସନାତନକୁ ଅନ୍ୟମାନେ ସମ୍ଭ୍ରମର ସହିତ ଆଡ଼େଇ ଯାଇ ବାଟ ଛାଡ଼ିଦେଲେ । ଅନୁଭବବାବୁ ଚା’କପ୍‌ଟି ଓଠ ପାଖକୁ ନେଇ ପିଇବାକୁ ଉଦ୍ୟତ ହୁଅନ୍ତେ ହଠାତ୍ କିଛି ଗୋଟେ କଥା ମନେପଡ଼ିଯିବାରୁ ଅଟକିଗଲେ । ଚା’ କପ୍‌ରୁ ବାହାରୁଥିବା ବାମ୍ପକୁ ଘଡ଼ିଏ ଚାହିଁ ରହିଲେ । ଉପସ୍ଥିତ ଅଧସ୍ତନ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ ପରସ୍ପରକୁ ପ୍ରଶ୍ନବାଚୀ ଚାହାଣିରେ ଚାହୁଁଥା’ନ୍ତି । ସନାତନର ପିଳେହି ସେପଟେ ପାଣି ହୋଇସାରିଥାଏ - କାଳେ କପ୍‌ଟିରେ କିଛି ଅସନା ଜିନିଷ ତା’ ଅଜାଣତରେ ଲାଗିଯାଇଛି ବୋଲି ସନ୍ଦେହ କରି । କାହାରି ପାଟିରୁ ଭାଷା ବାହାରୁ ନ ଥାଏ - ଅନୁଭବବାବୁଙ୍କ ପରବର୍ତ୍ତୀ ଟିପ୍ପଣୀକୁ ଅପେକ୍ଷା କରି କରି ।

କିଛି ସମୟ ଚାହିଁଲା ପରେ ଅନୁଭବ ବାବୁ ନୀରବତା ଭଙ୍ଗ କରି ଦାର୍ଶନିକ ଠାଣିରେ କହିବାକୁ ଆରମ୍ଭ କଲେ- “ଏଇ ଚା’ କପେ ମୁଁ ଏବେ ଏଠାରେ ବସି କାହିଁକି ପିଉଛି; ଆପଣମାନଙ୍କ ଭିତରୁ କେହି କହିପାରିବେ ?”

ସମସ୍ତେ ପରସ୍ପରକୁ ଚାହିଁ ଠରାଠରି ହୋଇ ନିଃଶବ୍ଦ ପ୍ରଶ୍ନୋତ୍ତରୀରେ ଭାଗ ନେଲେ । ଠାରରେ ଠାରରେ ପଚାରୁଥିଲେ- ଆପଣ ଜାଣନ୍ତି ? ଆପଣ, ଆପଣ, ଆପଣ ? ସେମାନଙ୍କର ବିକଳପଣ ତଥା ନୀରବତାକୁ ଦେଖି ଅନୁଭବ ବାବୁ ଅଳ୍ପ ହସିଦେଲେ । ନିଜଆଡୁ ପୁଣି ସେ ଆରମ୍ଭ କଲେ- ଶୁଣନ୍ତୁ, ମୁଁ ଆପଣମାନଙ୍କର କୌଣସି ଉତ୍ତରରେ ସନ୍ତୁଷ୍ଟ ହେବି ନାହିଁ । ପ୍ରକୃତରେ ଜୀବନଟା ଏହିଭଳି ଅନେକ ଅସମାହିତ ପ୍ରଶ୍ନ ଓ ଭିନ୍ନ ଭିନ୍ନ ସମ୍ଭାବ୍ୟ ଉତ୍ତରର ସମାହାର କେବଳ ମାତ୍ର । ଈଶ୍ୱର ଆମକୁ...

ଅନୁଭବ ବାବୁ ଚା’କପ୍‌ରୁ ଦର୍ଶନତତ୍ତ୍ୱର ଅପ୍ରବେଶ୍ୟ ଗଭୀରତା ଆଡ଼କୁ ଉପସ୍ଥିତ ଅଧସ୍ତନ କର୍ମଚାରୀମାନଙ୍କୁ ଜବରଦସ୍ତି ବାଟ କଢ଼େଇ ନେବାକୁ ଆରମ୍ଭ କରି ସାରିଥିଲେ । ତେଣୁ ସେମାନଙ୍କ ମଧ୍ୟରେ ଆଉ ପୂର୍ବର ସେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ରହିଲା ନାହିଁ । ସେମାନେ ପରସ୍ପରର ମୁହଁକୁ ଚାହାଁ ଚାହିଁ ହୋଇ “ଏ ସ୍ଥାନ ଛାଡ଼ି ଚାଲିଯିବାର ବେଳ ଉପନୀତ” ବୋଲି ଆଖିରେ ଆଖିରେ ଇସାରା ଦେଇ ଅନ୍ୟାନ୍ୟ କାର୍ଯ୍ୟ ବାହାନା ଦେଖାଇ ଜଣ ଜଣ କରି ବାଟ ଭାଙ୍ଗି ଚାଲିଯିବାକୁ ଆରମ୍ଭ କଲେ । କାରଣ- ସେମାନେ ଜାଣନ୍ତି, ବୁଢ଼ା ଆଜି ଘରେ ମାଡ଼ାମ୍‌ଙ୍କ ସହିତ ପୁନଶ୍ଚ ଝଗଡ଼ାରେ ପରାସ୍ତ ହୋଇ ଦାର୍ଶନକଟିଏ ସାଜି ଆସିଛନ୍ତି ଏବଂ ଅବିକା ସେ ପରାଜୟର ପ୍ରତିଶୋଧ ଆପାତତଃ ଦୁଇଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କ ଉପରେ ନେବାଟା ଥୟ; ତାହା ପୁଣି ଦର୍ଶନ ତତ୍ତ୍ୱର ଅଶ୍ରୁତପୂର୍ବ ଶବ୍ଦ ବିନ୍ୟାସ ମାଧ୍ୟମରେ ।

ଅନୁଭବ ବାବୁ ଆଗଭଳି ଚା’ କପ୍‌କୁ ଚାହିଁ ଆଧ୍ୟାତ୍ମିକ ପ୍ରବଚନ ଦେଇ ଚାଲିଥିଲେ, ଶୁଣିବାକୁ କେହି ଥା’ନ୍ତୁ ବା ନ ଥା’ନ୍ତୁ । ଶୁଣିବାକୁ କେହି ନ ଥିଲେ ବୋଲି କହିଲେ ଭୁଲ ହେବ । ସମସ୍ତେ ଚାଲିଗଲେ ମଧ୍ୟ ବିଚରା ଚତୁର୍ଥ ଶ୍ରେଣୀ କର୍ମଚାରୀ ସନାତନର ଆଉ ଚାରା କାହିଁ ? ତା’ର ଅଫିସ୍ ପରା ସେଇଟା ! ଅବୋଧ ଦର୍ଶନତତ୍ତ୍ୱର କାଣିଚାଏ ମଧ୍ୟ ବୁଝିପାରୁ ନ ଥିବା ସନାତନ ସବୁକିଛି ବୁଝିପାରୁଥିବା ଭଳି ମୁଣ୍ଡଟୁଙ୍ଗାରି ହଁ ହାଁ ମାରି ରହିବାକୁ ବାଧ୍ୟ ହେଉଥାଏ । ଚା’କପ୍‌ରୁ ଆରମ୍ଭ ହୋଇଥିବା ପ୍ରବଚନ ମଝିରେ ଅନୁଭବ ବାବୁଙ୍କୁ ଅଣ୍ଡର ସେକ୍ରେଟାରୀ ମହାଶୟ ଫୋନ୍ କରି ତାଙ୍କ ଚାମ୍ବରକୁ ଡାକିବା ପରେ ଯାଇ ମାମଲାଟା ଅବଶ୍ୟ ଶାନ୍ତ ପଡ଼ିଥିଲା ଓ ସନାତନ ବିଚରା ସାମୟିକ ରକ୍ଷା ପାଇଥିଲା ।

ଅନୁଭବ ବାବୁ ପ୍ରକୃତରେ ବିବାହ ପୂର୍ବରୁ କିନ୍ତୁ ଏପରି ନ ଥିଲେ । ପରିସ୍ଥିତିର ତାଡ଼ନାରେ ଚାପି ହୋଇ ତାଙ୍କ ଅଜାଣତରେ ତାଙ୍କର ଏପରି ମାନସିକ ପରିବର୍ତ୍ତନ ହୋଇଯାଇଛି । ତାଙ୍କ ଜୀବନ କାହାଣୀ ଶୁଣିଲେ ଆପଣ ମଧ୍ୟ ତାଙ୍କ ପ୍ରତି ଅଶେଷ ଅନୁକମ୍ପା ଢାଳି ପକାଇବେ ଏବଂ କହିବେ- ଲୋକଟା ପାଗଳ ହୋଇଯାଇ ନାହିଁ, ସେଇଟା ବଡ଼କଥା । ଅବଶ୍ୟ ଅଫିସ୍‌ରେ ତଳିଆ କର୍ମଚାରୀଠୁ ଆରମ୍ଭ କରି ତାଙ୍କର

ଉପରିସ୍ଥ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କର ସଦିଚ୍ଛା ଓ ଅନୁକମ୍ପାରୁ ହିଁ ସେ ଏପର୍ଯ୍ୟନ୍ତ ଚାକିରି ଖଣ୍ଡିକ ସମ୍ଭାଳି ରଖିଛନ୍ତି ।

ବିବାହର ପ୍ରାୟ ଦୁଇ ବର୍ଷ ପରେ ଅନୁଭବ ବାବୁଙ୍କ ଔରସରୁ ପ୍ରଥମ ସନ୍ତାନ ଜାତ ହେଲା । ହେଲା ନୁହେଁ ତ, ହେଲେ । ଅର୍ଥାତ୍ ଯମଜ କନ୍ୟାରତ୍ନ ଶ୍ରୀମତୀଙ୍କ କୋଳ ମଣ୍ଡନ କଲେ । ପୁଅଟିଏ ନ ହେଲା ନାହିଁ; ଏକାବେଳକେ ଯୋଡ଼ିଏ ଝିଅ ଜନ୍ମ ହେବାଟାକୁ ସ୍ୱାମୀ-ସ୍ତ୍ରୀ ଉଭୟେ ଭଲ ରକମର ହଜମ କରିପାରିଲେ ନାହିଁ । ଅନୁଭବ ବାବୁ ତାଙ୍କ ପିତାମାତାଙ୍କର ଏକୁଟିଆ ପୁତ୍ର ସନ୍ତାନ । ତେଣୁ ନିଜର ବଂଶରକ୍ଷା ପରମ୍ପରାକୁ ବଜାୟ ରଖିବା ନିମନ୍ତେ ପୁଅଟିଏ ମନେ ମନେ ଅବଶ୍ୟ ଚାହୁଁଥିଲେ । କିନ୍ତୁ ବିଧିର ବିଧାନ, କେ କରିବ ଆନ !

ଦ୍ୱିତୀୟ ବାର ସନ୍ତାନ ଜନ୍ମ ବିଷୟରେ ସେ ଗୁରୁଜନ, ସାଙ୍ଗସାଥୀ, ଶ୍ରୀମତୀଙ୍କ ସହିତ ଅନେକ ବିଚାର ବିମର୍ଷ କଲେ । ସମସ୍ତେ କିନ୍ତୁ ପରାମର୍ଶ ଦେଲେ ଦ୍ୱିତୀୟଥର ପରୀକ୍ଷାରେ ଅବତୀର୍ଣ୍ଣ ହେବାକୁ । କିନ୍ତୁ ମୁଖ୍ୟ ବ୍ୟକ୍ତି ଶ୍ରୀମତୀ ଏଥିରେ ଆଦୌ ରାଜି ହେଲେ ନାହିଁ । ତାଙ୍କୁ ରାଜି କରେଇବାକୁ ପାଖାପାଖି ତିନିବର୍ଷ ଲାଗିଗଲା । ତାହା ପୁଣି ବିଭିନ୍ନ ସର୍ତ୍ତାବଳୀ ମଧ୍ୟରେ । ଯାହା ହେଉ ଶେଷରେ ଦ୍ୱିତୀୟ ଗର୍ଭରୁ ତୃତୀୟ ସନ୍ତାନଟିଏ ପାଇବାକୁ ଅନୁଭବ ବାବୁ ମନପ୍ରାଣ ଦେଇ ଲାଗିପଡ଼ିଲେ । ବିଭିନ୍ନ ଦେଶୀ ଚିକିତ୍ସା, କବିରାଜୀ ଔଷଧ, ଦେବାଦେବୀଙ୍କ ଠାରେ ମାନସିକ ଆଦି ରଖି ପ୍ରସ୍ତୁତି ଚଳାଇଲେ ।

ଯଥା ସମୟରେ ଶ୍ରୀମତୀଙ୍କର ପୁଣି ଗର୍ଭ ସଞ୍ଚାର ହେଲା । ପ୍ରଥମଥର ଠୋକର ଖାଇଥିବାରୁ ଏଲୋପାଥି ଚିକିତ୍ସା ଉପରୁ ତାଙ୍କର ସମ୍ପୂର୍ଣ୍ଣ ଭରସା ତୁଟି ସାରିଥିଲା । ତେଣୁ ସେ ଘରୋଇ ଚିକିତ୍ସାରେ ଶ୍ରୀମତୀଙ୍କର ଡେଲିଭରୀ କରାଇଲେ । ଏଥର କେବଳ ତୃତୀୟ ନୁହେଁ, ଚତୁର୍ଥ ସନ୍ତାନ ମଧ୍ୟ ଜାତ ହେଲା । ପୁଣି ଯମଜ ଭଗ୍ନୀ । ଅନୁଭବ ବାବୁଙ୍କ ଆଖିରୁ ଝରଝର ହୋଇ ଲୁହ ଝରିପଡ଼ିଲା ଏ ଖବର ପାଇ । ଶ୍ରୀମତୀ କିନ୍ତୁ ଏଥିରେ ଦୁଃଖ କରିନଥିଲେ । ବରଂ ରାଗ ଜର୍ଜରିତ ହୋଇ ଅନୁଭବ ବାବୁଙ୍କ ପ୍ରତି ଦାନ୍ତ କାମୁଡ଼ି ବାୟାଣୀ ଭଳିଆ ପ୍ରଳାପ ଛାଡ଼ିଥିଲେ । ଶ୍ରୀମତୀଙ୍କୁ ସାମ୍ନା କରିବାକୁ ଅନୁଭବବାବୁ ସାହସ ଜୁଟେଇ ପାରି ନ ଥିଲେ ।

ପ୍ରକୃତରେ ଈଶ୍ୱର କ'ଣ ଏଡ଼େ ନିଷ୍ଠୁର ! ଦୁଇଟି ଗର୍ଭରେ ଚାରି ଚାରିଟା କନ୍ୟା ଦେବାଟା ସତରେ ଆଶୀର୍ବାଦ, ନା ଅଭିଶାପ, ନା ଉପହାସ ! ଦୁଇଦୁଇଥର ଯାଆଁଳା କନ୍ୟା ଜନ୍ମଦେଇ ସେମାନଙ୍କୁ ଖୁଆଇ ପିଆଇ ବଡ଼ କରିବାଟା କେତେ କଷ୍ଟ ସେକଥା ତାଙ୍କ ଶ୍ରୀମତୀ ହିଁ କେବଳ ଅନୁଭବ କରୁଥିଲେ । ଅନୁଭବ ବାବୁଙ୍କ ମାନସିକ ସ୍ଥିତି କଥା ଆଉ ପଚାରୁଛି କିଏ ! ପ୍ରକୃତରେ ଏହିଠାରୁ ହିଁ ଅନୁଭବ ବାବୁଙ୍କ ଭିତରେ ଅସମ୍ଭବ ପରିବର୍ତ୍ତନର ସୂତ୍ରପାତ ହେଲା । ସେ ଅନ୍ୟମନସ୍କ ହୋଇ ପଡ଼ିଲେ । ଟେନ୍‌ସନ୍‌ରୁ ରକ୍ତଚାପ ଓ ଡାଇବେଟିସ୍ ଉଭୟ ବଢ଼ିଗଲା । ଖାଇବା ପିଇବା, ଅଫିସ କାର୍ଯ୍ୟାଦିରେ କୌଣସି ନିୟମିତତା ରହିଲା ନାହିଁ । ବଡ଼ଝିଅ ଦୁହିଙ୍କୁ ସମ୍ଭାଳିବା କାର୍ଯ୍ୟ ଅନୁଭବ ବାବୁ ଓ ସାନ ଦୁହିଁଙ୍କର ଦାୟିତ୍ୱ ଶ୍ରୀମତୀ ନେଲେ ମଧ୍ୟ ଘରର ଅନେକ କାର୍ଯ୍ୟଭାର ଅନୁଭବ ବାବୁଙ୍କ ଉପରେ ନ୍ୟସ୍ତ ରହିଲା । ଏସବୁ ପାଇଁ ଅବଶ୍ୟ ଅନୁଭବବାବୁ ସମ୍ପୂର୍ଣ୍ଣ ଭାବରେ ନିଜକୁ ହିଁ ଦାୟୀ କରୁଥିଲେ ।

ଉଭୟଙ୍କର ଆପ୍ରାଣ ପ୍ରଚେଷ୍ଟାରେ ଚାରୋଟିଯାକ ଝିଅ ଧିରେଧିରେ ବଢ଼ିବାରେ ଲାଗିଲେ । ବଡ଼ ଦୁହେଁ ଗଙ୍ଗା-ଯମୁନା ସ୍କୁଲକୁ ଗଲେଣି । ସାନ ଝିଅ ସୀତା-ଗୀତାଙ୍କୁ ତିନିବର୍ଷ ହେଲାଣି । ଦ୍ୱିତୀୟ ଗର୍ଭଠାରୁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ଆଉ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ନ ଥିଲା । ଅନୁଭବ ବାବୁଙ୍କ ଉପରେ ରାଗ ରଖି ଶ୍ରୀମତୀ ଖାଲି ରକ୍ତ ଚାଉଳ ଚୋବାଉଥିଲେ । ଏପର୍ଯ୍ୟନ୍ତ ତାଙ୍କ ରାଗରେ ଭଟ୍ଟା ପଡ଼ିନଥାଏ । ବଂଶରକ୍ଷାର ଭୂତଟା ଯଦିଓ ଚାରିକନ୍ୟାଙ୍କ ଗହଳି ଚହଳି ମଧ୍ୟରେ ଅନୁଭବ ବାବୁଙ୍କ ମନରୁ ଓହ୍ଲେଇ ଯାଇ ସାରିଥାଏ, କିନ୍ତୁ ଶ୍ରୀମତୀ ଏଥର ସ୍ୱାମୀଙ୍କ ସୌକ ପୂରଣ କରିବାକୁ ଅଣ୍ଟା ଭିଡ଼ିଲେ । ଏ ଭିତରେ ଦିନରାତି ଟେନ୍‌ସନ୍‌ରେ ରହି ରହି ଅନୁଭବବାବୁ ବଂଶ କ'ଣ, ରକ୍ଷା କ'ଣ ଏ ଶବ୍ଦଗୁଡ଼ିକର ଅର୍ଥ ମଧ୍ୟ ଭୁଲି ସାରିଥିଲେ । ଶ୍ରୀମତୀ କିନ୍ତୁ ଛାଡ଼ିନଥିଲେ । ତୃତୀୟ ଗର୍ଭ ପାଇଁ ଅନୁଭବବାବୁଙ୍କୁ ବାଧ୍ୟ କଲେ । ତାଙ୍କର ଏ ଉଗ୍ରରୂପ ଦେଖି ଅନୁଭବ ବାବୁ ଡାଟକା ହୋଇପଡ଼ିଲେ । ଶ୍ରୀମତୀଙ୍କର ଯୁକ୍ତି ଥିଲା- ସାମାନ୍ୟ ପୁଅଟିଏ ପାଇଁ ତମେ ମତେ ଚାରୋଟି ଝିଅ ଜନ୍ମ ଦେବାକୁ ବାଧ୍ୟ କରିଛ ମାନେ ପୁଅଟିଏ ନ ହେଲା ପର୍ଯ୍ୟନ୍ତ ତମକୁ ମୁଁ ସହଜରେ ଛାଡ଼ିଦେବି ବୋଲି କ'ଣ ଭାବିଛ ! ଆମର ଅଲବତ୍ ପୁଅଟିଏ ହେବ, ହେବ, ହେବ । ପଛକୁ ପଛ ଲଗାତାର ଭାବରେ ଶ୍ରୀମତୀଙ୍କ କୋଳ ମଣ୍ଡନ କରି ସାତ ଭଉଣୀ ଜନ୍ମ ହେବା ପର୍ଯ୍ୟନ୍ତ କଥାଗଲା, କିନ୍ତୁ ପୁତ୍ରଟିଏ ଜନ୍ମ ନୋହିଲା । ଭାଗ୍ୟ ଉପରେ, ଭଗବାନଙ୍କ ଉପରେ, ସ୍ୱାମୀଙ୍କ ଉପରେ ଏବଂ ନିଜ ଉପରେ ପ୍ରତିଶୋଧ ନେବାକୁ ଯାଇ ଅତ୍ୟନ୍ତ କଠୋର ହେଲେ ମଧ୍ୟ ଅଷ୍ଟମ ଗର୍ଭ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଶ୍ରୀମତୀ ସତକୁ ସତ ଶେଷରେ ଅଷ୍ଟମ ଗର୍ଭ ଧାରଣ କଲେ ।

ସତରେ ଭଗବାନ ଏତେ ନିଷ୍ଠୁର ନୁହନ୍ତି, ଯେତିକି ଆମେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ପଡ଼ି ଦୋଷାରୋପ କରିଥାଉ । ପୁରାଣ ସାକ୍ଷୀ ଅଛି, ଅଷ୍ଟମ ଗର୍ଭ ପ୍ରକୃତରେ ନିର୍ଣ୍ଣାୟକ ଭୂମିକା ତୁଲାଇଥାଏ । ଏହାର ଜ୍ୱଳନ୍ତ ଉଦାହରଣ ଭଗବାନ ଶ୍ରୀକୃଷ୍ଣ ଅଟନ୍ତି । ଶ୍ରୀମତୀଙ୍କ କୋଳରେ ସତକୁ ସତ ଅଷ୍ଟମଗର୍ଭରେ ପୁତ୍ର ସନ୍ତାନଟିଏ ଜନ୍ମ ନେଲା । ଗୁଲୁଗୁଲିଆ ପୁତ୍ର ସନ୍ତାନଟିଏର କୁଆଁ କୁଆଁ ଡାକରେ ଉଭୟ

ଅନୁଭବ ବାବୁ ଓ ଶ୍ରୀମତୀ ସତରେ ହଜିଲା ଧନ ପାଇଲା ପରି ଖୁସିରେ ବିଭୋର ହୋଇପଡ଼ିଥିଲେ ଏବଂ ସେମାନେ ଯେ ଆହୁରି ସାତୋଟି କନ୍ୟାର ପିତାମାତା, ଏକଥା ଭୁଲି ଯାଇଥିଲେ । ଠାକୁରଙ୍କୁ, ବିଶେଷ କରି ଶ୍ରୀକୃଷ୍ଣ ଗୋବିନ୍ଦ ଗୋପାଳଙ୍କୁ ଶତଶତ କୃତଜ୍ଞତା ଜ୍ଞାପନ କରିବାକୁ ଯାବତୀୟ ପୂଜାବିଧିର ଆୟୋଜନ କରିଥିଲେ । ହଜାରେ ଦିଅଁ ଦେବତାଙ୍କ ପାଖରେ ଶରଣ ପଶି ଶେଷରେ ଅଷ୍ଟମ ତଥା ନିର୍ଣ୍ଣାୟକ ଗର୍ଭରୁ ଜାତ ହୋଇଥିବା ପୁତ୍ରସନ୍ତାନର ନାମ ମଧ୍ୟ ସେମାନେ କୃଷ୍ଣ ଗୋପାଳ ରଖିଥିଲେ । ଏଥିରେ କିନ୍ତୁ ସବୁଠୁ ବେଶୀ ଖୁସି ହୋଇଥିଲେ ଶ୍ରୀମତୀ ଯିଏକି ଗୁଲୁଗୁଲିଆ ଗୋପାଳର ଗେହ୍ଲା ମୁହଁଟି ଦେଖିଦେଇ ସାତ କନ୍ୟା ପ୍ରସବ ଯନ୍ତ୍ରଣାକୁ ଧିରେ ଧିରେ ବିସ୍ମରି ପକାଉଥିଲେ ।

କିନ୍ତୁ ଝିଅ ସାତଗୋଟିଙ୍କୁ ନେଇ ସ୍ୱାମୀ ସ୍ତ୍ରୀ କେମିତି ଚଳୁଥିବେ ଥରେ ଭାବିଛନ୍ତି ! ଆଜିକାଲିର ଭାଗଦୌଡ଼ ଦୁନିଆରେ କିଏ ବା କାହା କଥା ପଚାରୁଛି ! ଗୋଟିଏ ଦୁଇଟା ପିଲାଙ୍କୁ ସମ୍ଭାଳିବା ମୁସ୍କିଲ; ଇଏ ପୁଣି ଆଠଜଣ । ଖାଇବା ପିଇବାଠୁ ଆରମ୍ଭ କରି ପଢ଼ାପଢ଼ି ପର୍ଯ୍ୟନ୍ତ ସବୁଥିରେ ହଇରାଣ । ଘରେ, ବାହାରେ, ଅଫିସ୍‌ରେ, ସବୁଆଡ଼େ ଅନୁଭବବାବୁଙ୍କୁ ନେଇ ଚର୍ଚ୍ଚା । ଅବଶ୍ୟ ଅଫିସ୍‌ରେ ଅନୁଭବ ବାବୁଙ୍କର ଅସହାୟତା ତଥା ବୋକାମୀ ବିଷୟରେ ଷ୍ଟାଫ୍‌ମାନେ ଭିତରେ ଭିତରେ ଆଲୋଚନା ସମାଲୋଚନା କଲେ ମଧ୍ୟ ତାଙ୍କ ପ୍ରତି କିନ୍ତୁ ଯଥାମାନ୍ୟ ଅନୁକମ୍ପା ଦେଖାଇବାକୁ କଦାପି ଭୁଲନ୍ତି ନାହିଁ । ଆହା ! ଲୋକଟା କି ହୀନସ୍ତା ନ ହେଉଛି !

ତୃତୀୟ ଓ ଚତୁର୍ଥ ସନ୍ତାନ ହେବା ପରଠାରୁ ଲଗାତାର ଅନୁଭବ ବାବୁଙ୍କ ମୁଣ୍ଡରେ ଯେଉଁ ଶକ୍ତ ଝଟ୍‌କା ବାରମ୍ବାର ଲାଗୁଥିଲା, ତାହା ଅଷ୍ଟମ ସନ୍ତାନ ରୂପକ ମଲମ ପ୍ରଲେପରେ କିଛିମାତ୍ରାରେ ଉପଶମ ହୋଇଥିଲା । କିନ୍ତୁ ଯେତିକି ଯନ୍ତ୍ରଣା ରହିଯାଇଥିଲା ସେତିକିରେ ମଧ୍ୟ ସେ ଭାବପ୍ରବଣତା ସମ୍ପର୍କିତ ଯାବତୀୟ ବ୍ୟକ୍ତିତ୍ୱ, ଯଥା- କବି, ଭାବୁକ, ଦାର୍ଶନିକ, ମନସ୍ତାତ୍ତ୍ୱିକ ଆଦି ବନିଯାଇଥିଲେ । ବାସ୍ତବିକତା ପ୍ରତି ଦୃଷ୍ଟି ଦେଲେ ଅନୁଭବ ବାବୁ କାହିଁକି, ଆଉ ଯିଏ ହେଲେ ମଧ୍ୟ ଏ ଯୁଗରେ ଏପରି ପରିସ୍ଥିତିରେ ସମ୍ପୂର୍ଣ୍ଣ ପାଗଳ ନହେଲେ ମଧ୍ୟ ଅର୍ଦ୍ଧପାଗଳଟିଏ ହୋଇଯିବ ।

କିନ୍ତୁ ଅନୁଭବ ବାବୁ ଏଇଥିପାଇଁ ଧନ୍ୟବାଦାର୍ହ ଯେ ବେଟୀ ବଚାଓ ଆନ୍ଦୋଳନରେ ସେ ଜଣେ ଆଗଧାଡ଼ିର ସୈନିକ ସାଜି ପୁରୁଷ ଅନୁସାରେ ମହିଳାମାନଙ୍କର ଅନୁପାତର ହାରରେ ଶୂନ୍ୟ ଦଶମିକ କେତେଟା ଶୂନ୍ୟ ପରେ ଏକ ଶତକଡ଼ା ଅଭିବୃଦ୍ଧିରେ ସହାୟକ ହୋଇ ସରକାରଙ୍କୁ ପରୋକ୍ଷରେ ସାହାଯ୍ୟ କରିଛନ୍ତି । ଶ୍ରୀମତୀଙ୍କର କ୍ରୋଧର ଫଳ ହେଉ, ଅନୁଭବ ବାବୁଙ୍କ ବଂଶରକ୍ଷା ଇଚ୍ଛାର ଫଳ ହେଉ, କିମ୍ବା ଭାଗ୍ୟର ବିଡ଼ମ୍ବନା ଯୋଗୁ ହେଉ, ଦୁଇ ଦୁଇଥର ଯମଜ କନ୍ୟା ସନ୍ତାନ ଦେଇ ମହିଳାଙ୍କ ସଂଖ୍ୟା ବୃଦ୍ଧିରେ ସାହାଯ୍ୟ କରିଥିବା ତଥା ସାତଗୋଟି ବରପାତ୍ରଙ୍କୁ ବିବାହଯୋଗ୍ୟ ବନାଇ ପାରିଥିବା ଏହି ବିରଳ ଦମ୍ପତିଙ୍କୁ ସରକାରଙ୍କ ତରଫରୁ କିଛି ଗୋଟିଏ ଆଖିଦୃଶିଆ ପ୍ରୋତ୍ସାହନର ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ।

ବି.ଜେ.ବି ନଗର, ଭୁବନେଶ୍ୱର

■■■



# ଈଶ୍ୱର,ପୃଥିବୀ ଓ ବାପା

ଆଶୁତୋଷ ଧଳ



ସହନଶୀଳତା ର ଅମାପ ହୃଦୟ
ଯାହା ପାଖରେ ଅଛି
ସିଏ ହେଉଛନ୍ତି
ଈଶ୍ୱର, ପୃଥିବୀ ଓ ବାପା।
କହିବା ପୂର୍ବରୁ
ମନ କଥା ଯିଏ
ଆପେ ଆପେ ବୁଝି ପାରନ୍ତି
ସିଏ ବି ଈଶ୍ୱର, ପୃଥିବୀ ଓ ବାପା।

ମୋ ବାପା ଥିଲେ ଠିକ୍ ସେମିତି ଏକ ଗୁଣ ର ଅଧିକାରୀ। କାହା ମନରେ ଦୁଃଖ ଦେବା ତାଙ୍କ ଜାତକରେ ନ ଥିଲା। ନିଜେ ଯେତେ ଦୁଃଖରେ ଥିଲେ ବି ସବୁବେଳେ ତାଙ୍କ ମୁହଁରେ ହସ ଫୁଟି ଉଠୁଥିଲା। ଶତ୍ରୁ ଅବା ମିତ୍ର ସଭିଙ୍କୁ ନିଜ ସରଳ ପଣିଆର ଆଚରଣରେ ବାନ୍ଧି ରଖୁଥିଲେ। କାହା ମୁହଁ ରେ ରୋକଠୁକ୍ ଭାବରେ ଜବାବ୍ ଦେଉ ନ ଥିଲେ ସେ।

ଅଭାବୀ ସଂସାର ଭିତରେ ଆମେ ଯେବେ ଟିକେ ମନ ଊଣା କରୁ, ତତକ୍ଷଣାତ୍ ବାପା **ଈଶ୍ୱର**ଙ୍କ ପରି ଉଭା ହୋଇ କହନ୍ତି , ମନ ଦୁଃଖ କାହିଁକି କରୁଛ? ଆରେ ମୁଁ ଅଛି ନା, ଯାହା ଅଭାବ ଅନଟନ ସବୁ ମୁଁ ପୁରଣ କରିଦେବି।

ଆମେ ଯେବେ ହଷ୍ଟେଲ ରେ ଥାଉ, ବାପା ଚିଠି ଲେଖନ୍ତି, ତାଙ୍କର ନିର୍ଦ୍ଦିଷ୍ଟ କେତୋଟି ଧାଡି ମୋର ଏବେ ବି ମନେ ଅଛି,

" ପରମକାରୁଣିକ ପ୍ରଭୁ ଜଗନ୍ନାଥ ଙ୍କ ଅପାର କରୁଣାରୁ ଭଲରେ ଥିବୁ ନିଶ୍ଚୟ।

ସବୁଦିନ ଠାକୁର ପୂଜା ଓ ଗୀତା ପାଠ କରୁଥିବୁ। ପାଠ ପଢା ସାଙ୍ଗକୁ ଗୁରୁ ଭକ୍ତି ନିଶ୍ଚୟ କରୁଥିବୁ ।

ବିଶେଷ କରି ଘରର ଅଭାବ ଓ ଟଙ୍କା ପଇସା କଥା ଜମା ଚିନ୍ତା କରିବୁନି। ମୁଁ ଅଛି, ସବୁ ନିର୍ବିଘ୍ନ ରେ ତୁଲାଇ ଦେବି।

ଏ ଚିଠି ପଢ଼ି ମୋର ବାପାଙ୍କ ର ଚିରା ଫଟା ସିଲେଇ ହୋଇଥିବା ଧୋତି ପଞ୍ଜାବୀ, ଭଙ୍ଗା ଦଦରା ସାଇକେଲ ଓ ପୁରୁଣା ଚପଲ୍ ହଳେ କଥା ମନେ ପଡ଼ିଯାଏ।

ଆଜି ସପ୍ତମୀ ପୂଜା ଓ ଗାନ୍ଧୀ ଜୟନ୍ତୀ। ବାପାଙ୍କ କଥା ଭାରି ମନେ ପଡୁଥିଲା। ଠିକ୍ ପଚିଶ୍ ବର୍ଷ ପୂର୍ବେ ଆଜିର ଦିନରେ ଆମେ ସପରିବାର ପୂଜା ଛୁଟି ଅବସର ରେ ଗାଁ କୁ ବୁଲି ଯାଇଥିଲୁ। ସମସ୍ତଙ୍କୁ ନିକଟରେ ପାଇ ବାପା ଖୁବ୍ ଆନନ୍ଦିତ। ସବୁଦିନ ସଂଧ୍ୟାରେ ବାପା ଭାଗବତ ଗୀତା ପଢନ୍ତି ଓ ବୋହୂ ମାନଙ୍କୁ ପାଖରେ ବସାଇ ସବୁ ବୁଝାଇ ଦିଅନ୍ତି ଜୀବନ ର ଗୁଢ଼ ରହସ୍ୟ। କିଏ କଣ ବୁଝେ ମୁଁ ଜାଣେନି ! କିନ୍ତୁ ସେ ବୋହୂ ମାନଙ୍କୁ ତନ୍ନ ତନ୍ନ କରି ମାନବ ତତ୍ତ୍ୱ ବୁଝାଇ ଦିଅନ୍ତି।

ସେଦିନ ଦ୍ୱିପହର ଭୋଜନ ଚାଲିଥାଏ। ବାପା ଖାଇ ବସିଥାନ୍ତି। ତରକାରୀ ବଢ଼ା ହୋଇଥାଏ। ବାପା ଖାଉଥିଲେ ଓ ଭୂରି ଭୂରି ପ୍ରଶଂସା କରୁଥିଲେ ବୋହୂ ମାନଙ୍କର ରନ୍ଧନ ଶୈଳୀ ରେ। ଓଃ କି ସୁଆଦିଆ। ବଢ଼ିଆ ହୋଇଛି ତରକାରୀ ଗୁଡ଼ାକ।

ବୁଝିଲ ତୁମ ଶାଶୂ ଯଦି ଏମିତି କେବେ ରୋଷେଇ କରି ଟିକେ ଦିଅନ୍ତା।

ବୋହୂ ମାନେ ବେଶ୍ ମୁରୁକି ହସି ବାପାଙ୍କୁ ଆଉ ଟିକେ ତରକାରୀ ବାଢ଼ି ଦିଅନ୍ତି ।

ବାପା ଖାଇ ସାରି ଉଠିଗଲେ । ମୁଁ ଖାଇବସିଲି। ମୋ ଭାତ ଥାଳି ଚାରିପଟେ ତରକାରୀ ସବୁ ସେମିତି ବଢ଼ା ହୋଇଥାଏ। ମୁଁ ଭାତ ଗୁଣ୍ଡାଏ ଖାଇ ତରକାରୀ ଟିକେ ପାଟିକୁ ନେଲି, ଓଃ କି ଅଲଣା। ତରକାରୀ ରେ ବହୁତ୍ କମ୍ ଲୁଣ ପଡିଚି। କୌଣସି ତରକାରୀ ବି ମୋତେ ସୁଆଦିଆ ଲାଗୁ ନ ଥିଲା। ମୁଁ ଟିକେ ବିରକ୍ତି ପ୍ରକାଶ କଲି। ଅଯଥା କଳହ କୁ ଏଡାଇ ଦେଇ ତରକାରି ରେ ଲୁଣ ପକାଇ ଖାଇଦେଲି।

ବାପାଙ୍କୁ ଅନାଇଲି । ବାପା ମୁରୁକି ହସୁଥିଲେ। ଖାଇଦେ । ତରକାରୀ ତ ସବୁ ଭଲ ହୋଇଛି। ଅନେଇଛୁ କଣ ?

ବାପାଙ୍କ ଉଦାର ହୃଦୟ ଆଗରେ ମୋ ରାଗ ଟା ଫିକା ପଡିଗଲା। ମୁଁ ଚୁପଚାପ୍ ଖାଇଦେଲି। ମୁଁ ଭଲ ଭାବେ ଜାଣିଛି ମୋ ମାଆ ପରି କେହି ବୋହୂ ବି ଏତେ ସୁନ୍ଦର ଓ ସୁଆଦିଆ ରୋଷେଇ କରି ପାରିବେନି।

ମୋ ଦେଖିବାରେ କି ଜାଣିବାରେ ବାପା କେବେ ବୋହୂ ମାନଙ୍କୁ ଦୁଃଖ ଦେଲା ପରି ପଦୁଟିଏ ବି କହିନାହାନ୍ତି। ନିଜ ଝିଅ ଠୁ ଅଧିକ ସ୍ନେହ ଶରଧା କରନ୍ତି। ଗାଁ ଭୂଇଁ ରେ ସେମାନଙ୍କର ଭୂରି ଭୂରି ପ୍ରଶଂସା କରନ୍ତି।

ବାପା ଖାଇ ସାରି ମସିଣା ପାରି ବିଶ୍ରାମ ନେଲେ। ବାପାଙ୍କ ଆଖି ମୁଦ୍ରିତ ଥିଲା। ମୁଁ ସେଇ ମୁଦ୍ରିତ ଆଖି ଭିତରେ ଈଶ୍ୱରଙ୍କୁ ଖୋଜୁଥିଲି।

ବାପା ଆଜକୁ ସତର ବର୍ଷ ପୂର୍ବେ ଇହଧାମ ତ୍ୟାଗ କଲେଣି। ମୋତେ ଲାଗୁଛି ଯେମିତି ଏଇଠି କୋଉଠି ମୋ ବାପା ଅଛନ୍ତି।

ସତରେ ଈଶ୍ୱର, ପୃଥିବୀ ଓ ବାପା ମାନଙ୍କର ହୃଦୟ ଏକା ପରି.......

ନନ୍ଦନ ବିହାର, ଭୁବନେଶ୍ୱର
ମୋ-୯୧୭୮୩୦୦୩୭୭

■■■



# ମାନସିକତା

**ଶଶାଙ୍କ ଶେଖର ମିଶ୍ର**



କେବଳ ମଣିଷହିଁ ଏସବୁ ପାରେ । ଅନ୍ୟ ସମଧର୍ମୀମାନଙ୍କର ଦୁଃଖ ଦେଖି ଦେଖି ନିଜ ଜୀବନ ଜୀଏଁ । ଅନ୍ୟର ସୁଖ ଦେଖିଲେ ତା'ଜୀବନର ସ୍ୱର ବେସୁରା ହୋଇଯାଏ । ମନର କେଉଁ ଗୋପନ କୋଣରେ ଈର୍ଷାର ନିଆଁ ଦହକି ଉଠେ । ଅନ୍ୟ କେତେଜଣଙ୍କର ଦୁଃଖ ଯଦି ନିଜ ଦୁଃଖ ସହିତ ମିଶିଯାଏ ସେ ଶାନ୍ତିରେ ନିଃଶ୍ୱାସ ନିଏ । ତା'ପୁଅ ଏବଂ କଲୋନୀର ଅନ୍ୟ କେତେଜଣଙ୍କ ପୁଅ ଯଦି ପରୀକ୍ଷାରେ ଫେଲ୍ ହୋଇଥାନ୍ତି ତେବେ ସେ' ଦୁଃଖ ସହିତ ସାଲିସ୍ କରିନିଏ । ହେଲେ ତା'ପୁଅ ଫେଲ୍ ହୋଇ ଯଦି ପଡିଶାଘର ପୁଅ ଫାଷ୍ଟ କ୍ଲାସ୍ ପାଇଲା ତା'ହେଲେ ତା' ବଞ୍ଚିବା ପିତା ହୋଇଯାଏ । ଏମିତି ହେଉଛି ମଣିଷ । ତା'ପୁଅ ଫାଷ୍ଟ କ୍ଲାସ ପାଇଲେ ସେ ଭାବିନିଏ , ମୋ ପୁଅ ଫାଷ୍ଟକ୍ଲାସ୍ ପାଇଲା ଏଇଥିପାଇଁ ଯେ ମୁଁ ତା' ପଛରେ ଲାଗିଥିଲି । ପଡିଶାଘର ପୁଅ ଫାଷ୍ଟକ୍ଲାସ୍ ପାଇଲେ ସେ' କହେ,ତା'ବାପାର ପଇସା ଅଛି, ଉପରେ ଧରାଧରି କରି ପୁଅର ଫାଷ୍ଟକ୍ଲାସ୍ କରାଇ ଦେଇଛି । ଏମିତି ଅନେକ ।

ଗାଁ'ର ବିଧବା ବୁଢୀଟିଏ ସକାଳୁ କାନ୍ଦ ବୋବାଳି ପକାଉଛି ।କାରଣ-ରାତିରେ ଚୋର ପଶି ତା'ର ଯାହା ବା କିଛି ସଂଚିତ ସମ୍ପତ୍ତି ଥିଲା ସବୁଥିରେ କଳାକନା ବୁଲେଇ ଦେଇଛି । ଦେଖିଲେ ମନେ ହେଉଛି - ବୋଧହୁଏ ବୁଢୀର ଶେଷଦିନ ଆସିଗଲା । ମାତ୍ର କିଛି ସମୟ ପରେ ଦେଖାଗଲା ତା'ର କାନ୍ଦ ବନ୍ଦ ହୋଇଯାଇଛି । ଏଇ ମାତ୍ର ସେ' କାମବାଲୀଠାରୁ ଶୁଣିଲା ଯେ ସେଇ ରାତିରେ ଗାଁ'ର ଅନେକ ଲୋକଙ୍କ ଘରୁ ଚୋରି ଯାଇଛି - ବିଶେଷକରି ଚୋରି ଯାଇଛି ତା'ର ସାନ ଯା'ର ଘରୁ , ଯିଏକି ନିଜ ସମ୍ପତ୍ତିର ବଡିମା ଦେଖାଇ ତାକୁ ଅହରହ ଦୁଃଖ ଦେଇ ଆସିଛି ।

ଦେଖାଗଲା- ବୁଢୀ ହସି ହସି କାମବାଲୀକୁ କହୁଛି -ଆଲୋ !  ମୁଁ କାହିଁକି ଦୁଃଖ କରିବି ? ଯଦି ମୋ ସାନ ଯାଆ ଘରୁ ଚୋରି ଯାଇଛି ଆଉ ସେ' ଦେହ ଧରି ରହିଛି, ମୋର ଚୋରି ଗଲା ତ କ'ଣ ହେଲା ସେଥିରୁ ?

ଏ ଦୁଃଖ କ'ଣ ମୋର ଏକୁଟିଆ ?

ଆଜ୍ଞା ! ସତ କୁହନ୍ତୁନା । ଏହା କ'ଣ କେବଳ ସେଇ ବୁଢୀର କଥା ? ଆମ ମନ ଭିତରେ କେଉଁଠି ନା କେଉଁଠି କ'ଣ ସେଇ ବୁଢୀର ମାନସିକତା ଲୁଚିଛପି ବସା ବାନ୍ଧି ରହିନି ?

■■■

ନୀଳଦ୍ରି ବିହାର, ଭୁବନେଶ୍ୱର
ମୋ - ୮୭୬୩୭୦୦୭୦୪



# ସୁନାଚେନ୍

ଅଞ୍ଜଳି ଆଚାର୍ଯ୍ୟ

ସମୟ ପାଇଲେ ଅର୍ଥାତ୍ ସ୍ବାମୀ ପାଖରେ ରହିଲେ ପ୍ରତିମା ଶୁଣେଇ ଦିଅନ୍ତି ଦୁଇପଦ ତାଙ୍କୁ । ମୋ ଇଚ୍ଛା ବୋଲି କ'ଣ ଅଛିକି ? ବେକରେ ଲମ୍ବା ହୋଇ ଚେନଟେ ପଡ଼ିଲେ ଯେମିତି ସୁନ୍ଦର ଦେଖାଯାଏ ଏଇ ଛୋଟିଆ ମାଳିଟା, ଛାଡ ଯେତେ କହିଲେ କ'ଣ ହେବ ହୋଇ ପାରିଲେ ତ ?ବେଳେ ବେଳେ ମନରେ ଏତେ ଉଦବେଗ ଆସେ ଯେ ସେ ନଖାଇ ଶୋଇ ପଡ଼ନ୍ତି ପ୍ରତିମା । ହେଲେ ତାଙ୍କର ସ୍ବାମୀ ସୁବଳଙ୍କୁ କିଛି ଫରକ ପଡେ ନା । ସେ କୁହନ୍ତି କାଇଁ ଏମିତି ହେଉଛ କହିଲ ? ସୁନାରେ କ'ଣ ଥାଏ ? ସବୁବେଳେ ଜିଦ୍ କରୁଛ ଛୋଟ ପିଲାଙ୍କ ଭଳି ।

ପ୍ରତିମାଙ୍କ କିଛି ନା କିଛି ବାହାନା ଥାଏ ।  ତମେ କିଛି ଜାଣିଲେ ତ ... ବଡ ପୁତୁରା ଙ୍କ ବାହାଘର ଆସିଲାଣି । ବେକ କ'ଣ ଏମିତି ରହିବ ? ମୋର ଯୋଡ ଜେଲେବି ହାରଟା ଅଛି ସେ ଛିଣ୍ଡିଯିବ , ଲାଗିଲାଣି ସେମିତି । ଲମ୍ବା ଚେନ ଗୋଟିଏ ଆଣିଆସିବା ଚାଲ । ସୁବଳଙ୍କ ଦରମା ଏତେ ବି ବେଶି ନୁହେଁ । ହେଲେ ସେ... କିଣି ପାରିବେ । ତାଙ୍କୁ କିନ୍ତୁ ସୁନା କିଣା ବାଧେ । ପ୍ରତିମାଙ୍କ ଜିଦିରେ ସେ ହାର ମାନନ୍ତି । ପ୍ରତିମା କୁହନ୍ତି ସବୁ ଥାଇ ମତେ ହଟହଟା କରୁଛ । ସୁବଳ ଶେଷରେ କୁହନ୍ତି ଆଣିବା । କୋଉଠିକି ଯିବା କୁହ । ପ୍ରତିମା ତୁରନ୍ତ କହିଲେ ଏଚ.ଏମ ଜ୍ୱେଲର ପାଖକୁ ଡିସକାଉଣ୍ଟ ଚାଲିଛି ।

ଅଫିସରୁ ସମୟ ବାହାର କରି ସୁବଳ ସେଦିନ ଆସିଲେ ଘରକୁ ଶିଘ୍ର । ପ୍ରତିମା ଉତ୍କଣ୍ଠା ରେ ସୁବଳ ଯାହା କହୁଥାନ୍ତି ସବୁ କଥରେ ସେ ହଁ ମାରୁଥାନ୍ତି ।  ବେଶି ସେଠି ରହିବାନି କିଣିବା ତୁରନ୍ତ ଆସିବା । ଅଫିସରେ ମୋ , ଆସିଲେ କାମ ଅଛି । ପ୍ରତିମା ହଁ ମାରିଲେ । ସେମାନେ ତାଙ୍କ ଛୋଟ ବାଇକରେ ଗଲେ ଏଚ.ଏମ ଜ୍ୱେଲରକୁ । ହେଲେ କେତେ ପ୍ରକାରର ହାର ଦେଖି ସେ ଡରିଲେ ।  ଯେମିତି ଲାଗେ ନାରୀ ଓ ସୌନ୍ଦର୍ଯ୍ୟ ଦୁହେଁ ବାଦ କରୁଥାନ୍ତି ଅହରହ ।

ସୌନ୍ଦର୍ଯ୍ୟ କୁ ଯେତେ ଧରିଲେ ବି ମାପିଲେବି ସେ ଅଭାବ ହିଁ ଲାଗେ । କେତେ ଟଙ୍କା ହୋଇପାରିବ ଯେ ଆଜି ସେ ଲମ୍ବା ଚେନ ଟେ ନେଇ ପାରିବେ । ଦ୍ୱନ୍ଦ ମନରେ ପ୍ରବଳ ।

ସୁବଳ ଓ ପ୍ରତିମା ଗୁଡିଏ ଚେନ ଦେଖିଲେ । ଜେଲେବି ହାରଟା ବଢେଇ ଦେଲେ ସୁନାରି ହାତକୁ ,ସେ ତା ଶାଳରେ ତାକୁ ଦେଉ ଦେଉ ତାହା ମୁଣ୍ଡା ସୁନାଖଣ୍ଡ ହୋଇ ବାହାରି ଆସିଲା । ତାକୁ ଓଜନ କରାହେଲା । ଦଶଗ୍ରାମରୁ କମ ହେଲା । କମସେ କମ ଆଉ ଦଶଗ୍ରାମ ମିଶିଲେ ଯାଇ ଲମ୍ବା ଚେନ ଟେ ହେବ । ଯାହା ଦେଖିଲେ ମନ ମୁତାବକ ହେଲା ନାହିଁ । ଚିନ୍ତା କରି କରି ପ୍ରତିମାଙ୍କ ମୁଣ୍ଡ ବଥା ହେଲାଣି । ସୁବଳ ରାଗୁଥାନ୍ତି । ଯେତେ କହିଲି ତୁମେ କଣ ମାନିଲ ।ଦେଖ ଏବେ କେତେ ଟଙ୍କା ଯାଉଛି ଯେ । ତଥାପି ପ୍ରତିମାଙ୍କୁ ଲାଗୁଥାଏ ସୁବଳ ଯଦି ହଁ କରନ୍ତେ  ଲମ୍ବା ଚେନ ଟେ ସେ ନିଅନ୍ତେ । ହେଲେ ତାହା ହେଲାନା । ସୁବଳ ଦୂରରେ ଥିବା ସୋଫାରେ ବସି ରହି କହିଲେ ତୁମେ ବାଛି କି ମତେ କୁହ । ପ୍ରତିମା ଦେଖିଲେ ଏତେ ଖର୍ଚ କରିବାକୁ ସେ ଆଉ କହି ପାରିବେନି । ସେ ବେକ ପାଖରୁ ଛ ଇଞ୍ଚ ଛାଡି ଚେନ ଟେ ଧରି ଫେରିଲେ । ମେକିଙ୍ଗ ଚାର୍ଜ ସହିତ ୨୦ ହଜାର ଟଙ୍କା ପଡ଼ିଲା । ହେଲେ ପ୍ରତିମାଙ୍କ ମୁହଁ ସେମିତି ଫୁଲିଥାଏ । ସୁବଳ କହୁଥାନ୍ତି ଯାହା କଲେ ବି ତମ ମାନଙ୍କ ମନ ଶାନ୍ତି କରିବା ଭାରି କଷ୍ଟ ।  କ'ଣ ପାଇବେ ସେ ସୁନାରୁ କେଜାଣି ?

ବସି ବସି ତା, ସିପ୍ ଟେ ନେଉଛନ୍ତି ବାପାଙ୍କ କଥା ମନେ ପଡ଼ିଲା । ତା ବାହା ଘର ବେଳେ ବାପା ଦେଇଥିଲେ ଲମ୍ବା ହାର ଚେନ ଟେ । ବାପା ସିନା ଦେଇ ଦେବ ଝିଅକୁ ହେଲେ ସ୍ବାମୀ କ'ଣ ଦେଇପାରିବ । ତାଙ୍କ ସ୍ମୃତି କିନ୍ତୁ ଫେରିଯାଉଛି ୨୫ ବର୍ଷ ତଳକୁ । ସୁନା ଚେନ ସଫା କରୁଥିବା ଲୋକଟି ଡାକି ଡାକି ବୁଲୁଥାଏ ଗହଣା ସଫା କର୍ ଚକାଚକ୍ ଚକାଚକ୍ । ସେ ସେହି ସମୟରେ ବାପାଙ୍କ ଘରେ ଥିଲେ । ବଡ ପୁଅ ତାର ସେ ସମୟରେ ସାନ ଥିଲା ।  ତାକୁ ଶୁଆଇ ଦୌଡ଼ିଲେ ଦାଣ୍ଡ କୁ । ଡାକି ଆଣିଲେ ସୁନା ସଫା କରିବା ବାଲାକୁ ।

ସୁନା ସଫା ବାଲା ତା ଚେନ ଦେଖି କହିଲା ସେଇଟା ଦିଅନ୍ତୁ ପୁରା ଭଲରେ ସଫା କରି ଦେବି । ଏତିକି ସେ ନ କହୁନୁ ପ୍ରତିମା ବେକରୁ ହାରଟା ବାହାର କରି ଧରେଇ ଦେଇଥିଲେ । ସେ କଣ୍ଟା ବ୍ରସରେ ପୁଣି କେମିକାଲ ରେ ବୁଡ଼େଇ ଘସି ସଫା କଲା । ପ୍ରତିମା ପାଖରେ ହିଁ ବସି ରହିଲେ । ସେ ପ୍ରତିମାଙ୍କ ଦୃଷ୍ଟି କୁ ଯେମିତି ନ ଯିବ କହିଲା ହଳଦି କିଛି ଆଣ ପ୍ରତିମା କିନ୍ତୁ ସେଇଠି ବସି ମାଙ୍କୁ ଡାକିଲେ ମା .. ହଳଦି କିଛି ଦେଲୁ । ମା ହଳଦି ଆଣି ଦେଲେ । ଲୋକଟା ପ୍ରଥମ ପାଣି ଗୋଟିଏ ବୋତଲରେ ରଖିଲା । ପୁଣି ହଳଦି ପାଣିତକ ଫୋପାଡି ଦେଲା । ପ୍ରତିମା ଜିଦି କଲେ ସେ ପାଣିତକ ମତେ ତୁ ଦେଇକି ଯିବୁ ନ ହେଲେ ତୁ ଯାଇ ପାରିବୁ ନାହିଁ । ଚେନ ତ ଭଲ ସଫା ହୋଇଛି ହେଲେ ପାଣି ଦେଇକି ଯା । ଏଇ ପାଖରେ ପୁଲିସ ଅଛନ୍ତି । ପୁଲିସ ନା ଶୁଣି ସେ ଟିକେ ଡରିଲା । ଗୋଟିଏ ବୋତଲରେ ପାଣିକୁ  ଅଜାଡ଼ି ଦେଇ ଫଟାଫଟ ସେ ଚାଲି ଗଲା । ଭାଇ ଆସିଲା ପରେ ଲୋକଟା କୁ ସେମାନେ ଖୋଜିଛନ୍ତି ହେଲେ ସେ ଏରିଆରେ ଆଉ ନ ଥିଲା ସେ । ବାପାଙ୍କୁ ଡରି ଡରି ସେ ସବୁ କହିଲା । ବାପା ତାକୁ ନେଇ ସୁନାରି ଟାକୁ ଦେଖେଇଲେ । ସେଥିରେ କାନର ଛୋଟ ଛୋଟ ଗୋଟିଏ ଯୋଡ଼ି ଫୁଲ ହେଲା । ବାପା କହିଲେ ସୁନାରୀ ମତେ ଚିହ୍ନି ଥିଲା ଭଲ ଲୋକ ବୋଲି ସିନା ସେ ସୁନା ଅଛି ବୋଲି କହିଲା ନ ହେଲେ ସେ ଯାଇଥାନ୍ତା । ପାଖ ଘର ମାଉସୀଙ୍କ ତ ବହୁତ ଗହଣା ସେ ସଫା କରିଥିଲା । ସେ କେତେ ସୁନା ନେଇ ନ ଥିବ ସେଦିନ ?  ସବୁ ଆଜି ମନେ ପଡୁଛି ।

ସେଇ ଦିନରୁ ତାର ସେଇ ଚେନ ଟିକେ ପତଳା ହୋଇ ଯାଇଥିଲା । ତେଣୁ ତାକୁ ଭାଙ୍ଗି ଦେଇ ସେ ଜେଲେବି ହାର ତିଆରି କରିଥିଲା । ସେଇ ଜେଲେବି ହାର ବି କୋଉ ଷ୍ଟ୍ରଙ୍ଗ ହୋଇଥିଲା କି !

ଯାହାବି ଥିଲା କିଛି ବର୍ଷ ସେ ଗଲା । ସ୍ବାମୀଙ୍କ ତାଗିଦା ପାଇଁ ସେ କେବେ ପିନ୍ଧନ୍ତି ନି । ଏଇ ସୁନା ପାଇଁ କେତେ ଘଟଣା । ସୁନା ପୁଣି ନାରୀର ନିଜସ୍ବ ସମ୍ପତ୍ତି । ବାହାଘର ଏଟେଣ୍ଡ ନ କରିବା ବି ନାରୀ ର କାରଣ ହୋଇଥାଏ ସୁନା । ଯେଉଁଠି ଲୋକ ଗହଳି ସେଇଠି ନାରୀ ଆଭୁଷଣ ନ ପିନ୍ଧି ଯିବ କେମିତି ?

ଏମିତି ଭାବୁଛି ସାନ ଝିଅ ଆସିଲା ମା, କ'ଣ ହେଲା ତମର ? ନାଁ ରେ ଦେଖତ ତୋ ବାପାଙ୍କ ସହିତ କାଲି ଏ ଚେନ ଟା ଆଣିଲୁ ଯେ ,ଏଡିକି ଚିଆଁ ଟେ ହୋଇଛି, ଆଉ ଟିକିଏ ଲମ୍ବା ହୋଇଥିଲେ ଭଲ ଲାଗିଥାନ୍ତା । ଝିଅ ହସିଲା ମା ମୁଁ ବି ତ ଝିଅ ମତେ କେବେ ଲାଗେ ନା ମୁଁ ହାର ପିନ୍ଧନ୍ତି । କହିଲା ଜାଣିଛୁ ମା ଲୁହା ଯେମିତି ଗୋଟିଏ ଧାତୁ ଏଇ ସୁନା ବି ସେମିତି ଗୋଟିଏ ଧାତୁ ।  ଏବେ ଦେଖ ଲୁହା ପ୍ରଚୁର ମିଳୁଛି । ବିଲଡିଙ୍ଗ ତିଆରି ହେବ ଯେ ରଡ଼ ହୋଇଛି ସେ। ଦେଖିବ ଦିନ ଆସିବ ସୁନା ସେମିତି ମିଳିବ ସବୁ ଆଡ଼େ ଖଞ୍ଜା ହେବ । ତେବେ ବି କ'ଣ ତମେ ଚେନ ଟେ ପାଇଁ ମନଦୁଃଖ କରିବ ? ତମକୁ ସେତେ ବେଳେ ସୁନା ପିନ୍ଧିବା ପାଇଁ ଲାଜ ମାଡିବ । ମୋ ମୋଟି ମା, ତମେ କିଛି ନ ପିନ୍ଧିଲେ ବି ମୋ ମା। ତମକୁ କିଏ କ'ଣ ମୋଠୁ ଛଡେଇ ନେବ । ଝିଅ କହିଲା ଯୁଗ ବଦଳୁଛି ମା ଦୃଷ୍ଟି କୋଣ ବଦଳାଅ ମା ।  ଶୁଣିକି ଅଶୁଣା ରହିଲେ ପ୍ରତିମା । କିଛି ତ ମୁଁ ମାଗୁ ନାହିଁ ସେ ଲମ୍ବା ଚେନ ଟେ ମାଗୁଛି ।

ସୁବଳ ଆସିଲେ ଅଫିସରୁ କହିଲେ ଝିଲି ଠିକ କହୁଛି ।କ'ଣ କରିବ ସେ ସୁନା ପିନ୍ଧି କହିଲା ପେପର ପଢିଛ ଆଜି ? ସୁବଳଙ୍କ ପ୍ରଶ୍ନ ପଚାରି ପୁଣି କହିଲେ କହିବ ସମୟ କାଇଁ ? ସୁନା କଥା ତ ଏତେ ଭାବି ପାରୁଛ । କିଏ ବୁଝେଇବା ନାରୀ ଜାତିକୁ । ଦେଖ ଝିଅ ପନ୍ଦର ଦିନ ହେଲାଣି ମୋ ମୁଣ୍ଡକୁ ଖାଉଛି । ଯେତେ ବୁଝା ବୁଝୁନି କାଲି ତମ ପୁଅ ଆସିବ କ'ଣ କହିବ ତୁମକୁ ? ପ୍ରତିମା ତଥାପି କହିଲେ ତମେ ବୁଝୁନୁ ମତେ ଲମ୍ବା ଚେନ ଟେ ଭଲ ଲାଗେ..... ନ ହେଉଛି ତ ନାହିଁ ।

ପୁଅ ଆସିଛି ଅନିଷ୍ ସବୁ ଶୁଣୁଛି ।ମାଙ୍କୁ କହିଲା ମା ଚାଲ ତମ ପାଇଁ ସୁନା ଚେନ ଟେ ଆଣିବା । ସେ ଲମ୍ବା ଥିବ ତମେ ଯେମିତି ଚାହିବ ସେମିତି । ପୁଅ ଅନିଷ୍ ଏ ମାସରେ ପ୍ରଥମ ଦରମା ପାଇଛି ।

ପ୍ରତିମା କହିଲେ କେତେ ପଡ଼ିବ ଜାଣିଛୁ ? ହଁ ମା ଏମାସର ପୁରା ଦରମାଟା ତମକୁ ଦେବି । ଏମିତି ଭଲ ପାଇବା ଦେଖି ତାଙ୍କ ଆଖିରୁ ଲୁହ ଗଡିଗଲା ସେ କହିଲେ ନହେଲେ ନାଇ ମୋ ପୁଅର ପ୍ରଥମ ଦରମା ପୁରାଟା କ'ଣ ମୁଁ ସୁନା ପିନ୍ଧିବି ! ପୁଅ କହିଲା ତେବେ ମା ଚାଲ ମୋ ସହିତ । ସେମାନେ ଓଲ୍ଡ ଏଚ ହୋମକୁ ଯାଇ କିଛି ଖାଦ୍ୟ ବାଣ୍ଟିଥିଲେ । ବୟସର ଶେଷ ପାହାଚରେ ଥିବା ବୁଢ଼ା ବୁଢୀଙ୍କ ଆଶୀର୍ବାଦ ର ବର୍ଷା ଦେଖି ପୁଅ ପ୍ରତି ପ୍ରତିମାଙ୍କ ଆଖି ଓଦା ହୋଇଗଲା ।

କେକ ଗୋଟିଏ ଧରି ଭାଇ ଭଉଣୀ ମା ଜନ୍ମଦିନ ପାଇଁ ଫେରିଲେ ଘରକୁ । ସବୁ ବ୍ୟବସ୍ଥା କରିଥାନ୍ତି ଦୁହେଁ । କେକ କଟା ସରିଲା ପରେ ଅନିଷ୍ ଗୋଟିଏ ଲମ୍ବା ମୋତିର ହାର ମା ବେକରେ ପିନ୍ଧାଇ ଦେଇ କହିଲେ ମା ଦେଖ ଏଇଟା କ'ଣ କମ ସୁନ୍ଦର ଦିଶୁଛି ତମ ଗଳାକୁ ?

ଯାହାର ଦାମ ଥିଲା ୧୦୦ ଟା ଟଙ୍କା ।

■■■ ପ୍ରାଚୀ ଏନ୍‌କ୍ଲେଭ୍, ଚନ୍ଦ୍ରଶେଖରପୁର୍,
ଭୁବନେଶ୍ୱର୍
ମୋ : ୭୮୯୪୨ ୩୫୪୦୦



# ମହିଳା ଦିବସ – ସଚେତନତା ନା ଫ୍ୟାସନ

**ମିନତି ମିଶ୍ର**

ଆଜିକାଲି ବହୁତ ପାଳନ ହେଉଛି ସଚେତନତା ଦିବସ । ବାପାଙ୍କ ପାଇଁ, ମା ପାଇଁ, ବନ୍ଧୁ ପାଇଁ, ଭାଇ, ଭଉଣୀଙ୍କଠାରୁ ଆରମ୍ଭ କରି ଫୁଲଫଳ ସମସ୍ତଙ୍କ ପାଇଁ । ବେଳେବେଳେ ଏଇ ସଚେତନତା କଥା ଭାବିଲେ ହସ ଲାଗେ । ସରକାର ତ କରାଉଛି ଏହି ସଚେତନତା । ହେଲେ ସଚେତନ ହେଉଛି କିଏ ? କାଗଜପତ୍ରରେ, ରାଲି, ଶୋଭାଯାତ୍ରାରେ କାହାକୁ କ'ଣ ସଚେତନ କରାଯାଇ ପାରେ ? ଏହା ଏକ ମାନସିକତା । ନିଜର ବିବେକବୋଧ, ଭାବନାଶକ୍ତି ଉପରେ ଏହା ନିର୍ଭର କରେ । ଏଇ ପରିପ୍ରେକ୍ଷୀରେ ମନେପଡେ ଅଫିସରେ ମହିଳା ଦିବସ ପାଳନ କଥା । ଲାଗେ ଯେମିତି ଏହା ସଚେତନ ନୁହେଁ, କେବଳ ଏକ ଫ୍ୟାଶନ

ମହିଳା ଦିବସ ପାଳନ ହେଉଥିଲା। ମହିଳା କର୍ମଚାରୀମାନେ କେକ କାଟି ଖୁସି ମନାଉଥିଲେ । ବିରିଆନି ବି ଥିଲା। ହେଲେ ମୁଁ ସାମିଲ ହୋଇ ପାରି ନ ଥିଲି। ମୋତେ କହିଲେ ଆଉଟ ଡେଟେଡ୍ ମେଣ୍ଟାଲିଟି। ହେଇଥିବ !

କିନ୍ତୁ ମୋତେ ଏସବୁ ମୋ ଜନ୍ମଦିନର କେକ ନିଜେ ଆଣି, ନିଜେ କାଟି, ଏକା ଏକା ଖାଇଲା ପରି ଲାଗିଲା । ମୁଁ ମହିଳା..ଏକଥା ଭାବିବା ପାଇଁ ପୁଣି ସଚେତନତାର ଆବଶ୍ୟକତା କେଉଁଠି ରହିଲା ? ମୁଁ ମହିଳା। ମୋର ଗୁରୁତ୍ୱ ରହିଛି। ମୋର ଆବଶ୍ୟକତା ରହିଛି। ମୋତେ ସମସ୍ତେ ଖୋଜନ୍ତି। ମୁଁ ଏକଥା ପ୍ରତି ଦିନ ମୁହୂର୍ତ୍ତରେ ଅନୁଭବ କରେ। କିଏ ମୋତେ ଅପେକ୍ଷା କରିଥାଏ, ମୁଁ ଗଲେ ଖାଇବାକୁ ଦେବି । କିଏ ଅପେକ୍ଷା କରିଥାଏ ଚା ପିଇବା ପାଇଁ। କିଏ ଘରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା କରିବା ପାଇଁ। କିଏ ତା ଖୁସିରେ ସାମିଲ ହେବା ପାଇଁ ମୋତେ ଅପେକ୍ଷା କରିଥାଏ । ଆଉ କିଏ ନିଜର ସମ୍ପର୍କର ....ପଣିଆ ଭାବ ଶୁଖାଇବା ପାଇଁ ମୋତେ ଖୋଜିଥାନ୍ତି। ଅଫିସରେ ମୋ କାମ ମତେ ଅପେକ୍ଷା କରିଥାଏ। ଅନ୍ୟର ଏସବୁ ଆବଶ୍ୟକତା ପୂରଣ କରୁ କରୁ ଅବଶ୍ୟ ମୁଁ ବେଳେ ବେଳେ ବିରକ୍ତ ହୋଇପଡେ। ଆଉ ବିରକ୍ତି ସୀମା ଟପିଲେ ମୁଁ ସମସ୍ତଙ୍କୁ ଗାଳି ବି ଦିଏ। ହେଲେ ସେ ଗାଳି ବି ସମସ୍ତେ ଶୁଣନ୍ତି ଆଉ ଚୁପ ରୁହନ୍ତି। କାରଣ ସେମାନେ ମୋତେ ଖୋଜନ୍ତି। ସେମାନେ ମୋତେ ଅପେକ୍ଷା କରିଥାନ୍ତି। ମୋ ଉପରେ ନିର୍ଭର କରଥାନ୍ତି। ଏସବୁ ଭିତରେ ମୋର ବିଭିନ୍ନ ରୂପକୁ ଦେଖେ। କେଉଁଠି ଝିଅ, କେଉଁଠି ମା', କେଉଁଠି ସ୍ତ୍ରୀ, କେଉଁଠି ବା ଘରର ବୋହୂ..। କିଏ ମୋ ଉପରେ ରାଗିଲେ ମୁଁ ରୁଷେ...। ମୋତେ ବୁଝାନ୍ତି..ମନାନ୍ତି। ଏଠି ମୋ ପ୍ରତି ଅବହେଳାକୁ ଦେଖେ, ହୀନମନ୍ୟତାକୁ ବି ଦେଖେ। ହେ..ସେ ଝିଅଟେ...ବୋହୂଟେ...ସେ କ'ଣ କହିବ..ଆମ କଥାରେ..ଏକଥା ବି ଶୁଣେ । ଏ କଥା ବି ମତେ ଚିହ୍ନାଇ ଦିଏ ମୁଁ ମହିଳା ବୋଲି।

ଘରୁ ଗୋଡ କାଢିଲେ ସନ୍ତ୍ରମତାର ସହ ରାସ୍ତାରେ ଯିବା, ସଂଯମତାର ସହ କଥା କହିବା...ଏକଥା ବି ମନେ ପକେଇ ଦିଏ ମୁଁ ମହିଳା। ଛତରା ଟୋକାଙ୍କ ଅଶ୍ଳୀଳ ଇଙ୍ଗିତ, ମିଡିଆର ଦୁଷ୍କର୍ମ ଖବର ବି ଚିହ୍ନେଇଦିଏ ମୋର ଲିଙ୍ଗଗତ ଭେଦକୁ। ଏ ତ ନିତି ଦିନିଆ ଜୀବନ। ଗୋଟେ ମହିଳାର ଜୀବନ। ଏଠି ଦିବସ ପାଳିବା ନ ପାଳିବାରେ କ'ଣ ଫରକ ପଡେ ! ଏମିତି ତ ଜୀବନ କାହିଁ କେଉଁ କାଳରୁ ଚାଲିଛି। ମୁଁ, ଆମେ ଓ ଆମ ପରି ଅନେକ ଏମିତି ଚାଲିଛନ୍ତି । ତାହେଲେ ସଚେତନ କିଏ ହେବା ଦରକାର? ଆମେ ନା ଯିଏ ଆମକୁ ଚିହ୍ନି ପାରନ୍ତି ନାହିଁ, ଆମ ମୂଲ୍ୟକୁ ବୁଝି ପାରନ୍ତି ନାହିଁ ସେମାନେ ?

■■■

ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ମୋ : ୮୮୯୫୭୦୭୪୯୩

# କୃଷ୍ଣଚୂଡ଼ାର ସେଇ ଲାଲ୍ ପାଖୁଡ଼ା



**ରଶ୍ମି ସାମଲ**

ସକାଳୁ ସକାଳୁ ଜୟଶ୍ରୀ ର ଫୋନ ବାଜି ଉଠିଲା । ସ୍କୁଲ ସାଙ୍ଗ ଦୀପ୍ତି ର କଲ ଆସିଛି । ରିସିଭ କରୁ କରୁ ସେ ପଟୁ ଅଭିନନ୍ଦନ, ଆଶ୍ଚର୍ଯ୍ୟ ହୋଇଗଲା । କ'ଣ ପାଇଁ ପଚାରିବା ପୂର୍ବରୁ, ସେ କହି ଚାଲୁଥାଏ ଆଲୋ ଫୁଲେଇ, ସବୁଆଡେ ଚହଳ ପଡିଛି ତୋ ବିଷୟରେ, ମୋତେ କଣ ପାଇଁ କିଛି କହିନୁ ଆଜି ଯାଏ। ହଁ ଏବେ ତ ମୁଁ ପର ହୋଇଗଲି ତୋର, ଅଭିମାନରେ ଦୀପ୍ତି ବହୁତ କିଛି କହି ଚାଲିଥାଏ। ଧୀରେ ଆସି ଖବର କାଗଜ ଟା ଲେଉଟାଉ ଲେଉଟାଉ ସାହିତ୍ୟ ପାଇଁ ସମ୍ମାନିତ ହେବାକୁ ଥିବା ଖବର ଦେଖି ଜୟଶ୍ରୀ ନିଜେ ଅତ୍ୟନ୍ତ ଖୁସି ଓ ଆନନ୍ଦିତ ହୋଇ ଯାଇଥିଲା ସେହି କିଛି ସମୟ ପାଇଁ । ଏପ୍ରିଲ ଅଣତିରିସ ରେ 'ବେଷ୍ଟ ଲେଖିକା' ସମ୍ମାନ ରେ ସମ୍ମାନିତ ତାକୁ କରାଯିବ। ନିଜକୁ ବିଶ୍ୱାସ କରି ପାରୁ ନଥାଏ । ଟିକେ ଘାବରେଇ ଯାଇଥିଲା । ସେ ପୁଣି ନିଜ ଜିଲ୍ଲାରେ । ଆଉ ଆୟୋଜନ ହୋଇଛି  ଯେଉଁ କଲେଜ ରେ ସେ ପାଞ୍ଚ ବର୍ଷ ପାଠ ପଢ଼ିଥିଲା । ଏହା ତା ପାଇଁ ତାର ଲେଖିକା ଜୀବନର ସବୁଠୁ ବଡ ସଫଳତା ବୋଧେ ଥିଲା । ତଥାପି ମନ ଟିକେ ଆନମନା ହେଉଥାଏ । ଡ୍ରଇଂ ରୁମ ରେ ଆସି ସାହିତ୍ୟ ପ୍ରତିଭା ପାଇଁ ପାଇଥିବା ମାନପତ୍ର ଓ ଉପହାର ସବୁକୁ ନୀରିଖେଇ ଦେଖୁଥାଏ । ହେଲେ ଯାହା ପାଇଁ ସେ କଲମ ଧରିଥିଲା। ତାଙ୍କ ସହ ଆଉ କଣ ଦେଖା ହୋଇ ପାରିବନି । କ୍ଷଣିକ ଉତ୍ତାପରେ ମନଟା ଯେପରି ଭାସୁଥାଏ । ସବୁଦିନ ପାଇଁ ରହିଥିବା ଶୂନ୍ୟସ୍ଥାନ କିଛି ଅସନ୍ତୋଷର ଭାବରେ ଛଟପଟ ହେଉଥାଏ ଜୟଶ୍ରୀ । କଣ୍ଠ ଅବରୁଦ୍ଧ ହୋଇଯାଉଥାଏ । କେମିତି ଜଣେଇବ ଏହି ଖ୍ୟାତି ବିଷୟରେ, ସାଧାରଣ କଥାକୁ ଗଳ୍ପରେ ରୂପାନ୍ତର କରିବାର କୌଶଳ ଯାହା ଠାରୁ ଶିକ୍ଷା ପାଇଥିଲା ବାରମ୍ବାର ମନେ ପଡୁଥାଏ ତାଙ୍କ କଥା।

ସ୍ୱାମୀ ଓ ପିଲା ମାନେ କିନ୍ତୁ ବହୁତ ଖୁସି ହେଉଥାନ୍ତି ଏହି ଖବର ରୋଖରା ଦିନର ସକାଳ ସବୁ ନିତ୍ୟକର୍ମ ସାରି ବାହାରି ପଡ଼ିଲା ସେହି ଲେଖିକା ର ପରିଚୟ ନେଇ । କାର ର ଝରକା ପାଖରେ ବସି ବାହାରକୁ ଚାହିଁ ଭାବୁଥାଏ ଆଜି ବହୁବର୍ଷର ସାଙ୍ଗମାନଙ୍କ ଖବର ଟିକେ ସେହି କଲେଜରୁ ଜାଣିପାରିବ। ପୁଣି ସବୁ ସାରମାନଙ୍କ ବିଷୟରେ ମଧ୍ୟ । ବନ୍ଦ ରହିଥିବା ବହୁବର୍ଷ ପୂର୍ବର ଅତୀତର ଉଜ୍ଜ୍ୱଳ ସବୁ ଭାସି ଉଠୁଥାଏ ଆଖି ଆଗରେ। ଆଶ୍ଚର୍ଯ୍ୟ ହୋଇ ମୁଣ୍ଡ ଟେକି ବାହାରକୁ ଦେଖୁଥିଲା ସେହି ନାଲି ଟହଟହ ଫୁଲରେ ଭର୍ତ୍ତି କୃଷ୍ଣଚୁଡା ଗଛ ସବୁକୁ । ଭାବୁଥାଏ ସେହି କୃଷ୍ଣଚୁଡା ଫୁଲର ଇତିହାସକୁ । ଆଖିର ଦୃଷ୍ଟିଶକ୍ତି କମି ସାରିଲାଣି କିନ୍ତୁ ଲେଖା ଥିବା ପ୍ରଭାବଶାଳୀ ଯୌବନର ଫର୍ଦସବୁ ଓଲଟେଇବା ସମୟରେ ଏସି କାର ମଧ୍ୟରେ ବି ଝାଳ ଜକେଇ ଆସୁଥାଏ ଶରୀରରେ। ନିଜ ଭ୍ୟାନିଟରୁ ରୁମାଲ ବାହାର କରି ମୁହଁଟିକେ ପୋଛୁପୋଛୁ ଭାବୁଥାଏ ଏବେ ସବୁ ବଦଳି ଯାଇଥିବ ସେହି ପରିବେଶ। ସେତେବେଳେ କଲେଜ ରେ ବହୁତ କମ ପିଲା ପାଠ ପଢୁଥିଲେ । ଛୋଟିଆ କମନ ରୁମ ଥିଲା। ଏବେ ସବୁଠି ସ୍ମାଟ କ୍ଲାସ। ପଢ଼ାଉ ଥିବା ସାରମାନେ ବୋଧେ ଅବସର ନେଇ ସାରିଥିବେ କିମ୍ବା ଅନ୍ୟ କଲେଜକୁ ବଦଳି ହୋଇ ଯାଇଥିବେ। ଆଉ ଅଂଶୁମାନ ସାର, ସେହି ଭାବିବା ସମୟରେ  ନିଜ ମୁହଁରେ ଚିନ୍ତା ଓ ଆଶଙ୍କାର କିଛି ଭାବ ସ୍ପଷ୍ଟ ବାରି ହୋଇ ପଡୁଥାଏ। ମନର ଭାବ ଶୂନ୍ୟ ଚାହାଣି ଯେପରି କିଛି ନିଜର ଅପାରଗତା କୁ ନିଜେ ନିଜ ଭିତରେ ସ୍ପଷ୍ଟ ଦେଖି ପାରୁଥାଏ। ଘଣ୍ଟେ ପନ୍ଦର ମିନିଟ ରେ ଯାଇ କଲେଜ ଫାଟକ ପାଖରେ ପହଞ୍ଚି ଯାଇଥିଲା କାର। କଲେଜର ଭୂଗୋଳ ସତେ ଯେପରି ବଦଳି ଯାଇଛି। ଆଉ ସେହି କୃଷ୍ଣଚୂଡ଼ା ଗଛର ଇତିହାସ ମଧ୍ୟ। ଆଜି  ଦିନରେ ସେ ଆଉ  ସେଠାରେ ପାଠ ପଢୁଥିବା ଛାତ୍ରୀ ଜୟଶ୍ରୀ ନଥିଲା। ସମ୍ମାନିତ ପ୍ରତିଭା ର ଆଉ ଏକ ନିଆରା ପର୍ବ ତା ପାଇଁ। ଦୀର୍ଘ ସତେଇଶ ବର୍ଷର ଅବଧି ପରେ ସାମ୍ନାସାମ୍ନି ହୋଇ ଯାଇଥିଲେ ଅବିନାଶ ସାର। ଦୂରରୁ ଠିକ ଚିହ୍ନି ସାରିଥିଲା ଜୟଶ୍ରୀ। ତାଙ୍କ ଶବ୍ଦର ସ୍ୱରରେ ସେହି ଆକୁଳତାର ଆବେଗ ସତେ ଯେପରି ଭରି ରହିଥିଲା । ଏବେ ସେହି କଲେଜ ର ସେ ହେଉଛନ୍ତି ଅଧକ୍ଷ, ଜାଣି କ୍ଷଣିକ ପାଇଁ ଖୁସି ହୋଇଗଲା ମନ । ଯାହାଙ୍କ ପାଇଁ  ଆଜି ସେ ଏତେ ବଡ ଗାଳ୍ପିକା । ସାର କହି ହାତ ଯୋଡିବା ପୂର୍ବରୁ ଫୁଲ ତୋଡା ଟି ହାତକୁ ବଢ଼ାଇ ସାରିଥିଲେ । ସଭା ସ୍ଥଳକୁ ଯିବା ସମୟରେ ଭାବୁଥାଏ ଏ କି ଅପୂର୍ବ ସୌଭାଗ୍ୟ । ସମ୍ମୁଖରେ ବସିଥିବା ପିଲା ମାନଙ୍କୁ ଜଳ ଜଳ ଦେଖୁଥାଏ। ସେତେ ବେଳେ ସରକାରୀ ଚାକିରୀ ର ଅଭାବ ହେତୁ ଏତେ ବଡ ବିଶ୍ୱବିଦ୍ୟାଳୟରେ ଏମ. ଫିଲ୍. କରି ମଧ୍ୟ ବହୁତ କମ ବେତନରେ ସେହି ବେସରକାରୀ କଲେଜ ରେ ଅଧ୍ୟାପକ ଥିଲେ ଅବିନାଶ ସାର। ତା' ଠାରୁ ବୟସର ମାତ୍ର ତିନି ଚାରି ବର୍ଷର

ବଡା ଶୁଭଶ୍ରୀ ର ଶେଷ ବର୍ଷ ରେ ସେ ଜଏନ କରିଥାନ୍ତି ସେହି କଲେଜ ରେ । ଏବେ ସମୟର ବ୍ୟବଧାନ ଚିଠିରୁ ମୋବାଇଲ ରେ ପଂହଁଚି ସାରିଲାଣି । ଠିକ ହଜିଲା ଦିନର ସ୍ମୃତି ସବୁ ହାତ ମୁଠାରେ ସାଉଁଟି ପାଇଛି ଆଜି।କିନ୍ତୁ ମୁଖ ମଣ୍ଡଳର ନକ୍ସା ବଦଳି ଯାଉଥାଏ । କିଛି ବନ୍ଧୁ ମାନେ ବହୁତ ଖୁସି ହୋଇ ପ୍ରଶଂସାରେ ପୋତି ପକାଉଥାନ୍ତି । କିଏ କହୁଥାଏ ଯାହା ହେଉ ଜୟଶ୍ରୀ ଏହି କଲେଜ ର ଛାତ୍ରୀ ହୋଇ ଆଜି ଓଡ଼ିଶାରେ ଚହଳ ପକେଇଛି । ଆଉ କିଏ କହୁଥାଏ ଅମକ ପେପର ରେ ବାହାରିଥିବା ଗପଟି ବହୁତ ଭଲ ହେଲେ ଅଂଶୁମାନ ସାର ଚୁପ ଥାଆନ୍ତି । ସେହି ସମାରୋହ ସମୟର ବାତାବରଣ ସବୁ ତା ପାଇଁ ଅଲଗା ଥିଲା । ଅଂଶୁମାନ ସାର ମୁଖ୍ୟ ଆୟୋଜକ ମଧ୍ୟ। ତାଙ୍କ ଉପସ୍ଥାପନା ଶୈଳୀରୁ ଅନୁଭବ ହେଉଥାଏ ସେହି ଭଲ ପାଇବାର ସ୍ବତନ୍ତ୍ର ସ୍ଥାନ ଟିକକ ଆଜି ବି ଥିଲା ଭଳି ଲାଗୁଥିଲା । ସେହି ନୀଳ ରଙ୍ଗର ସାର୍ଟ। ଥରେ ଦୁଇ ଜଣଙ୍କ କଥା ଭିତରେ ନୀଳ ରଙ୍ଗ ଭାରି ପସନ୍ଦ ର ପ୍ରସଙ୍ଗ ଉଠିଥିଲା । ଆଜି ବି ଭାବୁଥାଏ ଜୟଶ୍ରୀ, ତାର ମନ ଖୁସି ପାଇଁ ଏବେ ବି ସେହି ନୀଳ ସାର୍ଟ। କେହି କିଛି ପ୍ରକାଶ କରି ପାରୁନଥିଲେ। ମନେ ପଡୁଥିଲା ସେହି ବହୁ ବର୍ଷ ତଳର କଥା।

ଷ୍ଟଡ଼ିଟୁରରେ ଯିବା ସମୟରେ ଡିପାର୍ଟମେଣ୍ଟର ସମସ୍ତ ପିଲାଙ୍କ ସହ ସୁଦୁର ସମୁଦ୍ର କୂଳରେ ବୁଲୁ ବୁଲୁ ଅନ୍ୟମନସ୍କତାରେ ଗୋଡ ଟିକେ ଖସିଯାଇଥିଲା ସମୁଦ୍ରର କିଛି ତଳକୁ। ଆଉ ସେହି ଲୁଣି ପାଣିରୁ ଟାଣି ଆଣିଥିଲେ ଅଂଶୁମାନ ସାର ଓଦାରେ ଜଡସଡ଼ ହୋଇ। ସ୍ତବ୍ଧ ହୋଇଯାଇଥିଲା ଜୟଶ୍ରୀ। ଖସି ଯାଉଥିବା ଜୀବନକୁ ବଞ୍ଚେଇଥିଲେ ସେ ଦିନ। ବୋଧେ ସେତେ ବେଳକୁ ପ୍ରେମ ନିଶା ଟିକେ ଲାଗି ସାରିଥିଲା । ସେ ଦିନ ଅଜାଣତରେ ଆଖି କଥା କହୁଥିଲା । ତାପରେ ଘରେ ମିଛ କହି ଛୁଟିରେ ସାର ଅନର୍ସ କ୍ଲାସ ନେବେ କହି ବହି ଖାତା ଧରି କଲେଜ ରେ ପହଞ୍ଚିଯାଏ । ଦିନେ ନିରୋଳା ଖରା ବେଳରେ ମୋର ଓଢଣୀରୁ କୃଷ୍ଣଚୁଡାର ପାଖୁଡ଼ା ବିଛାଡି ହୋଇଥିବା ସେହି ଲାଲ ପାଖୁଡାକୁ ସବୁ ସଫା କରିଦେଉଥିଲେ ଅବିନାଶ ସାର। ଗଛଡ଼ାଳରେ ବସିଥିବା ଚଢ଼େଇ ର ରାବରେ ଚମକି ପଡ଼ିଥିଲା ଜୟଶ୍ରୀ । ଅମାନିଆ ପବନ, ତା' ପୁଣି ଫିଙ୍ଗୁଥାଏ ସେହି ପାଖୁଡା ସବୁକୁ । ସେ ଦିନର ଭଲ ପାଇବା ଅକ୍ଷୁର୍ଣ୍ଣ ସତେଜ ଆଉ ପବିତ୍ର। ତାଙ୍କ ମାର୍ଜିତ ବ୍ୟବହାର ଚିରଦିନ ହୃଦୟରେ ଲିପିବଦ୍ଧ। ଅଂଶୁମାନ ସାରଙ୍କ ପାଖରେ ଯେତେବେଳେ ସେହି ଅବ୍ୟକ୍ତ ପ୍ରେମକୁ ବ୍ୟକ୍ତ କରିବାର ସମୟ ଆସିଲା । ସାକ୍ଷୀ ସେହି କୃଷ୍ଣଚୁଡା ଗଛ ମୂଳ, ସେ ଦିନ ସାର ମୋର ଉତ୍ତରରେ ତାଙ୍କ କୁଞ୍ଚିତ କପାଳରେ ହାତଦେଇ ସତ୍ୟକୁ ହଜମ କରି ପାରି ନଥିଲେ । ମନ ଟା ତାଙ୍କର ଲଢେଇ କଲାଭଳି ଲକ୍ଷ କରିଥିଲା । ବସିଥାଏ ନୀରବରେ ହଜାରେ ପ୍ରଶ୍ନ ନେଇ କିନ୍ତୁ କିଛି ଉତ୍ତର ନଥିଲା ଜୟଶ୍ରୀ ପାଖରେ । ବାପାଙ୍କର ମା' କୁ ନିତି ସକାଳୁ ଗାଳି, ବାହାଘର କଥାର ଯୁକ୍ତିତର୍କ ପାଇଁ । ଆରେ ଝିଅ ପାଇଁ ଓକିଲାତି କରିବା ଦରକାର ନାହିଁ ଏତେ । ପ୍ରାଇଭେଟ କଲେଜ ରେ ଅଧ୍ୟାପକ ସିଏ କେତେ ପଇସା ପାଉଥିବ? ମା'ର ଯୁକ୍ତି ଥିଲା ତାର ଅନ୍ୟ ଭାଇ ମାନେ ବିଦେଶରେ ବଡବଡ ଚାକିରୀ କରୁଛନ୍ତି । ପଇସାର ଅଭାବ ନାହିଁ । ଓଃ, ତମ ଝିଅ ସେମାନଙ୍କୁ ରୋଷେଇ ବାସ କରି ପରସିବ। ତମ ଚିନ୍ତାଧାରା ଏତେ ଛୋଟ ।ମା' ଯେତେ କହୁଥାନ୍ତି ପିଲାଟା କମ୍ପିଟେଟିଭ ପରୀକ୍ଷା ସବୁ ଦେଉଛି । ଏତେ ଟ୍ୟାଲେଣ୍ଟ ଅଛି ସେ ନିଶ୍ଚୟ କିଛି ସରକାରୀ ଚାକିରୀ ପାଇଯିବ। ତମ ମା' ଝିଅ ଙ୍କର କୌଣସି କଥା ମୁଁ ଶୁଣିବି ନାହିଁ। ସରକାରୀ କିରାଣୀ ଟିଏ ହେଉପଛେ ମୁଁ କିନ୍ତୁ ସେଠାରେ ଝିଅକୁ ଦେଇ ପାରିବିନି। ସବୁ ଦିନେ ବାପା ମା'ଙ୍କ ଯୁକ୍ତି ଆଉ ଅଶାନ୍ତି ଶୁଣି ଶୁଣି। ଚିନ୍ତା କଲି କାହିଁକି ମା' ମୋ ପାଇଁ ଗାଳି ଏହି ବୟସରେ ଖାଇବ। ବାପାଙ୍କୁ ମନାଇବାର ଆଉ କୌଣସି ମାଧ୍ୟମ ନଥିଲା। ସବୁ କଥା ପ୍ରକାଶ କରିଥିଲା ଆସି ଅବିନାଶ ସାର ଙ୍କ ପାଖରେ। ଯେଉଁଠି ସାକ୍ଷୀ ଥିଲା ସେହି କୃଷ୍ଣଚୁଡା ଗଛ । ଏମିତି ଭାବୁ ଭାବୁ ସେହି ସମୟରେ ମଞ୍ଚରେ ଥିବା ଅନ୍ୟ ମାନଙ୍କ ଭାଷଣ ଟିକେ କାନରେ ବାଜୁଥାଏ ଜୟଶ୍ରୀର । ତାର ଗପ ବିଷୟରେ ଆଲୋଚନା ମଧ୍ୟ ଚାଲିଥାଏ। ସମସ୍ତ ଅତିଥି ମାନଙ୍କ ପ୍ରଶ୍ନରେ ମୁଣ୍ଡ ଟୁଙ୍ଗାରିବାର ଅଭିନୟ କରୁଥାଏ । ମଧ୍ୟାହ୍ନ ସମୟରେ ଜୟଶ୍ରୀ ଅବିନାଶ ସାରଙ୍କର ସେହି ହସହସ ଚେହେରାରୁ ସବୁ ବୁଝି ସାରିଥିଲା । ଫୋନରେ ସାରଙ୍କ କଥାରୁ ଜାଣିପାରିଲା ତାର ସାଙ୍ଗ ଲିପ୍ସା କୁ ବାହାହୋଇ ବହୁତ ଖୁସିରେ ଅଛନ୍ତି । ଯାହା ହେଉ ଏକ ଦୀର୍ଘ ନିଶ୍ଵାସ ମାରିଲା । ଭଗବାନ ଏତେ ଭଲ ମଣିଷଙ୍କୁ ବହୁତ ଭଲରେ ରଖିଥାନ୍ତୁ । ମନେ ମନେ ଭାବି ହାତରେ ଧରିଥିବା ସେହି ପ୍ରେମ କବିତାଟିକୁ ଆଉ ସେଠାରେ ଆବୃତ୍ତି ନ କରି ମୋଡ଼ା ମୋଡି ଲୋଚାଲୋଚିକରି ପୁଣି ଭ୍ୟାନିଟି ରେ ରଖି ତରତର ହୋଇ ଆସି ଡ୍ରାଇଭର ପାଖରେ ପହଞ୍ଚି ସାରିଥିଲା। ପତ୍ରବିନା କୃଷ୍ଣଚୁଡା ଗଛର ସେହି ଲାଲ ଚହଟହ ଫୁଲ ର ପାଖୁଡାମାନ ସତେ କି ହାତ ହଲେଇ ବିଦାୟ ଦେଉଥିଲେ ଜୟଶ୍ରୀକୁ।

ଭୁବନେଶ୍ୱର
ମୋ : ୯୪୩୭୧୧୫୮୭୫

■■■



# ବିନ୍ଦାସ

ପ୍ରମୋଦ କୁମାର ମହାପାତ୍ର

ସକାଳବୁଲା ତାଙ୍କ ନିତ୍ୟ ନୈମିତ୍ତିକ,କିନ୍ତୁ ମୋଟର ସାଇକଲରେ କୌଣସି ପାର୍କକୁ ଯାଇ ଏକ ନିର୍ଦ୍ଦିଷ୍ଟ ଅଣ୍ଡାକୃତି ପାଦଚଲା ରାସ୍ତାରେ ବାରଂବାର ଘୁରି ଘୁରି ବୁଲିବା ଅପେକ୍ଷା ଘରୁ ବାହାରି ଚାଲି ଚାଲି ରାସ୍ତା କଡେ କଡେ ଦୁଇ ତିନି କିମି ଯାଇ ଫେରି ଆସିବା ହିଁ ଶଙ୍କର ବାବୁଙ୍କୁ କାହିଁକି ବେଶ୍ ଭଲ ଲାଗେ।ଏବେ ସକାଳବୁଲା ସ୍ବାସ୍ଥ୍ୟ ପାଇଁ ହିତକର ଓ ସ୍ଥଳ ବିଶେଷରେ ଅନିର୍ବାର୍ଯ୍ୟ ବୋଲି ଜାଣିବାପରେ ଅକଳରେ ପଡ଼ି ଯୁବ, ବୟସ୍କ,ବୃଦ୍ଧ,ଝିଅ ପିଲା,ମହିଳା ଆଦି ସବୁ ବର୍ଗର ଲୋକେ ସଚେତନ ହୋଇ ନିଜ ନିଜ ସମୟରେ ପଦାକୁ ବାହାରି ପଡୁଛନ୍ତି।କିଏ କିଏ ଦଳବଦ୍ଧ ତ କିଏ ପୁଣି ଏକା। ଏହାର ସୁଯୋଗ ନେଉଛନ୍ତି କିଛି ଖଣ୍ଟ ପ୍ରକୃତିର ମେଞ୍ଚଡ ଅସାମାଜିକ ଟୋକା। ଡେଙ୍ଗା-ଗେଡା, ମୋଟା-ପତଲା, କଳା- ଗୋରା, ନଣ୍ଡା-ଅବୁରାବାଳିଆ ...କେତେ ପ୍ରକାର ଯୋଡି,ଏମାନେ କଳା ଦ୍ରୁତଗାମୀ ବାଇକ୍ ଧରି ରାସ୍ତାରେ ବୁଲୁଥିବେ, ଏକୁଟିଆ, ନିସହାୟ ଦେଖି ଯିଏ ହାବୁଡ଼ରେ ପଡ଼ିଲା,ତାକୁ ଛୁରୀ,ଭୁଜାଲି, କାତି ଜାତୀୟ ମାରଣାସ୍ତ୍ର ରେ ଭୟଭୀତ, ଖଣ୍ଡିଆ ଖାବରା କରି ସର୍ବସ୍ବ ଲୁଟି ନେବେ।ଆଜିକାଲି ତ ସମସ୍ତଙ୍କ ହାତରେ ସବୁବେଳେ କିଛି ନ ହେଲେ ବି ଖଣ୍ଡିଏ ଦାମୀ ମୋବାଇଲ,ହାତ ଆଙ୍ଗୁଠି,ବେକରେ ସୁନା ଅଳଙ୍କାର,ପ୍ୟାକେଟରେ କିଛି ଟଙ୍କା ... ନିହାତି ଧରିଥିବେ।

ସଜାଗ ପୁଲିସ ପଇଁତରା ବ୍ୟବସ୍ଥା ସତ୍ତ୍ୱେ ଏମନ୍ତ ଘଟଣା ଦିନକୁ ଦିନ ବୃଦ୍ଧି ପାଇବା ଗୋଚର ହୋଇଥିବାରୁ ଶଙ୍କର ବାବୁ ବି ଅତି ଭୋର୍ ରେ ଏକୁଟିଆ ବାହାରିବା ନିରାପଦ ମଣନ୍ତି ନାହିଁ।

ସେ ଦିନ ଶଙ୍କର ବାବୁ ହାତରେ ମୋବାଇଲ୍ ଧରି କାନରେ ଇୟର ଫୋନ୍ ଗୋଞ୍ଜି ପାହାନ୍ତାରୁ ବାହାରି ପଡ଼ିଲେ - ଅନୁପ ଜୁଲୋଟାଙ୍କ ଭଜନ - "ମତ କର ତୁ ଅଭିମାନ ରେ ବନ୍ଦେ.." ର ସୁରେ ସୁରେ ଗୁଣୁଗୁଣାଇ ଗୁଣୁଗୁଣାଇ।

ଗତରାତିର ଜୋର୍ ଅସରାଏ ବର୍ଷାରେ ରାସ୍ତା ପାଣି, କାଦୁଅ ପଚ୍ ପଚ୍।ପୁଣି ଏକ ବର୍ଷାର ପ୍ରସ୍ତୁତିରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ପରିବେଶକୁ ଆହୁରି ଅନ୍ଧାର କରି ଦେଇଛି । ଅନ୍ତତଃ ପାଣି କାଦୁଅରୁ ରକ୍ଷା ପାଇବା ପାଇଁ ସେ ନୂଆଁ ହୋଇ ଅଧପନ୍ତରିଆ ତିଆରି ହେଉଥିବା ଫ୍ଲାଏ ଓଭର୍ ଉପରକୁ ଉଠି ଗଲେ। ଦେଢ଼ କିମି ଲମ୍ବର ଏଇ ପୋଲଟି ଏକ ପ୍ରମୁଖ ରେଳ ରାସ୍ତାକୁ ଡେଇଁ ସହରର ଗୋଟିଏ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ଯୋଡ଼ିଛି । ସର୍ବସାଧାରଣଙ୍କ ଗମନାଗମନ ପାଇଁ ଏହା ଖୋଲି ନ ଥିବାରୁ କାହାରି ଯାତାୟାତ ନାହିଁ,ତେଣୁ ବେଶ୍ ନିଛାଟିଆ। ନାତି-ପ୍ରଖର ଗତିରେ ଆଗକୁ ପାହୁଣ୍ଡ ପକେଇ ପକେଇ ଚାଲିଥାଆନ୍ତି ସେ, ଜମାଣିଆ ପାଗ ଯୋଗୁଁ ମନ ବେଶ୍ ପ୍ରଫୁଲ୍ଲ ଓ ହାଲକା ଲାଗୁଥାଏ। ଏବେ ଠିକ୍ ମଝାମଝି ଜାଗା, ଦେଖିଲେ ବିପରୀତ ଦିଗରୁ କେହିଜଣେ ଆସୁଛନ୍ତି। ମୁଣ୍ଡରେ ମଙ୍କି କେପ ,ଦୂରରୁ ଚିହ୍ନିବା ମୁସ୍କିଲ।ସମୟ ଯାହା, ନିଛାଟିଆ ଯାଗାରେ ମଣିଷ ଦେଖିଲେ ମଧ୍ୟ ସାହାସ ବଦଳରେ ଆଶଙ୍କା ଜାତ ହୁଏ। ଯଦି କିଛି ମନ୍ଦ ଅଭିପ୍ରାୟ ଥାଏ, ଚୋର, ଖଣ୍ଟ ହୋଇଥାଏ? ଯଦି ଛିନ୍ ତାଇ କରେ??

ଆଗକୁ ଯେତିକି ଦୂର,ପଛକୁ ସେତିକି, ଚିଲ୍ଲେଇଲେବି ଆଖ ପାଖରେ କେହି ନାହିଁ!ହଉ ଦେଖାଯାଉ....

ଏବେ ଅଜଣା ବ୍ୟକ୍ତି ଜଣକ ସାମ୍ନାସାମ୍ନି।

-ସାର୍ ନମସ୍କାର।

ଶରୀରକୁ ଅର୍ଦ୍ଧ-ଧନୁରାସନ ମୁଦ୍ରାରେ ବଙ୍କେଇ,ଆଗକୁ ଝୁଙ୍କି, ବେନି ହସ୍ତ ଯୋଡ ପୂର୍ବକ ନତ ମସ୍ତକ ହେଲେ ଶଙ୍କର ବାବୁ।

-ଇଏ ତ ଆମ ବସ୍,ବସ୍ ନୁହେଁ ତ ବିଗ୍ ବସ୍!ସୁପର ବସ୍!

- ସ୍ୱତଃ ସଂଜ୍ଞାନ ନେଇ ମନକୁ ମନ କହି ଉଠିଲେ ଶଙ୍କର ବାବୁ।

-କଣ, ଠିକ୍ ଅଛ ମିଶ୍ର?

-ହଁ ସାର୍।

ଦାନ୍ତ ନେଫଡି ହସ ହସ ମୁହଁରେ ସମ୍ଭାଷଣ କରି ସେହି ତଥାକଥିତ ବିଗ୍ ବସ୍ ଆଗକୁ ବଢ଼ିଗଲେ।

ପ୍ରବଳ ପରାକ୍ରମୀ, ସାରା ଅଫିସ ଥର ହର ହୁଏ ଏମିତି ପ୍ରକୋପ।!ପାନରୁ ଚୂନ ଖସିଲେ କଥା ଅସମ୍ଭାଳ, କଥାର ବାତୁଳି ଏମିତି ବାଜିବ,ଯାହାକୁ କହନ୍ତି, ତାଙ୍କ ଆଗରେ ମାଛି ପଡିଲେ ନବ ଖଣ୍ଡ - ଏମନ୍ତ ମହିମା।ତାଙ୍କ କ୍ରୋଧ ଆଗରେ ତଥା କଥିତ ବଡ଼ ବଡ଼ ହସ୍ତିଙ୍କର ମଧ ପିଳେହି ପାଣି ହୋଇଯାଏ, କଥା କଥାକେ ଟ୍ରାନ୍ସଫର୍.... ମାଲକାନଗିରି... ଆଣ୍ଡାମାନ... ବାସ୍, ବେଟା ତେଣିକି ଥରକେ ସାବାଡ୍...

ତେଣୁ ଥୋକେ ଅଫିସର ନିର୍ଦ୍ଦିଷ୍ଟ ଦୂରତାରେ ରହନ୍ତି ତ ଥୋକେ ସମ୍ପୂର୍ଣ୍ଣ ଗୋଡାଣିଆ ପାଲଟି ବା ପ୍ରକାରାନ୍ତରେ ନିରୁତା ସମର୍ପଣ ଭାବ ପ୍ରକାଶ କରି ନିଜକୁ ସୁରକ୍ଷିତ ଓ ସମୃଦ୍ଧ ମଣନ୍ତି।

ହେଲେ ଏ ସବୁଥିରେ  ନ ଥିଲେ ଶଙ୍କର ବାବୁ ।

ସେ ତ ସଦା ସର୍ବଦା ତଟସ୍ଥ! ନିର୍ବିକାର!

କୁହନ୍ତି - "ନିଜ ଉପରେ ଭରସା,ନିଜ ପ୍ରତି ବିଶ୍ୱସ୍ତ... ଏହା ହିଁ ସଫଳ ଜୀବନର  ମୂଳମନ୍ତ୍ର।

କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ,ଆଉ କାହା ପାଇଁ ହୁଅ ନ ହୁଅ ନିଜ ପ୍ରତି ସଚ୍ଚୋଟ, ଉତ୍ତରଦାୟୀ ରହିବା ଦରକାର,ତେଣିକି ଯିଏ ଯାହା କହୁ!  ମିଳିବାର ପ୍ରତ୍ୟାଶା କିଛି ନାହିଁ, କଣବା ଅଧିକା ଯିବାର ଅଛି ଯେ!"

ହେଲେ,ସେ ନିଜେ ବି ପରିଣତ ବୟସରେ କମ୍ ଦହଗଞ୍ଜ ହୋଇ ନ ଥିଲେ!

-"ଛାଡ଼ ସେ କଥା... ସମୟର ଜୁଆର, ଭଟ୍ଟା ଆଗରେ ଆମେ ଅତି ନିଃସହାୟ, ତୁଚ୍ଛ,ନଗଣ୍ୟ! କ୍ରୀଡ଼ନକ ମାତ୍ର!!
ନିଜକୁ ବୁଝାଇ ଦିଅନ୍ତି ଶଙ୍କର ବାବୁ।

-ପ୍ରତିକୂଳ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ହିଁ ଯଥେଷ୍ଟ !

ଦମକାଏ ଶୀତଳ ପବନରେ ଦେହ-ମନ ରୋମାଞ୍ଚିତ ହୋଇ ଉଠିଲା । ଦେଖୁ ଦେଖୁ ଟପ୍ ଟପ୍ ବରକୋଳିଆ ଟୋପା ଆକାଶରୁ ଖସିବାକୁ ଆରମ୍ଭ କଲା। ଛତା ଖୋଲି ମୁଣ୍ଡ ଉପରକୁ ଟେକି ଧରିଲେ ସେ । ମୋବାଇଲ, ଇୟର ଫୋନ୍  ବଡ ସନ୍ତର୍ପଣରେ ପ୍ୟାଣ୍ଟ ପକେଟ୍ ରେ  ରଖିଲେ।


"ଆଜ ମୌସମ ବଡା ବେଈମାନ ହେ, ବଡ଼ା ବେଈମାନ୍ ହେ ଆଜ.."

ଗୁଣୁଗୁଣୁ ହୋଇ ବେସୁରା ରାଗରେ ଗାଇ ଗାଇ ଆଗକୁ ବଢ଼ିଗଲେ  ବିନ୍ଦାସ୍  ଶଙ୍କର ବାବୁ ....

ହଁ, ରାସ୍ତା କଡ ମୁଣ୍ଡ ହଲହଲ ବାବୁଲି  ଭାଇର ଝୁମ୍ପୁଡ଼ିରେ ଅଦ୍ରକ,ଗୋଲମରିଚ ମିଶ୍ରିତ ମଲେଇଦାର କପେ ଗରମ ଚା ବେଶ୍ ଜମିବ ଆଜି ତାଙ୍କର...

ଭାରତ ସଞ୍ଚାର ନିଗମ୍ ଲିମିଟେଡ୍,  ଭୁବନେଶ୍ୱର
ମୋ :୯୪୩୭୫୭୮୩୧୧

■■■




**ସୁଶ୍ରୀ ଜାହ୍ନବୀ ଚୌଧୂରୀଙ୍କର କବିତା ସଂକଳନ**
**‘ଆଶା ଅସୁମାରୀ’**

# ଦ୍ରୁତ ପ୍ରସ୍ତୁତି ପଥେ ଓଡ଼ିଶାର ବିକାଶ

ପ୍ରଭାତ କୁମାର ମିଶ୍ର




ପ୍ରାକୃତିକ ସୌନ୍ଦର୍ଯ୍ୟ ,ନଦ ନଦୀ ,ଖଣିଜ ସଂପଦ ରେ ଭରା ଓଡିଶା ର ଗୌରବ ବିଶ୍ୱ ବିଦୀତ ! ଜଗତର ନାଥ ଜଗନ୍ନାଥ ଙ୍କ କୃପାରୁ ଓଡିଶାର ପୁରପଲ୍ଲୀ ଚତୁର୍ଦ୍ଦିଗ ସବୁଜିମାରେ ପୂର୍ଣ୍ଣ ! ପ୍ରକୃତରେ କହିବାକୁ ଗଲେ ଓଡ଼ିଶାରେ ସବୁକିଛି  ଥାଇ ମଧ୍ୟ ଅବହେଳିତ ମନେକରାଯାଏ ! କେତେବେଳେ ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ମେରୁଦଣ୍ଡକୁ ଦୋହଲାଇ ଦେଲାଣିତ, ଆଉ କେତେବେଳେ ରାଜନୈତିକ ଅସ୍ଥିରତା ତଥା ଦୁର୍ନୀତି ଓଡିଶାକୁ ଗ୍ରାସ କରିଲାଣି ! ଏହାଦ୍ଵାରା ଓଡ଼ିଶାର ଆର୍ଥିକ ମାନଦଣ୍ଡ ବେଳକୁ ବେଳ ଦୋହଲିଗଲାଣି ! ଅମଲାତନ୍ତ୍ର ମାନଙ୍କ ଠାରୁ ଆରମ୍ଭ କରି ନେତା ମନ୍ତ୍ରୀ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ କ୍ଷମତା ଲୋଭରେ ଅନ୍ଧ ହୋଇ ଦୁର୍ନୀତି କୁ ପ୍ରୋତ୍ସାହିତ କରୁଛନ୍ତି ! ଏପରି କ୍ଷେତ୍ରରେ ଓଡିଶା ଦିନକୁ ଦିନ ନିମ୍ନ ସ୍ତରକୁ ଗତି କଲାଣି ! ଓଡିଶାକୁ ଉର୍ଦ୍ଧ୍ବଭିମୁଖୀ  କରିବାକୁ ହେଲେ ପ୍ରଥମେ ଏହାର ଆର୍ଥିକ ମାନଦଣ୍ଡ କୁ ସୁଦୃଢ଼ କରିବାକୁ ପଡିବ ! କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଶିଳ୍ପ, ବେରୋଜଗାର  ଆଦି କ୍ଷେତ୍ରରେ ବିଶେଷ ଭାବରେ ଧ୍ୟାନ ଦେବାକୁ ପଡିବ ! ଦୁର୍ନୀତିକୁ ସଂପୂର୍ଣ୍ଣ ଭାବରେ ହଟାଇବାକୁ ପଡିବ ! ସେଥିପାଇଁ ସରକାରୀ କ୍ଷେତ୍ରରେ କଠୋର  ନିୟମ ପ୍ରସ୍ତୁତ କରିବାକୁ ହେବ ! ପ୍ରାକୃତିକ ଦୁର୍ବିପାକରୁ ଓଡିଶାକୁ ବଞ୍ଚାଇବାକୁ  ହେବ ! ଶାସନ କଳରେ ରହୁଥିବା ଅମଲାତନ୍ତ୍ରୀ ,ମନ୍ତ୍ରୀ ଓ ବିଭିନ୍ନ ରାଜନୈତିକ ଦଳରେ ରହୁଥିବା  ନେତା ମାନଙ୍କୁ ଓଡ଼ିଶାର ଉନ୍ନତି ବା ବିକାଶ ପାଇଁ ସଂକଳ୍ପବଦ୍ଧ ହେବାକୁ ପଡିବ ! ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାର ଯୁବପୀଢିଙ୍କୁ ପ୍ରାଧାନ୍ୟ ଦେବାକୁ ପଡିବ ! କୃଷି ଓଡ଼ିଶାର ପ୍ରାଣ ଓ ସ୍ପନ୍ଦନ ! କିନ୍ତୁ କୃଷିର ଉନ୍ନତି ନହେଲେ ଓଡ଼ିଶାର ମେରୁଦଣ୍ଡ ଦୋହଲି ଯିବ ! କୃଷକ ମାନଙ୍କୁ ପ୍ରୋତ୍ସାହିତ କରିବାକୁ ହେବ ! କୃଷକ ମାନଙ୍କର ଧାନର ଅଭାବି ବିକ୍ରି ମୂଲ୍ୟ ର ସ୍ଥିର ସମାଧାନ କରିବାକୁ ପଡିବ ! ଏବେ ପ୍ରାୟ ଦେଖା ଯାଉଛି କୃଷକମାନେ ଅତ୍ୟଧିକ ଋଣ ଭାର ଚାପରେ ବଶବର୍ତ୍ତୀ  ହୋଇ ଆତ୍ମହତ୍ୟା କରିବାକୁ ପଛାଉନାହାନ୍ତି ! ସେଥିପାଇଁ ସରକାର ପ୍ରାଥମିକ ସ୍ତରରୁ ତର୍ଜମା କରି କୃଷକ ମାନଙ୍କର ଅଭାବ ଅସୁବିଧାକୁ ଦୂର କରିବାକୁ ହେବ ! ଉନ୍ନତ ବିହନ ,ସାର,ପିଡିଆ ,କୃଷି ସରଞ୍ଜାମ କିପରି ସୁଲଭ ମୂଲ୍ୟରେ ପାଇ ପାରିବେ ତା'ର ବ୍ୟବସ୍ଥା କରିବାକୁ ହେବ ! ଚାଷୀ ମାନେ ଉତ୍ପାଦନ କରୁଥିବା ପନିପରିବା ଉପଯୁକ୍ତ କୋଲଡ  ଷ୍ଟୋର ଅଭାବରୁ  ସଂରକ୍ଷଣ କରାଯାଇ ପାରୁନାହିଁ , ଫଳରେ ଚାଷୀକୁ ବହୁତ କ୍ଷତି ସହିବାକୁ ପଡୁଛି ! ତେଣୁ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ! ରାଜ୍ୟରେ  ମୌଳିକ ସ୍ୱାସ୍ଥ୍ୟ ସେବା ବ୍ୟାହତ ହେବାର ଆଶଙ୍କା ସୃଷ୍ଟି ହେଉଛି  ! ଅନେକ ଜାଗାରେ ଉପଯୁକ୍ତ ଡାକ୍ତର ଅଭାବ ବା ଡାକ୍ତର ମାନଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ସେମାନେ ଉକ୍ତ ସ୍ଥାନ ମାନଙ୍କରେ ଯୋଗ ଦେଉନାହାନ୍ତି ! ଫଳରେ, ରୋଗୀ ସେବା ବ୍ୟାହତ ହେଉଛି ଏବଂ ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ! ଅକାଳରେ ବହୁ ଜୀବନ ଦୀପିକା ଲିଭି ଯାଉଛି ! ନିପଟ ମଫସଲ ଓ ଦୂର ସ୍ଥାନମାନଙ୍କରେ ଥିବା ଗ୍ରାମାଞ୍ଚଳ ଉପ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ମାନଙ୍କୁ ଚିକିତ୍ସକ ମାନେ ଯିବାକୁ ପସନ୍ଦ କରୁ ନାହାନ୍ତି ! ସେଥିପାଇଁ ସରକାରୀ ସ୍ତରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ! ରାଜ୍ୟର ବିକାଶ ପାଇଁ ସ୍ୱାସ୍ଥ୍ୟ ସେବା ଅପରିହାର୍ଯ୍ୟ ତେଣୁ ସ୍ୱାସ୍ଥ୍ୟ ସେବା ଯୋଗାଣ ଉପରେ ସରକାର ତୀକ୍ଷ୍ଣ ନଜର ରଖିବା ଦରକାର ! 0 ରୁ 14 ବର୍ଷର ଶିଶୁ ମାନଙ୍କର ଯତ୍ନ ,ଗର୍ଭବତୀ ମା ମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଚିତ !  ଫଳରେ ଶିଶୁ ଓ ମା ମାନଙ୍କର ମୃତ୍ୟୁହାର କମିଯିବ ! ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥାହେଲା  ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅନୁଯାୟୀ ଆଜି ମଧ୍ୟ ରାଜ୍ୟର ଅନେକ ଅଂଚଳକୁ ରାସ୍ତାଘାଟର ସୁବିଧା ନାହିଁ ! ଯାହା ଫଳରେ ଜନସାଧାରଣ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ! ଅନ୍ୟାନ୍ୟ ରାଜ୍ୟଭଳି ଓଡିଶା ସରକାର କେନ୍ଦ୍ରିୟ କ୍ୟାଡର ରୁଲ କୁ ଏଠାରେ ଲାଗୁ କରିବା ଉଚିତ ! ଓଡ଼ିଶାର  ଜନସାଧାରଣ ଏହାର ସୁଫଳ ପାଇପାରିବେ  ! ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଓଡ଼ିଶାର ସ୍ୱତନ୍ତ୍ର ସ୍ଥାନ ରହିଛି ! ଓଡ଼ିଶାର ହସ୍ତଶିଳ୍ପ ,କୁଟୀରଶିଳ୍ପ , ବାଲୁକାଶିଳ୍ପ ଇତ୍ୟାଦି ସାରା ବିଶ୍ୱରେ ପରିଚିତ ! ଏହି ଶିଳ୍ପ ଗୁଡିକୁ  ଠିକ ଭାବରେ ପ୍ରୋତ୍ସାହିତ କରାଗଲେ ଦେଶ ତଥା ଦେଶ ବାହାରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ ! ଓଡ଼ିଶାରେ ପ୍ରାକୃତିକ ଖଣିଜ ସମ୍ପଦର ଅଭାବ ନାହିଁ ! ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ଉପଯୁକ୍ତ ସର୍ଭେ କରାଯାଇ ଯଦି  ଏହାର ସନ୍ଧାନ ନିଆଯାଇପାରିବ ଓଡିଶା ରାଜ୍ୟ ମଧ୍ୟ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ ହୋଇପାରିବ ! ଓଡ଼ିଶାର ପର୍ଯ୍ୟଟନ ସାରା ସମଗ୍ର ପୃଥିବୀରେ ପରିଚିତ ! ବିଶ୍ୱ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର,କୋଣାର୍କ ମନ୍ଦିର

,ଲିଙ୍ଗରାଜ ମନ୍ଦିର ପାଇଁ ଓଡିଶା ରାଜ୍ୟର ସ୍ଥାନ ସ୍ୱତନ୍ତ୍ର ! ଏହାକୁ ଦେଖିବା ପାଇଁ ସାରା ବିଶ୍ୱରୁ ପର୍ଯ୍ୟଟକ ମାନଙ୍କର ଆଗମନ ହୋଇଥାଏ ! ଏହି ଶିଳ୍ପକୁ ମଧ୍ୟ ଠିକ ଭାବରେ ଲୋକଲଚନ କୁ ଆଣି ପରିଚିତି କରାଇପାରିଲେ ଓଡିଶା ର ସ୍ଥାନ ସାରା ବିଶ୍ୱରେ ଦ୍ୱିଗୁଣିତ ହେବ ! ଶେଷରେ ମୁ ଏତିକି କହିବି ଓଡିଶାକୁ ଉପଯୁକ୍ତ ପ୍ରୋତ୍ସାହନ ,ସହଯୋଗ ମିଳିଲେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେବ ! ଏଥିରେ ତିଳେ ହେଲେ ସନ୍ଦେହ ନାହିଁ !

ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୦୪୦୦୨୫୭୩୪

■■■




## ବିଶିଷ୍ଟ ଅନୁବାଦିକା ଓ ଗାଳ୍ପିକା ଅଞ୍ଜଳି ଆଚାର୍ଯ୍ୟଙ୍କର ଅନୁବାଦିତ ଗଳ୍ପ ସଂକଳନ '**ଚର୍ଚ୍ଚିତ ଗଳ୍ପଗୁଚ୍ଛ**'

# ସାଧାରଣ ନାଗରିକ ଓ ବିଚାର ବିଭାଗ

ଗଜାନନ ମିଶ୍ର



ଇଂ ତାରିଖ 09/11/2022 ବୁଧବାର ଦିନ ଧନଂଜୟ ଯଶବନ୍ତ ଚନ୍ଦ୍ରଚୁଡ ଭାରତବର୍ଷର ପଚାଶତମ ପ୍ରଧାନ ବିଚାରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ଅବସରରେ କହିଛନ୍ତି ଯେ ତାଙ୍କର ଅଗ୍ରପ୍ରଧାନ କାର୍ଯ୍ୟ ହେବ ସାଧାରଣ ନାଗରିକଙ୍କୁ ସେବା ଯୋଗାଇଦେବା। ବିଚାରବିଭାଗର ଏହି ଶୀର୍ଷପଦ ଅଳଙ୍କୃତ କରିବା ପୂର୍ବରୁ ତାଙ୍କର କାର୍ଯ୍ୟଶୈଳୀ ଏକଥା ତାଙ୍କର କାମ ଇ-କୋର୍ଟ, ଅଦାଲତି କାର୍ଯ୍ୟଧାରା ଲାଇଭଷ୍ଟ୍ରିମିଂ ଆଦିରେ ପ୍ରମାଣ କରିସାରିଛି ଯେ ନ୍ୟାୟିକ ବ୍ୟବସ୍ଥା ସର୍ବ ସାଧାରଣଙ୍କ ପାଇଁ ସରଳ, ସ୍ୱଚ୍ଛ ହେବା ସହିତ ସୁଗମ ଓ ସୁଲଭ୍ୟ ହୋଇଯିବ। ସମାଜର ସବୁ ବର୍ଗର ଲୋକଙ୍କୁ ବିଚାର ବିଭାଗ ଆମନ୍ତ୍ରଣ କରିବ। ନିଃସନ୍ଦେହ ଯେ ଏପରି ଭାବନା ଓ ବିଚାର ଅତୀବ ଗୁରୁତ୍ୱପୂର୍ଣ୍ଣ। ଯାହା ବି ହେଉ, ନ୍ୟାୟପାଳିକାର ବିଶ୍ୱାସନୀୟତା ଓ ସ୍ୱାଧୀନତା ବଜାୟ ରଖିବା ହେଉଛି ଗୁରୁତ୍ୱପୂର୍ଣ୍ଣ ଆଜିର ଏ ଦିନରେ।

ନ୍ୟାୟପାଳିକାର ବିଶ୍ୱାସନୀୟତା ବଜାୟ ରଖିବାକୁ ହେଲେ ସର୍ବ ପ୍ରଥମେ ନାଗରିକଙ୍କ ଭାଷାରେ ସବୁ କାମ କରାଯିବା ଉଚିତ୍। ବିଦେଶୀ ଢାଂଚାକୁ, ବିଦେଶୀ ଭାଷାକୁ ସର୍ବସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୂରେଇ ଦେଇ ଭାରତୀୟତା ଭରି ଦେବାକୁ ହେବ। ଭାରତୀୟ ଭାଷାରେ ସବୁ କାର୍ଯ୍ୟ ନ କଲା ଯାଏ ନାଗରିକଟିଏ ଏହି ବିଭାଗ ପ୍ରତି ଆକୃଷ୍ଟ ହେବ କହିବା ଭୁଲ ହେବ ବା ଏହି ବିଚାର ବିଭାଗ ଭାରତୀୟଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ବା ପ୍ରତିଜ୍ଞାବଦ୍ଧ ରହିଛି ତାହା ବି ଠିକ୍ ଭାବରେ କହି ହେବ ନାହିଁ। ଏ ଦିଗରେ ଆମ ସମ୍ବିଧାନ ସ୍ୱଷ୍ଟ ରହିଛି ସପ୍ତଦଶ ଭାଗ, ସରକାରୀ ଭାଷା ଅଧ୍ୟାୟରେ। ସମ୍ବିଧାନ ଧାରା 343ରେ ଲେଖା ଯାଇଛି ଯେ ଦେବନାଗରୀ ଲିପିରେ ହିନ୍ଦୀ ଭାଷ୍ୟ କେନ୍ଦ୍ରର ସରକାରୀ ଭାଷା ହେବ। ଆହୁରି ସ୍ୱଷ୍ଟ କରାଯାଇଛି ଯେ ଏହି ସମ୍ବିଧାନ ପ୍ରାରମ୍ଭ ହେବା ପରଠାରୁ ପନ୍ଦର ବର୍ଷ ଅବଧି ପର୍ଯ୍ୟନ୍ତ କେନ୍ଦ୍ରରେ ସବୁ ସରକାରୀ ଉଦ୍ଦେଶ୍ୟରେ ଇଂରାଜି ଭାଷା ଚାଲୁ ରହିବ ଯାହା ଏହି ସମ୍ବିଧାନ ପ୍ରାରମ୍ଭର ଠିକ୍ ପୂର୍ବରୁ ଚାଲୁ ରହିଥିଲା। ସମ୍ବିଧାନର ଧାରା 344ରେ ଏକ ଭାଷା ଆୟୋଗ ସଂସ୍ଥାପନ ହେବ ବୋଲି ଲେଖାଯାଇଛି, ଯାହାର କାର୍ଯ୍ୟ ହେବ କେନ୍ଦ୍ରର ସରକାରୀ କାର୍ଯ୍ୟ ଉଦ୍ଦେଶ୍ୟରେ ହିନ୍ଦୀ ଭାଷାର ପ୍ରଗତିଶୀଳ ବ୍ୟବହାର, ଇଂରାଜି ଭାଷାର ବ୍ୟବହାର ଉପରେ କଟକଣା, କେନ୍ଦ୍ର ଓ ରାଜ୍ୟ ଭିତରେ ଯୋଗାଯୋଗ କରାଯିବାର ଭାଷା ଆଦି ଆଦି। ସମ୍ବିଧାନର ଧାରା 345, 346 ଓ 347ରେ ରାଜ୍ୟଗୁଡିକର ଭାଷା କିମ୍ବା ହିନ୍ଦୀ ଭାଷାକୁ ସେହି ରାଜ୍ୟର ସବୁ ବା କୌଣସି ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ପାଇଁ ଭାଷା ବା ଭାଷାଗୁଡିକ ଭାବେ ଅବଲମ୍ବନ କରିପାରିବେ। କେନ୍ଦ୍ର ସରକାରୀ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ତତାକାଳୀନ ପ୍ରାଧିକୃତ ଭାଷା, ଗୋଟିଏ ରାଜ୍ୟ ଏବଂ ଅନ୍ୟ ଏକ ରାଜ୍ୟ ମଧରେ ଏବଂ ଗୋଟିଏ ରାଜ୍ୟ ଏବଂ କେନ୍ଦ୍ର ମଧରେ ଯୋଗାଯୋଗ ନିମନ୍ତେ ସରକାରୀ ଭାଷା ହେବ। ଏହା ସହିତ କୌଣସି ରାଜ୍ୟର ଲୋକ ସଂଖ୍ୟାର କୌଣସି ଏକ ଭାଗ ଦ୍ୱାରା କଥିତ ଭାଷା ସମ୍ବନ୍ଧୀୟ ସୁନ୍ଦର ବ୍ୟବସ୍ଥା ମଧ ରଖାଯାଇଛି ଓ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ସନ୍ତୁଷ୍ଟିରେ ସେହି ଭାଷା ବା କଥିତ ଭାଷା ବା ଆଂଚଳିକ ଭାଷାକୁ ସରକାରୀ ଭାଷା ରୂପେ ସ୍ୱୀକୃତ କରାଯାଇ ପାରିବ।

ସର୍ବୋଚ୍ଚ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ ଇତ୍ୟାଦିର ଭାଷା ଉପରେ ମଧ ଆମର ସମ୍ବିଧାନ ଧାରା 348 ଦୃଷ୍ଟିକୋଣ ସ୍ୱଷ୍ଟ ରହିଛି। ଆଇନଦ୍ୱାରା ସଂସଦ ଅନ୍ୟ ବ୍ୟବସ୍ଥା କରିବା ପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟ ଓ ପ୍ରତ୍ୟେକ ନ୍ୟାୟାଳୟର ସବୁ ପ୍ରୋସିଡିଙ୍ଗ, ନିର୍ଭରଯୋଗ୍ୟ ପାଠ୍ୟସକଳ, ଆଦେଶ, ନିୟମାବଳୀ ,

ଉପବିଧି ଆଦି ଆଦି ଇଂରାଜି ଭାଷାରେ ହେବ। ଆମେ ସ୍ୱାଧୀନତାର 75 ବର୍ଷର ଅମୃତ ସ୍ୱାଦ ଚାଖୁଛେ। ଆମେ ଜନଗଣମନ ସଚେତନ ରହିଛେ । ଆମର ଜନପ୍ରତିନିଧିଗଣଙ୍କ ସ୍ୱଦେଶ ପ୍ରୀତିରେ ସାରା ଜଗତ ଚକିତ। ଏବେଳେ ଭାରତୀୟ ଭାଷାର ପ୍ରୟୋଗ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ହେବ। ଅସ୍ଥାୟୀ ବ୍ୟବସ୍ଥା ଧାରା 348ର ପରିବର୍ତ୍ତନକରିବାକୁ ହେବ। ଏହା ନ ହେଲାଯାଏ ସାଧାରଣ ନାଗରିକ କିପରି ଭାବରେ ବିଚାର ବିଭାଗର ନିକଟତର ହେବ। ଦେବାନୀ କାର୍ଯ୍ୟବିଧି ସଂହିତା, ଯାହା 1908ରେ ଲାଗୁ ହେଲା ସେଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଦେବାନୀ ଅଦାଲତର ଭାଷା ହେଉଛି ଆଂଚଳିକ ଭାଷା। ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ମଧ୍ୟ ସରକାରୀ ଭାଷାକୁ ଅଦାଲତର ଭାଷା ବୋଲି ଲେଖା ଯାଇଛି। ଅଧିକନ୍ତୁ, ଭାରତୀୟ ଭାଷାଗୁଡିକ ଜ୍ଞାନ ଓ ବିଜ୍ଞାନର ଗନ୍ତାଘର। ଭାରତୀୟ ଭାଷାଗୁଡିକରେ ସାହିତ୍ୟ ପରଂପରା ଏବଂ ସମୃଦ୍ଧ ଶବ୍ଦ ଭଣ୍ଡାର ଭରି ରହିଛି। ତେଣୁ ତ ଜାତୀୟ ଶିକ୍ଷା ନୀତି 2020ରେ ନାଗରିକର ମାତୃଭାଷାରେ ଶିକ୍ଷା ଯୋଗାଇ ଦେବା ପାଇଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବିଧାନର ଧାରା 350'କ'ରେ କହିଛି ଏୟା- ପ୍ରାଥମିକ ସ୍ତରରେ ମାତୃଭାଷାରେ ଶିକ୍ଷାଦାନର ସୁବିଧା। ସତରେ ମାତୃଭାଷାରେ ଇ ରହିଛି ଜୀବନର ସକଳ ରସ। ସୃଜନଶୀଳ ବିଚାରଧାରା ଏବଂ ସବୁଦିଗରୁ ବିଶ୍ଳେଷଣ ଦକ୍ଷତା ବିକଶିତ ହୋଇପାରେ କେବଳ ମାଟିର ଭାଷା ମାଧ୍ୟମରେ। ଭାରତକୁ ବିଶ୍ୱ ଗୁରୁ ଭାବେ ପୁନଃ ପ୍ରତିଷ୍ଠା ଲାଗି ଆମର ଯୋଉ ଉଦ୍ୟମ ଏହି ଦିଗରେ ଭାଷା ଗୁଡିକର ଆଲୋକ ନ ପଡିଲେ ତାହା ସମ୍ଭବ ହୋଇ ପାରିବ ନାହିଁ। ଭାଷାରେ ରହିଛି ଆମ ସଂସ୍କୃତି, ଆମ ପରଂପରା, ବିଶେଷକରି ଆଇନ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ ହେଲେ ଇ ଭାରତବର୍ଷ ବିକଶିତ ହେବ, ସର୍ବସାଧାରଣଙ୍କ ଗୋଚରକୁ ଆସିବ ସବୁ ସ୍ପଷ୍ଟ ଭାବରେ ଆଉ ଏମିତି ହେଲେ ହିଁ ଆମ ଭାଷା ହେବ ସଶକ୍ତିକରଣର ମାଧ୍ୟମ।ଭାରତର ସମ୍ବିଧାନବିଷୟରେ, ଭାରତର ଆଇନକାନୁନ, ଅଦାଲତର କାର୍ଯ୍ୟ ଧାରା ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଂଚୁ, ଆଇନ ବିଭାଗ ସ୍ୱଚ୍ଛ ରହୁ, ଏବଂ ସବୁ କିଛି ସମସ୍ତଙ୍କୁ ଉପଲବ୍ଧ ହେଉ, ତେବେ ସିନା ଆମେ ଭାରତର ଲୋକମାନେ ସାର୍ବଭୌମ ବୋଲି ଧରାଯିବ , ଯାହି ସମ୍ବିଧାନର ଆରମ୍ଭରୁ ଉଚ୍ଚାରଣ କରାଯାଇଛି। ଭାରତୀୟ ଭାଷାର ବ୍ୟବହାର ନ ହେଲାଯାଏ ନୂତନ ଯୁଗର ଆରମ୍ଭ ହେଲା ବୋଲି କହି ହେବ ନାହିଁ। ସେବା ସତ୍ୟ ନୈତିକ ଭଳି ମାନବିକ ମୂଲ୍ୟବୋଧ ଭାରତୀୟ ସମାଜରେ ଝଙ୍କୃତ ହେଉଛି ପ୍ରତେ ହେବ ନାହିଁ।

ସତ୍ୟ, ମା ହେଉଛନ୍ତି ସର୍ବଶ୍ରେଷ୍ଠ। ଠିକ୍ ସେପରି ମାତୃଭାଷା। ଉଭୟଙ୍କ ମାଧ୍ୟମରେ ସହଜରେ ସବୁକିଛି ପରିପ୍ରକାଶ କରିହୁଏ। ପୁଣି ଦେଖାଯାଏ ଯେଉଁ ଭାଷା ଯେତେ ବ୍ୟବହାର କରାଯାଏ ସେ ଭାଷା ସେତେ ପରିସ୍ଫୁଟିତ ହୁଏ। ଆମର ମାଟିର ଭାଷା ମାଧ୍ୟମରେ ଆମକୁ ଜାଣିବାର ଅଛି ଆମର ସମ୍ବିଧାନକୁ, ବୁଝିବାର ଅଛି ଆମର ନାଗରିକଙ୍କୁ ଆଉ ଗଢିବାର ଅଛି ଭାରତବର୍ଷକୁ ନୂଆ ରୂପରେ ଅମୃତ ମହୋତ୍ସବ ପାଳନ ସମୟରେ ଆଉ ଚାଲିବାର ଅଛି ବୀର ଦର୍ପରେ ବିଶ୍ୱ ବଡଦାଣ୍ଡରେ ସର୍ବାଗ୍ରେ। ଏତେବେଳେ ଭାଷା ବ୍ୟବହାର ରେ ଆମର ହୀନମନ୍ୟତା ଆମକୁ ଗ୍ରାସ ନ କରୁ। ଏତେବେଳେ ଆଇନ ଅଦାଲତ କ୍ଷେତ୍ରରେ ଆମର ଭାଷା ଆମର ବଡ ସହାୟକର ଭୂମିକା ନିର୍ବାହ କରୁ! ଭାରତୀୟ ଭାଷା ହିଁ ଭାରତର ନ୍ୟାୟାଳୟକୁ ଲୋକାଭିମୁଖି କରିବ, ମାନ ସମ୍ମାନ ବୃଦ୍ଧି କରାଇବ, ସତ୍ୟ ମେବ ଜୟତେ ଗାନ ଚାରିଆଡକୁ ମୁଖରିତ କରାଇବ, ସାଧାରଣ ନାଗରିକଟିଏ ନ୍ୟାୟ ପାଇବା ଦିଗରେ ଲାଭାନ୍ୱିତ ହୋଇ ପାରିବ। ଆଶା ଓ ବିଶ୍ୱାସ ଥାଉ- ଭାରତୀୟ ଜନମାନସର ପ୍ରତିଛବି ନ୍ୟାୟାଳୟରେ ପ୍ରତିଫଳିତ ହେଉ, ପ୍ରଧାନ ବିଚାରପତି ନ୍ୟାୟଧୀଶ ଚନ୍ଦ୍ରଚୂଡ ସ୍ଥାନୀୟ ଭାଷାକୁ ପ୍ରାଥମିକତା ଦେଇ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ସ୍ମରଣୀୟ ହୋଇ ରହନ୍ତୁ! ମାନ୍ୟବର ଚନ୍ଦ୍ରଚୂଡ କରୁଣାର୍ଦ୍ର, ଚିନ୍ତାଶୀଳ, ଆଉ ସାଧାରଣ ନାଗରିକ ଅଧିକାର ପ୍ରତି ବିଶେଷ ଯତ୍ନଶୀଳ ରହନ୍ତୁ! ନ୍ୟାୟ ପ୍ରଦାନଶୈଳୀକୁ, ସତ୍ୟର ପ୍ରତିଷ୍ଠାକୁ ବିକାଶଶୀଳ କରାଇ, ସମଗ୍ର ବିଚାରବିଭାଗକୁ ଭାରତୀୟ କରଣ କରିବାରେ ସହାୟକ ହୋଇ ନିଜ ଶ୍ରେଷ୍ଠତ୍ୱର ପ୍ରମାଣ ଦେଖାଇବା ହୁଅନ୍ତୁ ତାଙ୍କର ଆଗାମୀ ଦୁଇ ବର୍ଷ କାର୍ଯ୍ୟ କାଳ ଭିତରେ! ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା ହେଉ!

■■■

ତପୋବନ, ଟିଟିଲାଗଡ଼, ବଲାଙ୍ଗୀର

## ଚନ୍ଦ୍ରଶେଖରପୁର୍ ସାହିତ୍ୟ ସଂସଦର୍
## ସାହିତ୍ୟ, ସାହିତ୍ୟିକ ଏବଂ ସାହିତ୍ୟ ସଂଗଠନ ବିଷୟରେ
## ନବୀନ ପ୍ରବୀଣ ସାହିତ୍ୟ ସ୍ରଷ୍ଟାଙ୍କୁ ନେଇ YOUTUBE
## ମାଧମରେ ଏକ ସାକ୍ଷାତକାର୍ କାର୍ଯ୍ୟକ୍ରମ

ଆଲାପ
ସାହିତ୍ୟ, ସାହିତ୍ୟିକ ଓ ସାହିତ୍ୟ ସଂଗଠନ

https://www.youtube.com/channel/UCP8TIAy8l8b-SBPaJWnCLKg

# ପଦ୍ୟ ବିଭାଗ



## ବ୍ୟଙ୍ଗ କବିତା

# ସ୍ମୃତି ତର୍ପଣ



**ଶ୍ରୀଯୁକ୍ତ ସତ୍ୟନାଶ**

ଏଇ ଦଶଦିନ ତଳେ ଦାଶବାବୁଙ୍କର ମାଆ
ବୋହୂର ସେବାରେ ମୁଗ୍ଧ ହୋଇ...
ସରଗକୁ ଟିକଟ କାଟିଲା;
ଦାଶୀଆଣୀ କାହିଲେ - ଯାହାହେଉ
ବୁଢ଼ୀ ମଲା, କଣ୍ଟାଗଲା
ଭାରି ଭଲ ହେଲା ।

ସମବେଦନା ଜଣାଇବାକୁ ଯାଇ
ପଚାରିଲି - ଆଜ୍ଞା,
ମୁଁ ଶୁଣିଲି ଆପଣଙ୍କ ମାଆ
ଚାଲିଗଲେ କାଲି ସ୍ୱର୍ଗପୁର;
ଆହା, ଭାରି ଦୁଃଖଦ ଖବର ।
ଦାଶବାବୁ କହିଲେ - ହଁ,
ଯେତେବେଳେ ହେଲେ ତ ମରନ୍ତା;
ବୟସତ ହେଇ ଯାଇଥିଲା
ବଞ୍ଚିକି କଣ ବା ଲାଭ ହେଇଥାନ୍ତା ?

ମୁଁ କହିଲି - ଆଜ୍ଞା,
ଯେତେହେଲେ ସେ ପରା ଆପଣଙ୍କ ମାଆ
ଲୋକମାନେ ବୋଲିବେ କଅଣ ?
ଯେତେ ଟଙ୍କା ଲାଗୁପଛେ
ପେପର୍ ରେ ଶ୍ରଦ୍ଧାଞ୍ଜଳି ଦେଇ
କରିଦିଅନ୍ତୁ ଥରେ ମାଆ ସ୍ମୃତିରେ ତର୍ପଣ ।
ନିଜ ଫଟୋ ଦେଖିକରି
ସ୍ୱର୍ଗରେ ଖୁସି ହେବେ ମାଆ;
ପେପର୍ ରେ ବାହାରିବ ଆପଣଙ୍କ ନାଆଁ ।
ନିଜ ନାଆଁ ବାହାରିବ ଶୁଣି
ଦାଶବାବୁ ଭାରି ଖୁସି ହେଲେ
ମାଆ ପାଇଁ ସ୍ମୃତି ତର୍ପଣ ଛାପିଲେ
ଓଡ଼ିଶାର ସବୁ ପେପରରେ ।

- ସ୍ନେହମୟୀ ମାଆ...
ତୁ ଆମକୁ ଶୋକ ସାଗରରେ
ଭସାଇଦେଇ ଚାଲିଗଲୁ;
ହେଲେ, କଉଠି କଅଣ ରଖିଛୁ
କିଆଁ କହିକି ନ ଗଲୁ ?
ଦଶଦିନ ହେଲା ଘରେ ଆଇଁଷ ହେଉନି
ବୋହୂ ତୋର ଭଲରେ ଖାଉନି ।

ମାଆଲୋ ! ଏବେ
ସମ୍ବାଦ, ପ୍ରଗତିବାଦୀ, ସମାଜ,ଧରିତ୍ରୀ
ଏଇସବୁ ପେପରର ବଢ଼ିଛି କାଟତି ।
ତମ ଆଡ଼େ ଯାଉଥିବ;
ନିଶ୍ଚୟ ପଢ଼ିବୁ ।
କାଳେ ତୁ ଇଂଗ୍ଲିସ୍ ପଢ଼ି ପାରିବୁନି;
ସେଥିପାଇଁ ଟାଇମ୍ସ ଅଫ୍ ଇଣ୍ଡିଆ କି
ଏସିଆନ୍ ଏଜ୍ ରେ ଦେଲୁନି ।

ମାଆ !
ଏବେ ଯଉଠେଇ ଅଛୁ
ଭଲରେ ତୁ ସେଇଠେଇ ଥାଆ ;
ସୁବିଧା ଦେଖି କି କେବେ ଥରଟିଏ ଆ ।
କଉଠି କଅଣ ରଖିଛୁ
ସପନରେ କହିକିରି ଯାଆ ।। ଇତି ।।
ତୋର ଆଦରର
ପୁଅ, ବୋହୂ, ଝିଅ, ଜୋଇଁ, ନାତି ଓ ନାତୁଣୀ;
କୁଲୁ, ଟୁଲୁ, ରିଙ୍କି, ମିଙ୍କି,
ସିଲିଣ୍ଡର, କୋଅନ, ପ୍ରିଜିମି ।।

■■■

# ଆକାଶ

ହୋଇପାରେ କାହା ପାଇଁ ସେ ଶୂନ୍ୟ ମହାଶୂନ୍ୟ
ହେଲେ ମୋ ପାଇଁ ଅନନ୍ତ, ସୀମାହୀନ
ଏସବୁକୁ ଭଣ୍ଡାର ଖୁସିର, ଅପାର ଗନ୍ତାଘର, କୁବେରର ଘର ।
ତାକୁ ଚାହିଁ ଚାହିଁ ବିତିଛି କେତେ କେତେ ଦିନ ମୋର,
ରାତି ବି ।
ରଙ୍ଗ କଣ ବୁଝିବା ବେଳରୁ, ଚୁନି କଣ ଜାଣିବା ଦିନରୁ
ସେ ହିଁ ମୋର ଶୁଭ୍ର ଚିତ୍ରପଟ
କି ରଙ୍ଗ ନାହିଁ ତା ପାଖରେ!
ଜଗତରେ ଯେତେ ରଙ୍ଗ ଅଛି ବୋଲି ଜାଣ
ଜାତି ଜାତି ରଙ୍ଗ ମାନ ସର୍କସର ଜୋକର ପରି
ମୋ ଆଗରେ ଭଙ୍ଗି ବେଶ ବେଳ ଅବେଳରେ
ଭଳି କି ଭଳି ଠାଣିରେ
ପୁଣି କେବେ ଇନ୍ଦ୍ରଧନୁର ମୁକୁଟ ପିନ୍ଧି
ବୁଲେଇ ନେଉଛି ମୋତେ ପରୀରାଇଜକୁ
ବାଦଲ ରଥରେ ।
କିଟି ମିଟି ଅନ୍ଧାର ରେ ଚିକ୍ ମିକ୍
ଜରିକାମ କରା ଜାମା ପିନ୍ଧି
ବୁଲେଇ ନେଉଛି ।
ମୋ କୋଳରୁ ଶାଢ଼ୀ କାନି ପରି
ପୋଛି ଦେଉଛି ଝରି ଆସୁଥିବା ଲୁହ
ବୋଳି ଦେଉଛି
ସାଉଁଳି ଦେଉଛି ଦିହ ମୁହଁ
ଶିରି ଶିରି ପବନରେ କୁତୁକୁତୁ କରି
ହସାଉଛି, ଲୁଚାଉଛି, ମନାଉଛି
ରାଗିଲେ ରୁଷିଲେ ।
ଖେଳ କଣ, ଖେଳଣା କଣ ଜାଣିବା ଦିନରୁ
ମୋ ପାଇଁ ଆଣି ଦେଉଛି
ପୁଞ୍ଜା ପୁଞ୍ଜା ହାତୀ ଘୋଡ଼ା ସହସ୍ର ରଥ ସୈନ୍ୟ ଓ ସାମନ୍ତ
ମେଞ୍ଚା ମେଞ୍ଚା ବାଦଲରେ ।
ପୁଣି କେବେ ଜହ୍ନ ଆଲୁଅରେ
ଆଙ୍କି ଦିଏ କୋଟି ମାଳ ମାଳ
ମୋ ବର୍ଗୀର ଅଗଣାରେ ।
ତାରା ଫୁଲ ସବୁ ଆଖି ମିଟି ମିଟି କରି
ଝୁଲନ୍ତି ଫୁଲେଇ
ଜୁଇ ଜାଇ ମଲ୍ଲୀ ପରି ପ୍ରିୟା କବରୀରେ ।

ଏବେ ଯେ ଦେଖୁଛ ତୁମେ
ଶୋଉଛି ମୁଁ ଚିତ୍ ହୋଇ ମୋ ଛାତରେ ଖୋଲା ବିଛଣାରେ
ତାକୁ ହିଁ ତ ଦେଖୁଛି ମୁଁ ଏକ ଲୟରେ, ନିବିଡ଼ ଚିତ୍ତରେ ॥
କାନ ଡେରି!
ପାରିବୁ କି ଶୁଣି ଆମ କଥୋପକଥନ ?

[illegible]
ମୋ: [illegible]

# ସବୁତ ନେଇଛ ଲୁଟି

ବିପିନ୍ ମହାନ୍ତି



ତୁମ୍ଭ ବିନା ଏଠି କି ରଙ୍ଗ ଖୋଜିବି
ସବୁତ ନେଇଛ ଲୁଟି,
କି ଭାବ ଖୋଜିବି ସବୁଭାବ ତୁମେ
ମୋ' ଠାରୁ ଦେଇଛ କାଟି ।

ଆଜି ରଙ୍ଗହୀନ ଦୁନିଆଁ ଆଖିରେ
ମୋ' ରଙ୍ଗ ଖୋଜୁନି କେହି,
କଲି ଦିନଥିଲା ଜଣେ କେ ନ ଥିଲା
ମୋ' ଠୁ ରଙ୍ଗ ନେଇ ନାହିଁ,
ରଙ୍ଗକୁ ଆତୁର ରଙ୍ଗ ସୌଦାଗର
ଆଖିରେ ମୋ' ଅନ୍ଧ ପଟି ।

ଫଗୁଣ ନେଇଛି ଫୁଲ ବି ନେଇଛି
ନେଇଛି ବି ପ୍ରଜାପତି,
କେହି ମାନି ନାହିଁ ମୋ' ରଙ୍ଗରେ ତା'ର
ସ୍ୱପ୍ନ ସଜଳ ସ୍ମୃତି,
ପ୍ରଣୟୀ ନେଇଛି ରାତି ସଜେଇଛି
ସାଥୀକୁ ଦେଇଛି ଭେଟି ।



■■■

ପ୍ଲଟ୍ ନଂ - ୩୩, ଗଡ଼ମହାବୀର ବିହାର,
ଗ୍ୟାରେଜ୍ ଛକ, ଭୁବନେଶ୍ୱର -୭୫୧୦୦୨
ମୋ :୯୮୬୧୧୪୪୯୯୧

# କବି ପ୍ରିୟା

ବସନ୍ତ ମାଝୀ





ଭ୍ରମିଛି ମୁଁ ହିଡବାଡ଼ , ଦୂର୍ବାଦଳ ସବୁଜ ଲାଳିତ୍ୟେ
'ଧୂପ' କବିତା ବଗିଚା ରୁ 'ଓମର' ରସୁରମ୍ୟ ଉଦ୍ୟାନେ
ମନଲାଖି ରଙ୍ଗଫୁଲ ମିଳିଲାନି ଉଲ୍ଲସିତ ସ୍ରୋତେ
ମହକ ବାସ୍ନାରୁ ଦେବାକୁ ଉପହାର ତୋର ଜନ୍ମ ଦିନେ।

କବିପ୍ରିୟା ! ତୁହି ତ ତୋର ପ୍ରତିଦ୍ୱନ୍ଦୀ, ବନସ୍ପତି ହସ
ଖୋଜିବା ଭିତରେ ତୁହି ଅଖୋଜାପଣର ଐଶ୍ୱର୍ଯ୍ୟ
ଦୁଃଖକୁ ଚନ୍ଦନ କରି ହୋଇଛୁ ଗୀତିମୟତା ଆକାଶ
ଇଚ୍ଛାର ମୟୂର ନାଚେ ଆଦିମ ତାନରେ ନେଇ ଇପ୍ସିତ ସୌନ୍ଦର୍ଯ୍ୟ ।

ତୁ ତ ଗଦ୍ୟ ନୁହେଁ ମହାପଦ୍ୟ ଜୀବନ୍ତ ଏକ ଉପପାଦ୍ୟ
ଝାଉଁଳା ହୃଦୟ ବି ଚାହେଁ କଦମ୍ବର କାଂକ୍ଷିତ ଭାବନା
କ୍ଷୁଧାର୍ତ୍ତ ଏକାକୀ ପଣରେ ତୁହି ପ୍ରୀତିର କଣିକା ଖୁଦ
ପଦ୍ମ ପୋଖରୀରେ ତୋର ଅଜ୍ଞାତବାସ ଆଶ୍ଳେଷୀ ନୟନା।

କେଉଁ ଶବ୍ଦେ ଗୁନ୍ଥିବି ରୂପ ସୁଷମାର ତୁହି ଗନ୍ତାଘର
କେଉଁ ରାଗ ଅନୁରାଗେ ବାନ୍ଧିବି ଅବ୍ୟକ୍ତ ପଣକୁ
ତୋ ଦେହ ଦିଗବଳୟେ ମିଳନ ମାଟି  - ଆକାଶର
କହ କେଉଁ ସ୍ୱପ୍ନ ରେ ବାନ୍ଧିବି ସ୍ୱପ୍ନ ଭିଛା ଏ ମୋର ମନକୁ ??

କବିପ୍ରିୟା !
ଅମିତ ପ୍ରାଚୁର୍ଯ୍ୟରେ ତୁହି ସର୍ଜନା ର ମହାନ ବୈଚିତ୍ର୍ୟ୍
ଶିଖାଇ ଦେ ମୋତେ ତୁହି ଜୀଇଁବାର  ସାତ୍ତ୍ୱିକ ସାରଣୀ
କାଳାନ୍ତର ରାସ୍ତାରେ ଗାଉଥା ହଳଦୀବସନ୍ତର ଗୀତ
ତୋତେ ମୁହିଁ ଶୁଣାଉଥିବି ଆଶାମୟୀ ଜୀବନ କାହାଣୀ ।।

■■■

ଏମ୍. ଆଇ. ଜି.(୧) ୧୯/୨ ,ହାଉସିଂ ବୋର୍ଡ କଲୋନୀ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୦୨
ମୋ :୯୪୩୭୮୭୨୧୯୨୫

# ରାତି ଶେଷର ସକାଳ

ପ୍ରଫେସର ବୀଣାପାଣି ତ୍ରିପାଠୀ





ତୁମ ମୁହୂର୍ତ୍ତ ମାନଙ୍କୁ
ମୋ ନାଁ ରେ କରେଇ ନେବାର
ସାମାନ୍ୟ ଆସ୍ପର୍ଦ୍ଧା
କେବେ କଣ ମୁଁ କରିପାରେ
କ୍ରମଶଃ ଶୁଖି ଯାଉଥିବା ମୋ ଧମନୀ ର
ଜୀବନ ପ୍ରବାହ ପାଇଁ
ସଂଜୀବନୀ ତୁମ ସ୍ପର୍ଶ
କେବେ କଣ ମାଗି ପାରେ
ଏ ନେଇ ମୁଁ ନିର୍ବିକାର
ଏ ଯାଏଁ ପାଇନି
ଅଚେତନ ଗମ୍ଭୀରା ଗୋପନ ତଥ୍ୟ ର ଖବର
ଏତିକି ଜାଣେଏ ସବୁ ଖେଳ କରେ ସମୟ
କୌଣସି ଏକ ଶୂନ୍ୟ ବେଳା ରେ
ତୁମେ ଲୋଡ଼ିବ
ମୋ ନିର୍ଲିପ୍ତ ଉଦାସୀନ ମନ
ମୋ ପ୍ରାଚୁର୍ଯ୍ୟ ଭରା ହୃଦୟ
ଏବେ ଜୀବନ ର ଅର୍ଥ ଜଉଘର
ସମ୍ପର୍କ ର ଅର୍ଥ ମୃଗତୃଷ୍ଣା
ଏବେ ପୃଥିବୀ ଖୁବ ଗତିଶୀଳ
ମୁହୂର୍ତ୍ତ ବ୍ୟସ୍ତମୟ
ଏତିକି ବେଳେ କେଉଁ ଗରଜ ରେ
ତୁମେ ଦେବ ଗୋଟିଏ ମୁହୂର୍ତ୍ତ

ହେଲେ ଜାଣେ
ଦିଗବଳୟର ସେପାଖୁ ଯେବେ ତରଳିବ
ଏକଲା ତାରା
ଏକୁଟିଆ ପକ୍ଷୀ ଯେବେ
ଖୁବ ମିଠା ରେ ଗାଇବ
ଯେବେ ସମୟ ସ୍ତବ୍ଧ ହେବ
ସ୍ଥିର ହେବ ପୃଥିବୀ
ସେବେଳେ ...
ସେବେଳେ ମୋ ହୃଦୟରୁ
ଶେଷ ତମ ପ୍ରଶ୍ୱାସ ଟି
ଯିବାର ପ୍ରତୀକ୍ଷା ରେ ଥିବେ ପରି ଜନ
ତୁମେ ନିଶ୍ଚୟ ଫେରିବ
ଲେଉଟିବ
ଏକ ଶ୍ୟାମଳ ଅନୁଭବ ଖୁବ କୋମଳ
ପ୍ରତ୍ୟାଶା ବିହୀନ ଅନୁରକ୍ତି
ତୁମେ..
ଶେଷ ରାତି ର ସୁନେଲି ସକାଳ

■■■

ମଧୁବନ, ଢେଙ୍କାନାଳ

# କେହି ନୁହେଁ ତୁମ ପରି

**ବିଦ୍ୟାଧର ଗୁରୁ**



ତୁମେ ମୋ ସପନ ତୁମେ ମୋ ସ୍ୱନ୍ଦନ
ତୁମେ ମୋ ହୃଦୟ ରାଣୀ,
ତୁମବିନା ସବୁ ଅସାର ଲାଗଇ
ଜଳ ବିନା ଯେହ୍ନେ ପ୍ରାଣୀ ।
ମରମ ତଳର ନରମ ଭାବଟେ
ତୁମେ ପୂର୍ଣ୍ଣିମାର ଇନ୍ଦୁ,
ସବୁ ଜନମରେ ଆସୁଥାଅ ତୁମେ
ସାଜି କରି ମୋର ବନ୍ଧୁ ।
ଶରୀରଟା ସିନା ଅଛି ମୋର ପାଶେ
ହୃଦୟ ତୁମ ପାଖରେ,
ଯେତେ ଦୂରେ ଥିଲେ ଯେଉଁଠି ବି ଥାଏ
ତୁମେ ଥାଅ ଏ ମନରେ ।
ଦୁନିଆ ର ସବୁ ଭଲଠାରୁ ଭଲ
ତୁମେ ନୁହଁ ଅନ୍ୟପରି,
ସୁଖର ଦୁଃଖର ସାଥୀ ତୁମେ ପ୍ରିୟା
କେହି ନୁହେଁ ତୁମ ପରି ।

■■■



ୟୁନିଟ୍ -୯, ଭୁବନେଶ୍ୱର
ମୋ :୯୦୪୦୧ ୨୨୩୫୦

# ସହର ଶୋଇଗଲା ପରେ

**ଅଧ୍ୟାପକ ଅଜୟ ପଟ୍ଟନାୟକ**





ସହର ଶୋଇଗଲା ପରେ
କାହା ଆହ୍ୱାନରେ ଉଠିପଡେ ମୁଁ ।
ଅନୁଭବ କରେ ଆମୋଦତା
ନୀରବତା, ନିସ୍ତବ୍ଧତା ଆଉ ଶାନ୍ତି ।
ଦେଖେ ଆକାଶରେ ଜହ୍ନ ମାମୁଁ
ଅନନ୍ତ ଅନନ୍ତ ନକ୍ଷତ୍ର, ତାରାମଣ୍ଡଳୀ
ସୀମାହୀନ ମହାକାଶ ।
ଭରିଯାଏଅସୁମାରି ଆନନ୍ଦ,
ଶାନ୍ତି ହୃଦୟରେ ।
ସଚେତନ ହୋଇଯାଏ ମନ
ତୁଳନା କରି ବସେ
ମହାକାଶର ବିଶାଳତା
ଆଉ ମଣିଷ ହୃଦୟର କ୍ଷୁଦ୍ରତା ।
ଅସୁମାରି ନକ୍ଷତ୍ରଙ୍କୁ କୋଳକରି,
ଗର୍ଭରେ ଧରି ଶାନ୍ତିରେ, ଆନନ୍ଦରେ
ମସଗୁଲ୍, ନିର୍ବିକାର ମହାକାଶ।
ଆଉ କ୍ଷୁଦ୍ରାତି କ୍ଷୁଦ୍ର ମଣିଷ
କେତେ ଛୋଟ ତା'ର
ହୃଦୟର ଅମୃତ କଳସ
କିନ୍ତୁ ତାହା ପରିପୂର୍ଣ୍ଣ
ଅହମିକାରେ, ପରଶ୍ରୀକାତରତା ରେ
ଅସହିଷ୍ଣୁତା ରେ ।
କାହିଁ, ତାରାଙ୍କର ତ କକ୍ଷଚ୍ୟୁତ ହୁଏନି,
ସଙ୍ଘର୍ଷ ହୁଏନି ସେଠି ଘୁରିବାରେ ।
ତେବେ ମଣିଷ କାହିଁକି
ବେଲଗାମ ହୁଏ, କକ୍ଷ ଭ୍ରଷ୍ଟ ହୁଏ ।
କଣ ପାଏ ସେ, କଣ ମିଳେ ତାକୁ
ଅନ୍ୟକୁ କ୍ଷତ ଦେଇ, ଦୁଃଖ ଦେଇ ।
ଭାବୁଭାବୁ ନିଦ ଆସିଯାଏ ।
ସକାଳୁ ସହର ଚେଇଁ ଉଠେ ।
ମୁଁ ଲାଗିଯାଏ ଜୀବନ ଦୌଡରେ
ଗଳାକଟା ପ୍ରତିଦ୍ୱନ୍ଦୀତାରେ ।
ଭୁଲିଯାଏ ହୃଦୟର ଅମୃତ କଳସର
ଅମୃତତ୍ୱକୁ, ଦେବତ୍ୱକୁ
କବଳିତହୁଏ ଦାନବତ୍ୱରେ।

■■■

**ଜି.ଏ. ୧୧୬, ନିଳାଦ୍ରୀବିହାର, ଭୁବନେଶ୍ୱର**
**ମୋ : ୯୯୩୭୫ ୭୯୩୫୯**

# ଯାତ୍ରା

ସରୋଜ କୁମାର ଶତପଥୀ



ମୁଁ ମୋର ବିରତି ନେଇଛି,
ଭ୍ରାତାଗଣ / ବନ୍ଧୁଗଣ, ଏଥରକ
ବିଦାୟ ଦିଅନ୍ତୁ !
ମଥାନତେ ଶ୍ରଦ୍ଧା ନିବେଦନେ
ମୁଁ ଏଥର ବିଦାୟ ନେଉଛି
ମୋ ଦ୍ୱାରର ଚାବିକାଠି ଏଥରକ ଦେଲି
ମୋ ଘରେ ସମସ୍ତ ଅଧିକାର ମୁଁ ଛାଡ଼ିଲି
ଦୀର୍ଘଦିନ ଧରି ଆମେ ପ୍ରତିବେଶୀ ଥିଲେ...
ଦାନ ଠାରୁ ବେଶି କିନ୍ତୁ ଗ୍ରହଣ ମୁଁ କରିଛି
ଏବେ ସମୟ ଆସିଛି ପାଦ ଚିପିଚିପି
ମୋର ଏଇ ଅନ୍ଧାରୀ ମୂଲକକୁ
ଏଇ ଦେଖ...
ଆଦେଶ ନାମା ମୋ ହାତରେ
ଲିଭାଇ ଦେବାକୁ ହେବ ପ୍ରଦୀପର କ୍ଷୀଣଶିଖା...
ମୋତେ ଏବେ ପ୍ରସ୍ତୁତ ହେବାକୁ ପଡ଼ିବ
ମୁଁ ପରା ସର୍ତ୍ତ ଦେଇଛି ଫେରିଯିବାକୁ !



■■■



ପ୍ଲଟ୍ ନଂ -୨୯୮୯, ନାଗେଶ୍ୱରଟାଙ୍ଗୀ,
ଭୁବନେଶ୍ୱର୍ -୭୫୧୦୦୨
ମୋ : ୯୯୩୭୧୨୮୫୪୭


# ଖ୍ରୀଷ୍ଟାବ୍ଦର ସ୍ରଷ୍ଟା

ସ୍ୱର୍ଣ୍ଣଲତା ମହାପାତ୍ର



ରକ୍ତ ମାଂସଧାରୀ ମାନବ ରୂପରେ
ଜନମିଲ ମେଷ ଗୁହାଳରେ
ଏକ ଉଜ୍ଜ୍ୱଳ ତାରକା,
ହୃଦୟରେ ଭରିଥିଲ
କେତେ ଅନୁକମ୍ପା।

ଥିଲ ତୁମେ ଶାନ୍ତିର ଦୂତ
ଦୟା-କ୍ଷମା-ପ୍ରେମର ଅମୃତ।
ହେଲେ !
କ୍ରୁଶବିଦ୍ଧ କଲା ଏ ଜଗତ।
ଶରୀରରେ ଥିଲା ତୁମ
ଅସହ୍ୟ ଯନ୍ତ୍ରଣା
ବୋହୁଥିଲା ରକ୍ତ ଧାର ଧାର
ଆଖିରେ ଥିଲା କରୁଣାର ଝର
ନିର୍ମଳ,କୋମଳ ହୃଦୟ ତୁମର
କହୁଥିଲ ହେ ଈଶ୍ୱର !
ପୁତ୍ରଙ୍କୁ ମୋର କ୍ଷମାକର।




ହେ ପ୍ରଭୁ !
ଆଉଥରେ ଫେରିଆସ
ଏ ଧରା ଧାମକୁ,
ଦୟା-କ୍ଷମା-କରୁଣାର
ବୀଜ ବୁଣିବାକୁ
ଶାନ୍ତାର କୁଞ୍ଜରେ ଆଉ
ଶିଶୁର ଓଠରେ
ବାଣ୍ଟିଦିଅ ଉପହାର
ସଭିଙ୍କ ହାତରେ।

ବଡଦିନେ ଆଜି କରୁଛୁ ଗୁହାରୀ
ଖ୍ରୀଷ୍ଟାବ୍ଦର ସ୍ରଷ୍ଟା,ତୁମେ ଦିବ୍ଯଦ୍ରଷ୍ଟା
ଆସ ଆସ ଅବତରି
ଆସ ଆସ ଅବତରି।

ନୀଳାଦ୍ରୀ ବିହାର, ଭୁବନେଶ୍ୱର
ମୋ - ୯୦୪୦୬୮୮୦୧୨

■■■

# ଅଝରା ଲୋତକ ମୁଁ

ମନୋରମା ମିଶ୍ର





ଅଝରା ଲୋତକ ମୁଁ
ଝରା ଶେଫାଳି ,
ଅସରା ପଥ ମୁଁ ଯେ
ଲିଭା ଦୀପାଳି ।

ଆକାଶର ଉପାନ୍ତରେ
ଅନୁଜ୍ଜ୍ୱଳ ତାରକା
ବିଳାସୀ ବରଷା କୋଳୁ
ବିଚ୍ଛୁରିତ  କରକା
ଆହତ ବିହଙ୍ଗୀର
ଶ୍ରାନ୍ତ କାକଳି ।
ଅଝରା ଲୋତକ ମୁଁ..

ଆଶାରେ ଆଶାରେ ବିତେ
କୋରକିତ ରଜନୀ
ମନକଥା ମନେ ମରେ
କହି କା'ରେ ପାରେନି
ଅଦିନ ଝଡର ମୁଁ
ଉଜୁଡା କଳି ।
ଅଝରା ଲୋତକ ମୁଁ...

■■■

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୭୧୫୭୮୫୩୨

# ନିର୍ଜନତା

ମୌସୁମୀ ଶୁକ୍ଳା





ନିର୍ଜନତା ନିଃସଂଗ କି ଅନୁଭବ ହୁଏ
ସୂର୍ଯ୍ୟାସ୍ତର ରଂଗ ପରି ଲେସି ହୋଇଯାଏ।
ରକ୍ତିମ କିରଣ ସେ ଦୁଇଟି ମନର ସପନ
ମୁଗ୍ଧ ଶୈଶବର ବେଳାଭୂମି ସେ
ଫଗୁଣର ଦହନ।

ଗୋଲାପୀ ଉଷାରେ ଧୂସର ପଥ ତ
ଧବଳ ଟଗର ହସ ଛଳଛଳ
ଗ୍ରାମ ଯୁବତୀର ଅତି ପରିଚିତ ଗ୍ରାମପଥ।

ନିର୍ଜନତା ବନିଯାଇ କଅଁଳ ଶାବକ
କାଉଁରୀ ପବନ ବାଜି ଝୁଲୁଥାଏ ତନୁରେ
ରକ୍ତାରୁଣ କୃଷ୍ଣଚୂଡ଼ା ତାକୁ ଦେଖି ହସୁଥାଏ
କହୁଥାଏ ହେ ନିର୍ଜନତା
ତୁ ଏବେ ଖୋଜି ଖୋଜି ବୁଲୁ ଥା
ତୋ ସପନ ବଣିକ
ଏ ଜୀବନ ଟା ଏକ ନିଃସଂଗ ଚଲାପଥ।

■■■

ଏକାମ୍ର ବିହାର, ଭୁବନେଶ୍ୱର

# ଓମ୍ ସାଇ

ଗୀତା ପଟ୍ଟନାୟକ





ତୁମ ଭରସାରେ ଜୀବନ ନଉକା
ଦେଇଛି ଏ ଭବେ ମେଲି ,
ସାହା ଥିବ ସାଇ ତୁମେ ଦୟାବହୀ
ଯିବ ନି ତ କେବେ ଭୁଲି ।

କେତେ ଦୁଃଖ କଷ୍ଟ ଲହଡି ଆସୁଛି
ଯନ୍ତ୍ରଣା ଦେଉଛି କେତେ,
ତୁମ ପାଦ ଧ୍ୟାୟୀ ତୁମ ନାମ ଗାଇ
ସହି ତ ଯାଉଛି ଏତେ ।

ଏ ଭବ ସଂସାର ଘୋର ଅନ୍ଧକାର
ତୁମେ ମୋ ଆଲୋକ ଶିଖା,
ପଥ ହରା ଏକ ପଥିକ ମୁଁ ସାଇ
କର ପ୍ରଭୁ ମୋତେ ରକ୍ଷା ।

ଜାଣେ ନି ହେ ସାଇ କେବେ ଲିଭିଯିବ
ମୋ ଏଇ ଜୀବନ ଦୀପ,
ଯେବେ ଅବା ଲିଭୁ ଯେପରି ବା ଲିଭୁ
ନୟନେ ଥିବ ତୋ ରୂପ ।

ଏତିକି କରୁଣା କରିବ ହେ ସାଇ
ଲୋଡେନା ଆଉ ମୁଁ କିଛି,
ତୁମ ଛଡା ସାଇ କିଏ ବା ନିଜର
କିଏ ଅବା ମୋର ଅଛି ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ
ଆଦର୍ଶ ବିହାର
ମୋ-୭୯୭୮୯୦୨୩୭୩

# ଜୀବନଗାଥା

ନୀଳମଣି ଚାନ୍ଦ



ମିଳିଲାନି ମୋତେ ଚେନାଏ ଆକାଶ
ଆଉ ତ ଜୋଛନା ମୁଠେ
ସ୍ମୃତିରୁ ପାଖୁଡେ ମିଳିଲାନି ପରା
ଖୋଜିଲି ପୋଖରୀ ତୁଠେ।

ସମୟ ଦେଲାନି ଅଫେରା ଦିନକୁ
ମୋ ଆଗରେ ଆଣି ଥୋଇ
କାଲି ପରି ଗଲା ବୟସ ତ ଚାଲି
କେଉଁ ନଈ ଧାରେ ବହି।

ସେ ଆକାଶ ଅଛି ଜହ୍ନ ବି ରହିଛି
ଅଛି ଛାୟାପଥ, ତାରା
ଖାଲି ବଦଳିଛି ଅତୀତଠାରୁ ଯେ
ଆଜିର ଜୀବନ ଧାରା।



ମୁଁ ସାଜିଛି ଏକ ନିଃସଙ୍ଗ ପଥିକ
ଜୀବନର ଚଲାପଥେ
ଝଡ଼ିବା ଆଗରୁ ପରାଣ କୁସୁମ
ତୋଳିନିଅ ପ୍ରଭୁ ମୋତେ।

ଭାବିନିଅ ଇଏ ଶେଷଇଚ୍ଛା ମୋ'ର
କହୁନି ଭାବୁକ ହୋଇ
ଲେଖା ହୋଇରହୁ ଜୀବନ ଗାଥା ମୋ
ଅର୍ବୁଦ ବରଷ ପାଇଁ ।

■■■

୨୭, ମନ୍ଦ୍ର ମାନୋର, ଗୋଠପାଟଣା,
ଭୁବନେଶ୍ୱର - ୨୯
ମୋ - ୯୫୮୩୨ ୦୨୩୫୭

# ଚାଲିବାର ସାହସ ରଖ

ମୋହନ ମଜୀଠିଆ



ମିଳିଯିବ ଚଲାପଥଟିଏ
ଚାଲିବାର ସାହସ ରଖ
ସଫଳତା ବି ଦିନେ
ମିଳିବ ନିଶ୍ଚୟ
ପାଇବାକୁ ଇଚ୍ଛା ରଖ ।

ବୁଝାଇ ଦିଅ ଥରେ
ମନକୁ ଏମିତି
ରହିବନି କେବେ
କାହା ଆଶ୍ରୟରେ
ଦେଖିବ, କେମିତି
ସମୟ ବି ରହିଯିବ
ପଛରେ ତୁମର ।।



ନିଜ କର୍ମବଳେ
ଆଜି ନିଅ ଏ ନିଷ୍ପତ୍ତି
ନିଜଠୁ କେବେ ବି
ହାରିବନି ନିଜେ
ଆଉ କେହି ପୁଣି
ପାରିବେନି ହରାଇ ।

ଦିଗ ବଦଳାଇ ଦେଇ
ମାଡ଼ି ଚାଲିବ ଆଗକୁ
ଦିଶିଯିବ ଝଲକ
ନୂଆ ଆଲୋକର
ଯାହା ପରେ ହିଁ ଥିବ
ସେଇ ଲକ୍ଷ୍ୟ ତୁମର ।।

■■■

କଟକ
ମୋ : ୯୯୩୭୧ ୭୩୦୨୦



# ପକ୍ଷୀ ଉବାଚ

**କବିତା ନାୟକ**



ଦୂର ଆକାଶର ପକ୍ଷୀ ଟିଏ ମୁଁହି
ଉଡ଼ି ବବୁଲେ ମହାଶୂନ୍ୟେ
ନିରୀହ ନିଷ୍ପାପ ଜୀବ ଟିଏ ସିନା
ତିଳେ ଭୟ ନାହିଁ ମନେ ।

ମୋ ଦୁଇ ଡେଣାର ଶକ୍ତି ଓ ସାମର୍ଥ
ଅଛି କିରେ ତୋର ମାନବ!!
ତୋ ମସ୍ତିଷ୍କ ସିନା ଆଗକୁ ଦେଖୁଛି
ସାଜିଛୁ ରେ ଯନ୍ତ୍ର ମାନବ ।

ନିର୍ଭୟ ମୋର ମନ ମାନସ ଟି
ଦୂର ଦୃଷ୍ଟି ମୋର ଅସୀମ
ମୋ ଠାରୁ ଟିକିଏ ଶିଖି ପାରିବୁ କି
ହୋଇ ପାରିବୁକି ମୋ ସମ ?

ଖାଦ୍ୟ ସିନା ଆମ ବିହି ଖଞ୍ଜି ଅଛି
ପରିଷ୍କାର ଆମ ଧରମ
ଆମ ପାଇଁ ଦେଖ ତୁମ ପରିବେଶ
ହୁଏ ନାହିଁ ଜମା ବିଷମ ।

ମୋ ଟିକି ଆଖିରେ ଦୁନିଆ ଦେଖୁଛି
ଝଡ଼ ଝଞ୍ଜା କରି ବହନ
ନିରିମମ କେତେ ମାନବ ସମାଜ
କେତେ ଯେ ଅନ୍ଧାରୀ ଗହନ ।

ଟିକି ପକ୍ଷୀଟିଏ ହୋଇଯାଇ ଥରେ
ଦେଖ ଆରେ ମୁଢ଼ ମାନବ
ନିଜ କର୍ମ ବଳେ ପର ଉପକାରେ
ହୋଇବୁରେ ଦିନେ ମହାନ ।

■■■

ଏମ୍. ଆଇ. ଜି. - ୨, ୭୭/୪
ଓ.ଏସ୍.ଏଚ୍.ବି. କଲୋନୀ, ଭୁବନେଶ୍ୱର - ୧୭
ମୋ : ୭୭୩୫୯୧୭୧୧୧

# ସୃଜନୀ

**ଡ. ପ୍ରବୀଣା ପରିଡ଼ା**



ଚଲାପଥ ଧାରେ
ସ୍ଥାଣୁ ପ୍ରସ୍ତର ମୁକ ସାକ୍ଷୀ ତାର ,
ଅହଲ୍ୟାର ଆଖିଲୁହରେ
ଭିଜିଗଲା ଅଭିସକ୍ତ  ଶରୀର।

ଜୀବନ ଯୁଦ୍ଧ ରେ ସର୍ବଂସହା
ଖୋଜିବୁଲେ  ସଠିକ୍ ଉତ୍ତର।
ବନ୍ଧ୍ୟାମାଟିରେ ସୃଷ୍ଟି କରିବ
ସୃଜନୀର ଧାରା।



ସାତସିଆଁ ଦୁଃଖ ର
ଶେଯରୁ ନିଦ୍ରାକୁ ଭୁଲି
ବଦ୍ଧ ମୁଷ୍ଟିରେ ଚୂର୍ଣ୍ଣ କରିବ
ପାପାଚାରୀର ମୋହ।

ନୂତନତ୍ୱ ର ସନ୍ଧାନ ରେ
ପ୍ରଦୂଷଣ ମୁକ୍ତ  କାକର ଭିଜା ସକାଳରେ
ଦେଖିବ ସଁବାଳୁଆରୁ ଛିଟ ପ୍ରଜାପତି।

ପୂର୍ଣ୍ଣ  ଅଧିକାର ର କେତନ ଉଡାଇ
ବଞ୍ଚିବ ପୂର୍ଣ୍ଣ ବିଶ୍ୱାସ କୁନେଇ
ଅଗ୍ନି ଭରା ଚକ୍ଷୁରେ ପାପାଚାରୀର ଭୋକକୁ
ଜାଳି କରିବ ଛାରଖାର।

ନଖ ଦନ୍ତ ରେ ବିଦାରୀ
ଚୂର୍ଣ୍ଣକରିବ ପାପୀର ଭାର।
ବାହିଆଣିବ ମନର ବୋଇତେ
ଅମାପ ଆଶାର ଗନ୍ତାଘର।

■■■

ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୮୯୫୫୪୭୭୬

# ଜ୍ଞାନର ମନ୍ଦିର

କୃଷ୍ଣଚନ୍ଦ୍ର ବାରିକ



ବାଇଶି ବରଷ ବିତିଗଲା ପରେ
ଜ୍ଞାନପୀଠେ ଉପସ୍ଥିତ
ବଦଳିଯାଇଛି ତା' ଚାଖିଚାହାଣୀ
ଦେଖି ହେଲି ସ୍ତମ୍ଭୀଭୂତ ।

ରୂପ ରଙ୍ଗ ରାଗ ତୀବ୍ର ଅନୁରାଗ
ଆନ୍ଦୋଳିତ କଲା ତନୁ
ସେ ଦିନ କାହାଣୀ ତୋଳିଲା ରାଗିଣୀ
ଶିହରଣ ସିକ୍ତ ମନୁ ।




କବି  ଗଙ୍ଗାଧର ପ୍ରତିମୂର୍ତ୍ତି ଛବି
ଦୃଶ୍ୟମାନ ଖରାଟାରେ
ପ୍ରକୃତି ପୂରୋଧା ମନେ ନାହିଁ ଦ୍ୱିଧା
ପିତୃ ଗୁଣେ କ୍ଷମା କରେ ।

ବିଶ୍ୱ ବିଦ୍ୟାଳୟ ଅନୁପମ କାୟ
ଲୋକ କଳା ପ୍ରସ୍ଫୁଟିତ
ଆଉ ଥରେ ଏଥେ ଜ୍ଞାନ ଆହରଣ
ହୁଅନ୍ତା କି ପ୍ରତିଭାତ ।

କୈଶୋର ଆସନ୍ତା ଫେରି ପୁଣି ଥରେ
ବହି ବସ୍ତାନି ମୁଁ ଧରି
ନିଇତି ଆସନ୍ତେ ଜ୍ଞାନର ମନ୍ଦିର
କାବ୍ୟାଙ୍ଗନା ପ୍ରୀତି ପୁରୀ ।

■■■

ସୁବର୍ଣ୍ଣପୁର

# ଗତି କୁଆଡେ ଆମର

ଡକ୍ଟର୍ ମନୋରଞ୍ଜନ ବିଷୋୟୀ





ପାଠପଢ଼ ମାଡ଼ମାର
ଅବା କପିକର
ପାଠ ପରେ ଚାକିରି ଯୋଗାଡ଼
ଅବା ବେକାରି ଭତ୍ତା
ଦାବି ଆମର ।
ସେବା କରିବା ପରି
ବୋହିଯାନ୍ତି ଦେଶର ସେବକ
ବସନ୍ତ ଲୁଟଇ ଗନ୍ଧ
ସୁରଭି ପୁଷ୍ପର
ଆଉ ବାନର ଲୁଟଇ ଭଣ୍ଡାର ।
ପୁଅର ଚାକିରି ପାଇଁ ଲୋଡ଼ା
କେତେ କାଗଜ ହଜାର
ନେତ୍ରୀ ହୁଏ ଅଭିନେତ୍ରୀ ଏଠି
ଯାତ୍ରୀ ହୁଏ ମହାମନ୍ତ୍ରୀ
ଝିଅର ରାଜଯୋଟକକୁ
ଲୋଡ଼ା ଆଇ.ଏ.ଏସ୍. ବର
ଏବଂ ସେହି ଝିଅ ଭ୍ରୁଣ ନଷ୍ଟ ପାଇଁ
ନିରବ ଇସାରା ଦିଏ ଡାକ୍ତର ।
ଶୁଆ ନିତି ଘୋଷେ ରାମନାମ
ବେତାର ବି ଘୋଷେ ଜାତିପ୍ରେମ
ହେଲେ ଶୁଆର ନାଲିଆ ଚଞ୍ଚୁ
ବିପଦର ଜୀବନ୍ତ ସାକ୍ଷର ।

■■■

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭

# ତୁମ ଆଖି ଯେବେ

ଶ୍ରୀମତୀ ବସନ୍ତ କୁମାରୀ ମିଶ୍ର

ତୁମ ଆଖି ଯେବେ ମୋ ଆଖି ସହିତ
ନିରବରେ ହେଲା କଥା
ଲେଖା ହୋଇଗଲା ଜୀବନ ଜାତକେ
ଯେତେକ ଯାତନା ବ୍ୟଥା ।

ନିଜ ଠାରୁ ନିଜେ ଗଲି ମୁଁ ଦୂରେଇ
ପାଲଟିଲା ସାଥୀ ଆଇନାର ଛାଇ
ହରିନେଲା ରାତି ଆଖିରୁ ମୋ ନିଦ
ଛାଇଗଲା ମନେ ବିଷାଦ ବାରିଦ
ବୁଝିଗଲି ମୁଁ ଭଲପାଇବାଟା
କେବଳ ବିରହ ଗୀତା।



ତୁମ ଆଖି ଯେବେ ମୋ ଆଖି ସହିତ
ନିରବରେ ହେଲା କଥା ।

ଲାଗିଲା ସ୍ୱର ମୋ କରୁଣ କରୁଣ
ପାଲଟିଲା ଆଖି ଧାରା ଶିରାବଣ
ହଜିଗଲା କାହିଁ ଭୋକ ସାଥେ ଶୋଷ
ବହିଲା ବୁକୁରେ ହତାଶ ବତାସ
ଜାଣିଗଲି ମୁଁ ପୀରତିର ମାନେ
ଲୁହ ବୋଳା ଗୀତି ଗାଥା
ତୁମ ଆଖି ଯେବେ ମୋ ଆଖି ସହିତ
ନିରବରେ ହେଲା କଥା ।

■■■

ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର
ଫୋନ୍:୮୯୧୭୫୩୮୫୬୧

# ମୁକ୍ତିର କ୍ରାନ୍ତିସ୍ୱର

ମାନଗୋବିନ୍ଦ ବାରିକ





ଶୋଷିତ ମଣିଷ ଜୀବନ ଯନ୍ତ୍ରଣା
ବୁଭୁକ୍ଷାର ଆର୍ତ୍ତନାଦ,
ଭ୍ରଷ୍ଟ ଶାସନର ନଷ୍ଟ ଆଦର୍ଶରେ
କଷଣର ବର୍ଣ୍ଣବୋଧ।
ଅସାମ୍ୟଞ୍ଜସ୍ୟର ପଞ୍ଜୁରୀ ଭିତରେ
କବଳିତ ସାମ୍ୟବାଦ,
ବୈଷମ୍ୟବାଦର ଭଉଁରୀ ଗର୍ଭରୁ
କୁହୁଳୁଛି ପ୍ରତିବାଦ।
ଦୁର୍ନୀତି ନଥିରେ ଅନୀତି ଡୋରରେ
ଶୋଷଣର ଯାଦୁମନ୍ତ୍ର,
ବିକାଶ ନାମରେ ବିନାଶ ଭ୍ରମରେ
ଦିଶାହରା ଗଣତନ୍ତ୍ର।
କ୍ଷମତା ନିଶାର ଅବ୍ୟକ୍ତ ଭାଷାରେ
ମିଥ୍ୟାଚାର କୁହେଳିକା,
ଶୋଣିତ ଲୋଲୁପୀ ଦାନବ-ଦର୍ଶନେ
ପ୍ରଲୋଭିତ ମରୀଚିକା।
ଶାସନ ସଭାରେ ଦୁଷ୍ଟ ଦୁଃଶାସନ
ବିବସନା କରେ କୃଷ୍ଣା,
ସ୍ୱଷ୍ଟ-ଦିବାଲୋକେ ଜାନକୀ ମେଣ୍ଟାଏ
ଧୃଷ୍ଟ-ଦଶାନନ ତୃଷ୍ଣା।

ଅସତ୍ୟର ଭ୍ରାନ୍ତ ତମସା ଗହ୍ୱରେ
ରାହା ପାଉନାହିଁ ସତ୍ୟ,
ମିଥ୍ୟା-ପ୍ରତିଶ୍ରୁତି ପ୍ରତାରଣା ଫାଶୁ
କ୍ରାନ୍ତି ଖୋଜେ ମୁକ୍ତିପଥ।
ମହା ପ୍ରଳୟର ବିଷ-ବଳୟରେ
ସଂତ୍ରାସ ବାଦର ସ୍ୱର,
ମାନବବାଦଟା ଶୃଙ୍ଖଳ ଖୋଳରେ
କରଇ ଆର୍ତ୍ତ ଚିତ୍କାର।
ସୁପ୍ତ-ମାନବର ଗୁପ୍ତ-ଅନ୍ତରରେ
କ୍ରାନ୍ତିକାରୀ ମୁକ୍ତିସ୍ୱର,
ଭ୍ରାନ୍ତି-ଚକ୍ରବ୍ୟୂହ ଭିତରୁ ଗର୍ଜିବ
ମୁକ୍ତିକାମୀ ଅନ୍ତଃସ୍ୱର।
ସୁପ୍ତ-ପ୍ରାଣତଳ ଗୁପ୍ତ-ସ୍ପନ୍ଦନରେ
ବିପ୍ଳବର ଅଗ୍ନିଶିଖା,
ଆଶା-ଉଷାଲୋକ ଅରୁଣ-କିରଣେ
ଆଙ୍କୁ ସମ୍ଭାବନା-ରେଖା।

■■■

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି.ଡି.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨୬୬୬୩୫

# ମୋ ଗାଆଁ

ରଞ୍ଜିତା ତ୍ରିପାଠୀ





ମୋ ଗାଆଁ ଲାଗେ ମୋତେ
　　　　ସବୁଠାରୁ ସୁନ୍ଦର
ମଥାରେ ଥାଏ ଢାଙ୍କି
　　　　ସତେ ନୀଳ ଚାଦର ।
ନୀଳ ଆକାଶ ଦେହେ
　　　　ତାରା ଫୁଲ ଚାନ୍ଦୁଆ
ଝଲମଲ ଦିଶଇ
　　　　ମଧ୍ୟେ ଥାଇ ଚନ୍ଦ୍ରମା ।
ମୋ ଗାଁ ପୋଖରୀ ଜଳେ
　　　　ନୀଳ କଇଁ ଖେଳଇ
ଅପୂର୍ବ ଶୋଭା ଦେଖି
　　　　ନେତ୍ର ମୋର ପୂରଇ ।
ବରଷାରେ ଗାଧାଏ
　　　　ଯେବେ ଗାଆଁର ମାଟି
ଅନୂଢା କିଶୋରୀ ଟେ
　　　　ଠିଆ ମଥାକୁ ପାତି ।
ସବୁଜ ରଙ୍ଗର ପାଟ
　　　　ଲୋହିତ ରଙ୍ଗ ଛିଟ
ଅନନ୍ୟ ସୁନ୍ଦର ଦିଶେ
　　　　ଗାଁର ଗୋହିରୀ ପାଟ ।

■■■

ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ :୮୮୯୫୨ ୬୭୮୧୫

# ସ୍ୱପ୍ନ

ରୀତା ମିଶ୍ର



ସ୍ୱପ୍ନ ସାଗରରେ ମୁକୁତା ସାଉଁଟୁ ସାଉଁଟୁ
କେତେବେଳେ ଯେ ହାତରେ
ଖାଲି ଶାମୁକା ସବୁ ରହିଗଲେ
ଜାଣି ପାରିଲିନିଁ ।
ନିଦ ଭାଙ୍ଗିଗଲା ଆଉ
ସ୍ୱପ୍ନ ସବୁ ହଜିଗଲେ ।



ସ୍ୱପ୍ନ ମୋର ଥିଲା ଅସରନ୍ତି
ଗିରି ଶିଖରକୁ ଛୁଇଁବାର ସ୍ୱପ୍ନ
ସାଗରକୁ ଲଙ୍ଘିବାର ସ୍ୱପ୍ନ
ଆଉ ନୀଳ ଆକାଶ ରେ ଉଡିବାର ସ୍ୱପ୍ନ।
କିନ୍ତୁ ହାୟ !
ସ୍ୱପ୍ନ ସବୁ ଖିନ୍ ଭିନ୍ ହେଇଗଲେ ।
ଆଜି ବସନ୍ତ ରେ ବି ନିଦାଘର ଅନୁଭବ
ଫଗୁଣର ହୋଲିଟା ଲାଗୁଛି ଭାରୀ ବେରଙ୍ଗ
ଆଉ ବର୍ଷାର ରିମ୍ ଝିମ୍ ରାଗିଣୀ ଲାଗୁଛି ବେସୁରା ।

ପ୍ରିୟ ମୋର !
ତୁମେ ଥିଲ ମୋ ସ୍ୱପ୍ନ ର କେନ୍ଦ୍ରବିନ୍ଦୁ
ଆଉ ସ୍ୱପ୍ନ ସବୁ ଘୂରୁଥିଲେ ମୋ ମନର ପରିଧିରେ ।
ତୁମେ ତ ଚାଲିଗଲ ଅଫେରା ପଥରେ
ଆଉ ସ୍ୱପ୍ନ ସବୁ ଚାଲିଗଲେ ତୁମ ସାଥିରେ
ମୋ ମନ ପରିଧି ରୁ ବହୁଦୂରେ
ମୋ ମନ ପରିଧିରୁ ବହୁଦୂରେ ।

■■■

ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମୋ :୮୨୮୦୧୭୦୧୭୯

# କହିବା ସହଜ

ନିକୁଞ୍ଜ କୁମାର ଘୋଷ



ମାଗଣା ଦରବ ସବୁଠି ଆଦର
ଭଲ ହେଉ ଅବା ଭେଲ
ବିଚାରିବା ପାଇଁ ସମୟ ବା କାହିଁ
ସଭିଏଁ କରନ୍ତି ଗେଲ ।।

ଉପଦେଶ ଦେବା ମହତ କରମ
ସଭିଙ୍କୁ ଅଟଇ ଜ୍ଞାତ
ସେହି ଉପଦେଶ ନିଜେ ନ ମାନିଲେ
ହେବ ସିନା ଅପଦସ୍ତ ।।

ପରକୁ ତାଚ୍ଛଲ୍ଯ କରିବା ସହଜ
ଦୋଷ ଦୃବଳତା ଧରି
ନିଜ ଦୋଷ ଧରି ସୁଧାରିବା କଷ୍ଟ
କଥା କହୁ ବଡ କରି ।।

ଚାଲୁଣି ପରିକା ଜନ କୁହେ ଛୁଞ୍ଚି
ତୋର ଅଛି ଗୋଟେ କଣା
ନିଜ କଣା ସବୁ ଭୁଲିଛି ଚାଲୁଣି
ଜାଣି ଶୁଣି ସେ ଅଜଣା ।।

ସଭା ସମିତିରେ ପ୍ରବଚନ ଶୁଭେ
ସମାଜ କଲ୍ୟାଣ ପାଇଁ
ନିଜେ ନ ମାନିଲେ ନୀତିବାଣୀ ସବୁ
ପ୍ରବଚନେ ଲାଭ ନାହିଁ ।।



ଭାଷାର ଅଶୁଦ୍ଧ କେତେ କଷ୍ଟ ଦିଏ
କହିବା ଲୋକ କି ଜାଣେ
ନିଜ ଭାଷା କଷ୍ଟ ସେଦିନ ବୁଝିବ
ଅନ୍ୟଠାରୁ ଯେବେ ଶୁଣେ ।।

କହିବା ସହଜ ବଡିଆମି ପଣେ
ପରକୁ ହେଜିଣ ତୁଚ୍ଛ
ଶ୍ରେଷ୍ଠ ଜୀବେ ନର ସାର୍ଥକ ଜନମେ
କରିଯାଅ କର୍ମ ସ୍ୱଚ୍ଛ ।।

■■■

ମାଧବପୁର, ଜଳେଶ୍ୱର - ୭୫୬୦୩୨
ମୋ - ୮୧୪୪୮୫୧୦୪୫

# ରାମ ଓ ରାବଣ

ଧର୍ମ କୁମାର ଶତପଥୀ





ରାମ ଓ ରାବଣ ଉଭୟେ ଜ୍ଞାନୀ,
ପ୍ରଭେଦ କେବଳ ଏତିକି ପୁଣି,
ରାବଣ ଯେ ଦୃଢ଼ ଅଭିମାନିନୀ,
ଗର୍ବେ ଦମ୍ଭେ ତାକୁ କେ ପାରେ ଜିଣି ।

ଅହଙ୍କାରର ଜ୍ଞାନ- ଗାରିମା ଯେତେ,
ମଣିଷକୁ ଯାହା ଅଚିରେ ନାଶେ,
ସେ ଗୁଣଟି ଥିଲା ରାମ ନିକଟେ,
ସେ ହିଁ ବିଜୟୀ ହୋଇଲେ ଶେଷେ ।

ଜ୍ଞାନ - ଅହଙ୍କାର ଧରିକି ମନେ,
ଦୃଢ଼- ଦମ୍ଭେ ଘୋଷେ ଦଶ - ଆନନେ,
ବିନୟ ଦୟା କ୍ଷମା ଆଦି ଯେତେ,
ନ ଥିଲା ବୋଲି ସେ ଘୃଣ୍ୟ ଜଗତେ ।

ଏଣୁ ହେ ସଜ୍ଜନ ଭାଇ ଭଉଣୀ,
"ମୁଁ "କାରକୁ କେବେ ମନେ ନ ଘେନି,
ନିରଳସେ କର୍ମ ସମ୍ପାଦି ଯାଅ,
କାଳ କାଳକୁ ଅଜସ୍ର ଯଶ ପାଅ ।

■■■

ପ୍ରଧାନ ଶିକ୍ଷକ,
ଆର୍. ଇ. ହାଇସ୍କୁଲ, ପଦମ୍ପୁର, ବରଗଡ଼

# କାଚ ଘରର ସେ କାକର ଟୋପା

ସ୍ନିଗ୍ଧା ଜି. ମହାପାତ୍ର





ସଂଭ୍ରମତାର ଲୌହ  ପାଚେରୀ ଡେଇଁ
ସେ କ'ଣ  ତା ଶବ୍ଦ  ମଧ୍ୟ ଟୋପେନା...
କିନ୍ତୁ ତୁମ ଝକମକି  ଶବ୍ଦ ପ୍ରସ୍ତର ଖଣ୍ଡରେ
ତା ଅଜାଣତରେ ହୋଇଥିଲା ଆନମନା...
ହୃଦୟ ଥିଲା ତା ମାନବିକତାର ସାଗର,
ସଭିଙ୍କ ଦୁଃଖ ସୁଖକୁ ଭାବୁଥିଲା ତା ନିଜର...
ଏଣୁ ତୁମ କ୍ଷତରେ ମଲମ  ସାଜୁଥିଲା
ସମବେଦନାରେ ଝରୁଥିବା ଶବ୍ଦନୀର...
ଅନାୟାସରେ ତା ସରଳ ହୃଦୟରେ
ଗଢିଥିଲ  ସିନା ଅନୁରାଗର ପ୍ରସାଦ...
ସଂଭ୍ରମ ମନେ ଅନୁଭବୁ ନ ଥିଲା ଆହ୍ଲାଦ...
ଅନାସକ୍ତ ହୃଦୟେ ଗଢ଼ାହୁଏ
କେବଳ  କାଚଘର...
ଆକାଶେ ଉଚ୍ଚ ହେଲେ ବି
ଶୂନ୍ୟରେ ମିଳାଇଲା ସଦ୍ଧର...
ଶବ୍ଦ ଅରଣ୍ୟାନିର ସେ ଅରୁଣିମା...
ହୋଇ ପାରେନା କେବେ
ହୃଦୟର ଲାଲିମା ...
କାଚଘରର ସେ କାକରଟୋପା...
ଅରୁଣ ଆଖିରେ ହୁଏ ସେ ଲିପା...

■■■

ବାରିପଦା
ମୋ : ୯୪୩୭୭୧୫୭୨୧

# ମୁହୂର୍ତ୍ତ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ସୀମାହୀନ ସମୟରେ
ଅସମୟ ମୁହୂର୍ତ୍ତ
ମିଳେଇ ଦିଏ
ଜୀବନର ହସଖୁସି
ଯେମିତି –
ପୂର୍ଣ୍ଣିମାରେ ଅମାବାସ୍ୟା
ହର୍ଷ ଉଲ୍ଲାସର
ବିପରୀତ ଯେମିତି
ବିଷାଦ ଓ ଅବସାଦ,
ଖାଲି ମନସ୍ତାପ
ଅନେକ ପ୍ରଶ୍ନବାଚୀର ପାଚେରୀ,
ବଞ୍ଚିବାର ଜିଇଁବାର
ସଂଗ୍ରାମ ଭିତରେ ପ୍ରତିଟି ମୁହୂର୍ତ୍ତ
ସତେକି ଅସହାୟ
କଠିଣରୁ କଠିଣତର ହୋଇଯାଏ ।
ପାଲଟେ ଯେପରି ଶିଳାଟିଏ
ବନ୍ଧୁର ଓ ନିଷ୍ଠୁର...
ସିନ୍ଦୁର, ଫୁଲ ଚନ୍ଦନ
ଧୂପକାଠି ଜଳି ଜଳି
ଲିଭିଯାଏ, ପୁଣି
ପାଉଁଶ ମୁଠାରେ ଭାସିଯାଏ
ଉଜାଣୀ ସ୍ରୋତରେ, ଅବା
ମିଶିଯାଏ ମାଟିରେ ମାଟିରେ
ଅସଜଡ଼ା ଜୀବନର
ପ୍ରତିଟି ମୁହୂର୍ତ୍ତ ।



■■■

ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୭୫୮୮୨୭୫୫୨

# ସହଯୋଗ

**ଯଜ୍ଞଦତ୍ତ ସାମନ୍ତରାୟ**





ସମୟ
ପଦବୀ
ସଂପତ୍ତି
ଆଉ
ଶରୀର
ସହଯୋଗ କରୁ
ବା ନ କରୁ
ଉତ୍ତମ ସ୍ୱଭାବ
ବୁଝିବା ଶକ୍ତି
ଆଉ
ସତ୍ ସଂପର୍କ
ସବୁବେଳେ ମଣିଷକୁ
ସହଯୋଗ କରିଥାଏ ।

■■■

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ନୀଳ ପରୀ

ଶୁଭଶ୍ରୀ ସିଂ



ନୀଳ ଆକାଶରେ ନୀଳ ଦରିଆରେ
ନୀଳ ବୋଇତରେ
ନୀଳ ପକ୍ଷୀଟିଏ ଝୁଲୁ ଥାଉ ତୁହି
କୁନି ପକ୍ଷ ତୁ ମେଲେଇ
ଦୁଇ ପକ୍ଷ ତୋର ଦୁଇ ଆହୁଲା ଲୋ
ଉପରୁ ତଳ ହୁଅଇ
ଲାଗେ ସତେ ଅବା ତୁ ନୀଳ ପରୀଟିଏ
ବିରାଟ ସାମ୍ରାଜ୍ୟ ତୋର
ତୋ ସାମ୍ରାଜ୍ୟେ ତୁ ଏକା ରାଣୀ ଲୋ
ତୋ ସରି ଆନ ନାହିଁ କେହି
ନୀଳ ପରବତ କାହିଁ କେତେ ଦୂର
ଘୁଞ୍ଚି ଘୁଞ୍ଚି ଲମ୍ବି ଥାଏ
କେତେ ଦୀର୍ଘପଥ ଆଖି ପାଉ ନାହିଁ
କେମିତି ତୁ ଆସିଥାଉ
ନ ଥାଏ ତୋର କାହାକୁବା ଡର
ଏ ବିଶ୍ୱ ତୋ ଆପଣାର
ଉଡୁ ଥାଉ ତୁ ମାଟିର ଉଚ୍ଚରେ
ଆକାଶ ତୋହର ଛାତ
ସାରା ଜଗତ ତୋ ଘର ଅଗଣା ଲୋ
ଉଲ୍ଲାସେ ତୁ ବୁଲୁ ଥାଉ
ନ କରନ୍ତି ତତେ କେହି କେବେ ଆକଟ
ନ ଥାଏ ନୀତି ନିର୍ଘଣ୍ଟ
ସୂର୍ଯ୍ୟ ତୋର ଦିନ ଚନ୍ଦ୍ର ତୋର ରାତ୍ରି
ସାଥି ତୋର ତାରା ମାନେ
ଜଗତର ପିତା ତୋର ବିଧାତା
ତୋତେ ପାଳୁଥାନ୍ତି ନିତି
ତାଙ୍କ ପାଦପଦ୍ମେ ଧ୍ୟାନ ରଖିଥିଲେ
ଭଲରେ ଦିନ ଯିବ ବିତି।



■■■

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ହାତ୍
**(କୋଶଲି)**

**ନୀରଜ ଦାଶ ଶର୍ମା**



ଜିବନ୍‌ର ବେଲବୁଡ଼ାକେ
ହାତ୍‌ଟେ ତ ଅଛେ
ମୋର୍ ପାଶେଁ ।
ସର୍‌ଲି ଯାଉ ଜିବନ୍‌ଟା
ସର୍‌ଲା ପଥର୍ ବାଗିର୍
ସଂଭ୍‌ଲାବାର୍ କେ
ମୋର୍ ଗୋଡ଼୍ କେ
ଖସ୍‌ରି ଗଲେଁ ।
ଗଲା ଆଏଲା ବେଲ୍ କେ
ପାହା ଝୁଁଟ୍‌ସି
ଖୁରେଇ ହେସି
ହେଟା ବି ତ ଜୀବନର୍ ଅଙ୍ଗୀକାର୍
ଆଏ
ଦୁଃଖ୍ ଭିତ୍‌ରେଁ
କାନ୍ଦି ଭିତ୍‌ରେଁ
ହଁସିର୍ ଉଜୁଗ୍‌ଟେ ବି ଥାଉ
କା'ର୍ ଲାଗି ଆର୍ ଯେ ?
ସରି ସରି ଆସୁଥିବାର୍
ଜୀବନର୍ ଗାର୍ ଭିତ୍‌ରେଁ
ହାତ୍ ଟେ ହାତ୍ ଭିତ୍‌ରେଁ ଥାଉ ।।



■■■

ହରିପୁର କଲାଁ, ମହିମାନନ୍ଦ ଆଶ୍ରମ ପାଖ,
ହରିଦ୍ୱାର, ଉତ୍ତରାଖଣ୍ଡ,
ମୋ-୭୦୦୮୭ ୫୮୯୯୬


# ଜୀବନ

ଶ୍ରୀମତୀ ଶୁଭ୍ରା ନନ୍ଦ



ଜୀବନଟା ଲାଗେ ବେଳକୁବେଳଅନ୍ତର
ଅଧ୍ୟାୟ ସେ ସମୟ ସହ ଗତିର
କେତେ ଯେ ନାଟକଏଠି ହୁଏ ଦୃଶ୍ୟାନ୍ତର
କିନ୍ତୁ ମଣିଷ ଯେ ନିର୍ବିକାର
ସତେଯେମିତି ମୂକ ଓ ବଧିର
ସବୁ ଦେଖିନଦେଖିଲାଭଳି
ଚାଲିଛି ଅଭିନୟ ମଞ୍ଚ ର
କେତେ ରଂଗ ଭିନ୍ନ ଅବତାର ର
ଅନେକ ରୂପ ଦେଖାଏ ପ୍ରତାରଣାର
ଇଏତ ଛଳନା ଖାଲି ମିଛେ ବଞ୍ଚିବାର
ଭୁଲିତ ଯାଇଛୁ ଆମେ
ମୃତ୍ୟୁ ପରା ଆଗାମୀ କାଲିର
ଆମ ମନରେ ଚାଲିଛି କିଛିଆଶାପ୍ରତ୍ୟାଶାର
କିଛି ପ୍ରାପ୍ତି କିଛି ଅପ୍ରାପ୍ତି ର
ସବୁକିଛି ଦିଆନିଆ ବିଶ୍ବାସ ଅବିଶ୍ବାସର
ଏମିତି ଧାଇଁଛି ଜୀବନ ଆମର
ବଦଳି ଯାଆନ୍ତାକି ଏ ସୃଷ୍ଟି ପାରାବାର
ବିରାଜମାନ ହୁଅନ୍ତା ରାମରାଜ୍ୟ ର
ଝରନ୍ତା ଅମୃତଝର ସତ୍ୟଶାନ୍ତିପ୍ରିତୀର
ଗତିର ମୁକ୍ତିର ପୁଣି ସଂପୂର୍ଣ୍ଣ ଇତି ର ।।

■■■



ପ୍ଲଟ ନଂ – ୧୯୪, କପିଳପ୍ରସାଦ,ଭୁବନେଶ୍ୱର

# ଧାର୍ମିକ ଭାବନା ହେମନ୍ତ

ପୁଷ୍ପଲତା ମିଶ୍ର



ସଜ ବାଜ ହୋଇ ଆସୁଛି ହେମନ୍ତ
ଶରତ ଚାଲି ଯାଉଛି,
ମହା ଭକତି ରେ ଧରମ ମାସ କୁ
ତା ସାଥେ ଡାକି ଆଣିଛି ।।

ସଂଜ ନଇ ଗଲେ ଶିଶିର ଖସଇ
ଥଣ୍ଡା ଆସେ ଧୀରେ ଧୀରେ,
ପ୍ରଭାତ ରେ ପଡେ ଗଛ ପତର ରେ
ବିନ୍ଦୁ ବିନ୍ଦୁ କାକର ରେ ।।

କାର୍ତ୍ତିକ ମାସରେ ବଡ଼ି ସକାଳ ରୁ
ହବିଷ୍ୟାଳି ମାନେ ଉଠି,
ଦେବା ଦେବୀ ପିଠେ ଯାଆନ୍ତି ସଅଳେ
ପୂଜନ୍ତି ମିଶି ଏକାଠି ।।

ପ୍ରଭାତ ମଙ୍ଗଳ ଆଳତୀ ଦର୍ଶନ
ପୂଜନ୍ତି ସେ ବୃନ୍ଦାବତୀ,
ମୁରୁଜ ପକାଇ ଚଉରା ମୂଳରେ
ଧର୍ମ ଭାବନା କୁ ଚିନ୍ତି ।।

ହେମନ୍ତ ଋତୁ ରେ ଆସେ ଦୀପାବଳି
ହୁଏ କାଳୀ ଙ୍କ ର ପୂଜା,
ଗାଁଆ ରୁ ସହର ଆଲୋକ ର ପର୍ବ
ହେଉଥାଏ ସବୁ ସଜା।।

କାଉରିଆ କାଠି ଜଳାଇଣ ସର୍ବେ
ପିଣ୍ଡ କୁ ସେ ବାଢିଥାନ୍ତି,
ଅନ୍ଧାର ରେ ଆସ ଆଲୁଅ ରେ ଯାଅ
ବଡବଡୁଆ ଡାକନ୍ତି ।।



ଚଉରା ସଜାଇ ମୁରୁଜ ପକାଇ
ଆକାଶ ଦୀପ ଟେକନ୍ତି,
ହରିବୋଲ ଆଉ ହୁଳହୁଳି ମଧ୍ୟେ
ବୃନ୍ଦାବତୀ ଙ୍କୁ ପୂଜନ୍ତି ।।

ସୁଦ୍ଧ ପୂତ ଭାବେ ଶାକାହାରୀ କରି
ରାଇ ଦାମୋଦର ପୂଜି
ମହା କାର୍ତ୍ତିକ ରେ ପଞ୍ଚକ ବ୍ରତ କୁ
ଭକ୍ତି ଭରେ ପାଳି ଥାନ୍ତି ।।

ଅତି ପବିତ୍ର ରେ ହେମନ୍ତ ଋତୁ ଟି
ଧାର୍ମିକ ଭାବନା ଦେଇ,
ହେମନ୍ତ ର ଶେଷେ ମଗୁଶିର ଆସେ
ଲକ୍ଷ୍ମୀ ଙ୍କ ପୂଜା କୁ ନେଇ ।।

ସୁଦ୍ଧ ପୂତ ଭାବେ ଶାକାହାରୀ କରି
ରାଇ ଦାମୋଦର ପୂଜି,
ମହା କାର୍ତ୍ତିକ ରେ ପଞ୍ଚକ ବ୍ରତ କୁ
ଭକ୍ତି ଭରେ ପାଳି ଥାନ୍ତି ।।

ଅତି ପବିତ୍ର ରେ ହେମନ୍ତ ଋତୁ ଟି
ଧାର୍ମିକ ଭାବନା ଦେଇ,
ହେମନ୍ତ ର ଶେଷେ ମଗୁଶିର ଆସେ
ଲକ୍ଷ୍ମୀ ଙ୍କ ପୂଜା କୁ ନେଇ ।।

■■■

ଭୁବନେଶ୍ୱର
ମୋ- ୯୩୩୮ ୨ ୯୪୬୫୭

# ତଉଲୁ ଥାଏ

ନିହାରିକା ରାୟ ବରାଳ



ଯେତେବେଳେ ମୁଁ ତୋ ଭଲ ପାଇବାର ଅଗଣାରେ ବୁଣିହେଇ ଯାଏ
ତୁ ଖୁଣ୍ଟିନେଉ  ଆପଣାପଣରେ
ଯେବେ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ ମୋ ଅଧାଗଢ଼ା ସ୍ୱପ୍ନ ର ଇମାରତ
ତୁ ଯୋଡିଚାଲୁ କେତେ ସହଜ ରେ ତ
ଅତୀତର ସ୍ମୃତି ଚାରଣରେ
ପବନରେ ଉଡିଯାଉଥିବା ସାତସିଆଁ ଖୁସିକୁ
ତୋ' ଆତ୍ମୀୟତାର ଲଟେଇରେ
ନେଇ ଆସୁ ହାତ ପାଆନ୍ତା କୁ... ।



କେବେ ଯନ୍ତ୍ରଣାରେ ଜର୍ଜରିତ ହୃଦୟ
ଅଚାନକ ବନ୍ଦ ହେଇଗଲାପରି  ଲାଗେ
କାହାର ବିଶ୍ୱାସଘାତକତା କି  ବିମୁଖତାରେ
ତୁ ଫଗୁଣର ମଳୟପରି
ଛୁଇଁଯାଉ ମୋ କପାଳ, ଗ୍ରୀବା
ଛୁଇଁଯାଉ ଉଦବେଳିତ ସ୍ନାୟୁ  ଅବୟବ
ମୁଁ ଫେରି ଆସେ ମୋ ଅଭାବିତ ବର୍ତ୍ତମାନରୁ
ସମୟ କୁ ଚୁମାଖାଇବା ବେଳେ
ଭୁଲିଯାଏ କ୍ଷତର ଗଭୀରତା  କି ସମ୍ଭାବିତ ଆର୍ତ୍ତନାଦର ଇତିକଥା ।

ମୁଁ ଦରାଣ୍ଡୁ ଥାଏ
କାହିଁ କେଉଁକାଳୁ ବନ୍ଦ ଥିବା
ସମ୍ପର୍କର ପେଡି ପୁଟୁଳା
ସାତତାଳ ପାଣି ତଳେ  ଦିକି ଦିକି ଜଳୁଥିବା
ପଗଦଣ୍ଡିର ଅଲିଭା ଦୀପ
କେବେ ତୋ ଖିଆଲି ଭାବନା ସବୁ
ଫର୍ଚ୍ଚା ଜହ୍ନ ରାତିପରି  ଆବୋରି ଥା'ନ୍ତି
ମୋ ପଳାତକ ଇଚ୍ଛାମାନଙ୍କୁ
ପ୍ରତିଟି ମୁହୂର୍ତ୍ତ
ମୁଁ ଅନ୍ୟମନସ୍କତାର ତାରାଜୁ ରେ ତଉଲୁ ଥାଏ ତୋତେ ।
ତୋ ଭଲପାଇବାକୁ, ସେତେବେଳ
କା'ମାନେ ଦିଶୁଥାନ୍ତି ନିହାତି କାକୁସ୍ଥ ।

ଅନୁରାଗ, ବି-୧୦, ପ୍ରତିଭା ଏନ୍‌କ୍ଲେଭ୍ ,
ବିଜେବି ନଗର, ଭୁବନେଶ୍ୱର-୧୪

■■■

# ପ୍ରେମ ଅମୃତ

**ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ**



ପ୍ରେମ ଅମୃତକୁ     ଚାଖିହୁଏନାହିଁ
       ଦେଖେଇ ବି ହୁଏ ନାହିଁ
ଅନୁଭବୀ ଯିଏ      ଅନୁଭବେ ସିଏ
       ଅନୁଭବ କହିହୁଏ ନାହିଁ ।

ଅନୁରୋଧ କରି     ପ୍ରେମ ଯେବେ କରି
       ଅନୁଧାବନ କି କରି ପାରେ
ଅଜ୍ଞାନତା ଥାଏ     ମିଥ୍ୟାଚାର ସିଏ
       ସହଜେ କି ପ୍ରେମ ହୋଇ ପାରେ
?



ନ ଛୁଇଁ, ନ କରି      ନପାଇ କିଛି ବି
       ପ୍ରେମ କେବେ ହୋଇ ଯାଏ
ଦୁଇ ନୟନର        ମିଳନ ହୋଇ ବି
       ହୃଦୟ ମିଳନ ହୁଏ ।

ସେଇଥିରେ ଥାଏ     ସେଇ ଚିର ହୁଏ
       ସେଇ ଭାବ ହୁଏ ପ୍ରେମ
ଅମୃତ ସମାନ     ସେ ପ୍ରେମ ମହାନ
       ଦୁଇ ଅନ୍ତର ସମାନ ।

■■■

ଭୁବନେଶ୍ୱର



# ଘର

ଜାହ୍ନବୀ ଚୌଧୁରୀ



ଆସ ଏଇଠି ବସ
ଘର ତ ଆମର
କିଏ କେଉଁଠି ?
ଏକାଠି ହୁଅ !

କାହାକୁ କିଆଁ କହିବି
ଏ ଘର ତୁମର ?
ସବୁ ଦୁଆର ତ ଆମର !

ଏତିକିରେ ଏତେ ଦୂର ?
ନ ପଚାର ଏବେ
ରକ୍ତ ତ ମୋର
ଏତେ ଡର କ'ଣ ?

ପଦିଏ ମିଠା କଥାରେ
ଯୋଡିହୁଏ ପରିବାର
ହାତ ସହ ହାତ
କାନ୍ଧ ସହ କାନ୍ଧ ମିଶାଅ !

ବାଜୁଥାଉ ବିଶ୍ୱାସର ଯୋଡି ନାଗରା
ସାରା ସଂସାର ହସିଉଠୁ
ସମାପ୍ତ ସବୁ ସମାପ୍ତ ହେଉ
ଯେତେସବୁ କଳି ଝଗଡ଼ା !

ପରସ୍ତ ପରସ୍ତ ହୋଇ
ଚାରିଆଡଟା ଦିଶୁଥାଉ ଆପଣା !!

■■■

ଭୁବନେଶ୍ୱର
ମୋ :୯୪୩୮୧୮୪୭୯୫

# ସ୍ୱାଗତମ୍ ରାଷ୍ଟ୍ରପତି

ବିନୋଦିନୀ ଗଉଡ଼



ମହାମହିମଙ୍କ ପୁରୀ ଆଗମନ
ଆମ ପାଇଁ କେଡ଼େ ସୌଭାଗ୍ୟର ଦିନ।

ବାଇଶି ମସିହା ନଭେମ୍ବର ଦଶ
ଲେଖା ହେଲା ଏକ ନୂଆ ଇତିହାସ ।



ବଳଗଣ୍ଡିଛକ ଠାରୁ ସିଂହଦ୍ୱାର
ପଦଯାତ୍ରା କରି ହେଉଥିଲେ ତୋଷ।

ରାସ୍ତା ଦୁଇକଡେ ଶହଶହ ଲୋକ
'ଜୟ ଜଗନ୍ନାଥ'  ଶୁଭୁଥିଲା ଡାକ ।

ହାତ ଟେକିଥିଲେ ଦେଖି ନୀଳଚକ୍ର
ହାତ ଯୋଡୁଥିଲେ ଭେଟି ପ୍ରଶଂସକ ।

ଉତ୍କଳର ରାଜା ଜଗତର ନାଥ
ତାଙ୍କରି ସନ୍ତାନ ଆଜି ରାଷ୍ଟ୍ର ମୁଖ୍ୟ ।

ରାଜା,ରାଣୀ ସଙ୍ଗେ ଅବଢ଼ା ସେବନ
ପ୍ରଭୁ କୃପା ପାଇ ଆନନ୍ଦେ ମଗନ ।

ବିଦ୍ୟାଳୟ ଯାଇ ସ୍ମୃତି ସାଉଁଟିଲ
ଛାତ୍ରଛାତ୍ରୀ ସଙ୍ଗେ ଆଳାପ ରଚିଲ ।

ସରଳ, ସୁନ୍ଦର ଭାରି ଅମାୟିକ
ଆମ ରାଷ୍ଟ୍ରପତି, ଆମର ଗୌରବ ।

ଏଗାର ତାରିଖ, ଦିଲ୍ଲୀକୁ ପ୍ରସ୍ଥାନ
ସ୍ମୃତି ଭରା ହେଲା ଏଇ ଦୁଇ ଦିନ ।

■■■

କ୍ୱାଟର୍ ନଂ – ଉ୧-୧ / ୧
ନିଉ୍ ଗଭର୍ନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର୍
ଫୋନ୍ ନଂ – ୯୪୩୭୩ ୩୭୯୫୫

ଇ-ପତ୍ରିକା
୦୧ ଡିସେମ୍ବର ୨୦୨୨

# ସ୍ପର୍ଶ

ସୁଷମା ଦାଶ



ଯୁଗ ଯୁଗର ଯନ୍ତ୍ରଣାକୁ
ଛାତିରେ ଚାପି ଧରି ମୁଁ ତ
ଜନ୍ମରୁ ପଥର
ମୋତେ ସ୍ପର୍ଶ ଦେଇ
ଏବେ ତୁମେ ଆଉ କୋଉ
ନୂଆ ଜନ୍ମ ଦେବ ରାମଚନ୍ଦ୍ର?
ବରଂ ଖୁବ୍ ଭଲ ପଥର ପାଲଟି
ଗହନ ନିଦରେ ସମୟ କାଟୁଛି ମୁଁ......
ପଥରରୁ ନାରୀ କରି
ତୁମ ଦୟା ର ଦୟନୀୟତାକୁ ମହନୀୟତା
କହି ଡିଣ୍ଡିମ ପିଟନା ଠାକୁରେ !
ପାରୁତ ଯଦି ମୋ ଉପରେ
ଲଦି ଦିଆ ଯାଇଥିବା ଅନ୍ୟାୟ,
ଅବିଚାର,ଅତ୍ୟାଚାରର ବୋଝକୁ
ମୋ ଉପରୁ ଉଠାଇ ନିଅ।
ଉଠାଇ ନିଅ ତୁମେ ଜାରୀ କରିଥବା
ଫତ୍‌ଓ୍ୱା ଓକଟକଣା।
ଅନ୍ତତଃ ବଞ୍ଚିବାକୁ ଦିଅ ମୋତେ
ମୋ ଜୀବନ-ମୋ ଆପଣା ଢ଼ଙ୍ଗରେ
ନାରୀଟିଏ ବୋଲି ଜନ୍ମରୁ ମୋତେ ଆଉ
ପଣବନ୍ଦୀ କରି ରଖନା।
ଫେରାଇ ଦିଅ ମୋତେ ମୋର
**ସ୍ୱାଧିକାର,ସ୍ୱାଭିମାନ,ସ୍ୱାଧୀନତା**
ବିମୁକ୍ତ ଜୀବନ।
ସାମାଜିକ ପାବନ୍ଧି ଛଳରେ
ମୋ ପ୍ରଗତିର ପ୍ରତିବନ୍ଧକ ସାଜନା।
ସମ୍ଭବ ହେଲେ ନିଜ ପାଶବିକତା ଓ କାମୁକ ପ୍ରବୃତ୍ତି
ଉପରେ ଅଙ୍କୁଶ ଲଗାଅ
ଅକ୍ତିଆର କର ନିଜର ଅବିବେକୀ ବିଚାରଧାରାକୁ।
ସାଜନା ତୁମେ ଭକ୍ଷକ-ରକ୍ଷକ
ଶାସକ-ଶୋଷକ।
ବାରମ୍ବାର ତୁମ କଲା କର୍ମର ଦଣ୍ଡ ଭୋଗିବାକୁ
ମୋତେ ବାଧ୍ୟ କରନା।



ପ୍ରତିବାଦ କରିବାର ମୋର ସମସ୍ତ ଶକ୍ତିକୁ
ସଙ୍କୁଚିତ କରି ଦିଅନା
ନଷ୍ଟ କରିଦିଅନା ମୋ ଭିତରେ ଥିବା
ଜଗତ କଲ୍ୟାଣୀ ଚେତନା।
ମୁଁତ ନାରୀ-ନାରାୟଣୀ।
ଭାବନା ହାରିଯିବାର ଭୟରେ ମୁଁ
ଆତ୍ମହତ୍ୟା କରିବି କିମ୍ବା
ପାଲଟିବି ନିଆଁଝୁଲଟିଏ।
ଏମିତିରେ **ବିଶ୍ୱ** କଲ୍ୟାଣ ଚିନ୍ତାରେ
ମୁକ୍ତିକାମୀ ମନ ମୋର
ଅହରହ ସାଧନାରତ
ଏକନିଷ୍ଠ ଏକଲବ୍ୟ ପରି।
ଏ ସଂଗ୍ରାମ ଅବିରତ ଚାଲିବ,
ଚାଲିବ ନାରୀମୁକ୍ତି ପାଇଁ...
ମୋ ପରେ ବି ଅବ୍ୟାହତ ରହିବ ନିଶ୍ଚୟ।
ତେବେ କି ପାଇଁ ତୁମେ ହେ
ମର୍ଯ୍ୟାଦା ପୁରୁଷୋତ୍ତମ!
ଶ୍ରୀରାମ,ଶ୍ରୀରାମ ।

■■■

ଭୁବନେଶ୍ୱର
ମୋ : ୯୪୩୯୮୦୧୧୨୬

# ତୁମେ ନ ଥିବା ବେଳେ

ପଦ୍ମାଳୟା ସାମଲ





ତୁମେ ନଥିବାବେଳେ
ଆକାଶରେ ଉଏଁ ସୂର୍ଯ୍ୟ, ଚନ୍ଦ୍ର, ତାରା
ପବନ ଖେଳୁଥାଏ ଦୋଳି ସବୁଜ କ୍ଷେତରେ
ବାଦଲ ଚାଲେ, ବର୍ଷା ଝରେ
ସବୁଦିନେ ସକାଳ ସଞ୍ଜ ଆସେ
ଆଖି ପାଇଲା ଯାଏ ରାସ୍ତା ଲମ୍ବିଥାଏ
କିଛି ବଦଳେନା
ତମେ ଥିବା ନଥିବା ଫରକ ପଡ଼େନା ।

ତମେ ନଥିବାବେଳେ ଅନେକ କଥା ଘଟେ
ଭାତ ଯାଉ ହୁଏ, କ୍ଷୀର ହାଣ୍ଡି ପୋଡ଼ିଯାଏ ଉହକ ନିଆଁରେ
ଭୁଲିଯାଇଥିବା କଥା ମନେପଡେ
ତୁମ ସହ ବିତିଥିବା ଦିନ, ମାନ ଅଭିମାନ
ସଞ୍ଜ ଗଡି ରାତି ହୁଏ
ଗଛରୁ ପତ୍ର, ଡେମ୍ଫରୁ ଫୁଲ ଝଡ଼ିପଡ଼େ
ତାରାସବୁ ପୋଖରୀରେ ଭାସେ
ବେଳେବେଳେ ଦୂରରୁ ଚିହ୍ନା ଚିହ୍ନା ସ୍ୱର ଶୁଭୁଥାଏ ।

ତୁମେ ନଥିବାବେଳେ ଗଣିଚାଲେ
ଆକାଶରେ ଉଡୁଥିବା ଚଢେଇଙ୍କ ଡେଣା
ସମୁଦ୍ରରେ ଖେଳୁଥିବା ମାଛଙ୍କ ଠିକଣା
ଆକାଶକୁ ଚାହିଁ ଅପଲକ, ନିର୍ଲିପ୍ତ
ଏକୁଟିଆ ବସିଥାଏ ଛାତ ଉପରେ
କେବେ କେବେ ତ ପାଖ ପାର୍କରେ
କଅଁଳ ଘାସ ଆଉ ଫୁଲଙ୍କ ମେଳରେ ।
ଜହ୍ନ ଆଉ ଭସା ମେଘ ସଙ୍ଗେ ମତୁଆଲା ହୋଇ
ଶବ୍ଦକୁ ସାଙ୍ଗରେ ଧରି
ମଗ୍ନ ହୋଇଛି ମୁଁ କବିତା ଲେଖାରେ ।

ତୁମେ ନଥିବାବେଳେ
ସବୁଦିନ ପରି
ରଙ୍ଗତୂଳୀରେ କୁଟୀକମ କରି
ଏ ସୁନ୍ଦର ପୃଥିବୀ ଓ ଜୀବନର ମାଧୁର୍ଯ୍ୟକୁ
କୋଳାହଳ, କଳରବକୁ
ଅହରହ ଅଙ୍କିବାର  କରିଛି ପ୍ରୟାସ ।

■■■

ଭୁବନେଶ୍ୱର

# ହୃଦୟ ଗୋପପୁର

ବିଜୟଲକ୍ଷ୍ମୀ ପଟ୍ଟନାୟକ





ହୃଦୟ ଗୋପପୁରେ ତୁମେ ମୋ ଶ୍ୟାମଘନ
ତୁମ ଚପଳ ଛନ୍ଦ ଛନ୍ଦେ ସବୁ ପ୍ରାଣ
ଛନ୍ଦା ଚରଣରେ ସମର୍ପିଛି ଜୀବନ
ଗୋପଦାଣ୍ଡେ ଝୁରୁଛି ଖୋଜୁଛି ପ୍ରାଣଘନ ।

ଛାଡି ଯିବା ଦିନୁରୁ ବାନ୍ଧି ନାହିଁ କବରୀ
ପିନ୍ଧିନି ନୀଳଶାଢୀ ରଖିଛି ଯତ୍ନକରି
ମୁଣ୍ଡରେ ଖୋସିନାହିଁ ନୀଳ ଅପରାଜିତା
କୁଞ୍ଜବନେ ବସି ବଂଶୀ ଶୁଣୁଛି ତା ।

ଜୀବନେ ଥରେ ଯଦି କୃଷ୍ଣ ମିଳିଗଲେ
ଗୋଗୋଷ୍ଠ ଧୂଳି ସଦା ମଥାରେ ବୋଳିଯାଏ
ହୃଦେ ବସା ଚିହ୍ନ ଆଙ୍କି ଦିଏ କିଏ
ହାତେ କଳସୀ ଧରି ଜଳେ ମୁଁ ଭାସୁଥାଏ ।

ପଞ୍ଚଭୂତ ଆଗେ ଓଁକାର ଧ୍ୱନି ଠାରୁ
ଅନ୍ଧକାର ଚିରି କାରା କୋଠରି ଖୋଲି
ଉଛୁଳା ଯମୁନାକୁ ବିଭକ୍ତ କରି କରି
ସର୍ପ ଫଣା ତଳେ ଆସିଛ ଗିରିଧାରୀ ।

ସେ ଜଳ ଲାଗେନାହିଁ ଦେହରେ
ଟିକେହେଲେ
ମନର ଅଳିନ୍ଦରେ କେହିତ ଘୁରିବୁଲେ
ମୁହୂର୍ତ୍ତେ ଯାଏ ନାହିଁ ସେ ମୋଠୁ ଦୂରହୋଇ
ସର୍ବଦା ରାସ ରଚେ ହୃଦ ମଧ୍ୟରେ ଥାଇ ।

ମନ ତ ଲାଗେ ନାହିଁ ତେଲଲୁଣ ସଂସାରେ
ସ୍ବାମୀ ପୁତ୍ରଙ୍କ ମାୟା ଥାଏ ଯେ
କେତେଦୂରେ
ମୋ ଚତୁର୍ଦ୍ଦିଗେ ଥାଏ ସଘନ ମେଘ ପରି
ବରଷି ଯିବ ଅବା ପ୍ରେମପ୍ରଣୟ ଧରି ।

ମାନବ ଜନ୍ମ ଅବା ସାର୍ଥକ ହେବ ମୋର
ସରିଯିବକି ମୋର ମାନବର ଶରୀର
ମୁକତି ଲଭିବକି ଅମୃତ ଲଭି ନର
ଛନ୍ଦା ଚରଣରେ ପ୍ରଣତୀ ଏହା ମୋର ।

■■■

ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୧୬

# ଅଭୁଲା ସ୍ମୃତି

ବୀରେଶ୍ୱର ମହାନ୍ତି





ଚୁପ୍ ଚାପ୍  ଘୁମେଇ ପଡିଥିବା ଆକାଶରୁ
କ୍ଳାନ୍ତ ଯାଯାବର ତାରାଦଳ
କେତେବେଳୁ ମେଲାଣି ନେଲେଣି,
ରାତ୍ରିର ମାଳ ମାଳ ତନ୍ଦ୍ରା
ଧିରେ ଧିରେ ଅପସରି ଗଲେଣି,
ଅଳସ ସକାଳ ମୁରୁକି ହସିହସି
କମନୀୟ ପାଖୁଡା ମେଲିଛି
ସୁବର୍ଣ୍ଣ ଦୀପ୍ତିରେ ଝଲମଲ ଗଦାଗଦା ସ୍ମୃତି
ଉପରେ ଅଜାଡି ପଡି
ମୋତେ ଅଥୟ କରନ୍ତି।

କେଉଁ ଏକ ଉଦାସ ଅପରାହ୍ନରେ
ଘନକୃଷ୍ଣ ବାଦଲ ଯେବେ
ଛାଇଯାଏ ସୀମାହୀନ ନୀଳ ଅମ୍ବରରେ,
ପ୍ରତୀତ ହୁଏ ସତେ ଅବା ବର୍ଷିଯିବ
ପାହାଡ ପାହାଡ ସ୍ମୃତି ନୀର ହୋଇ ଝରିଯିବ,
ବର୍ଷୁକୀ ସଂଧ୍ୟା ଅବା ନିରୋଳା ନିଝୁମ ରାତିରେ
କାହାର ପାଉଁଜିର ଶବ୍ଦ ବିମୋହିତ କରେ
ପାଟ ପୀତାମ୍ବରୀ ପୁଣି ବେତାର କାଚରେ,
ମତୁଆଲା ମନ ହଜିଯାଏ
ଅତୀତର ଅଭୁଲା ସ୍ମୃତିରେ।

ଅଳସ ସକାଳ,ଉଦାସ ଅପରାହ୍ନ
ବର୍ଷୁକୀ ସଂଧ୍ୟା ଅବା ନିବୁଜ ଅନ୍ଧାର
ସ୍ମୃତି ପାଇଁ ସ୍ଥାନ କାଳର
କେବେ ନ ଥାଏ ଅନ୍ତର
ସ୍ମୃତି ତ ସବୁବେଳେ ସ୍ମୃତି
ନା ସେ ଧରାଦିଏ
ନା ତାକୁ ଫିଙ୍ଗିଦେଇ ହୁଏ
ନା ତା' ବନ୍ଧନରୁ ନିଜକୁ ମୁକ୍ତ କରି ହୁଏ
ଅଭୁଲା ସ୍ମୃତି ସେ
ପ୍ରତି ମୁହୂର୍ତ୍ତରେ ତା'ପାଇଁ ମନ ଘାରି ହୁଏ।



■■■

ସି – ୧୦୫, ଶୁଭମ୍ ରଯ୍ୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮୭୧୫୬୭୧



# ହସ

ମମତା ବାଳା ହୋତା



ହସ-
ଏକ ଅମୂଲ୍ୟ ଉପହାର
ଏଇ ମଧୁର ଜୀବନର
ଜୀବନକୁ ସୁଖ ଓ ଶାନ୍ତିରେ
କରିଦିଏ ଭରପୁର।
ହସ-
ଏକ ପ୍ରେରଣା
ଜୀବନକୁ ଜିଇବାର
ସବୁ ଅଶାନ୍ତି କୁ ହରାଇ
କରେ ନୂତନ ଆଶାର ସଂଚାର।
ହସ-
ବଞ୍ଚିବାର ଏକ କଳା
ଯାହାର ପରଶରେ
ପ୍ରଶମିତ ହୁଏ ସବୁ ଜ୍ୱାଳା
ଭରିଯାଏ ପ୍ରାଣେ ଉର୍ଜ୍ଜାର ସମ୍ଭାର।
ହସ-
ଏକ ମଧୁର କମ୍ପନ
ଝଙ୍କୃତ କରିପାରେ
ହୃଦୟ ତନ୍ତ୍ରୀକୁ
ତୋଳି ଏକ ମଧୁର ଝଙ୍କାର।
ହସ-
ଏକ ମଧୁର ବନ୍ଧନ
ବାନ୍ଧିପାରେ ଏକତାର ସୂତ୍ରେ
ଭାଙ୍ଗିଦେଇ ବନ୍ଧ ଯେତେ
ରାଗ, ଦ୍ୱେଷ ଆଉ ଅଭିମାନର।
ହସ-
ଏକ ଅସରନ୍ତି ଉତ୍ସ
ସେହି ଭଲପାଇବାର
ଯାହାର ମଧୁ ପରଶରେ
ଜୀବନ ହୁଏ ସବୁଜ ସୁନ୍ଦର।
ହସ-
ଏକ ପ୍ରୀତିର ଫଲ୍ ଗୁ
ବୋଳିଦେଇ ରଙ୍ଗ ଫଗୁଣକୁ
ଧୋଇନିଏ ଜ୍ୱାଳା ଯେତେ
ଦୁଃଖ ଓ ବେଦନାର ।
ହସ -
ଏକ ଚିର ଅଭିନବ କ୍ରାନ୍ତି
ଯାହାର କୁହୁକ ଆହ୍ୱାନେ
ଚାଲିଯାଏ ସବୁ ଭ୍ରାନ୍ତି
ବାର୍ତ୍ତା ବହି ସବୁଜ ବିପ୍ଳବର।

■■■

ସମଲ ବ୍ୟାରେଜ୍ ଅନୁଗୁଳ
ମୋ :୯୮୬୧୧୧୮୨୧୨



# ଆହ୍ୱାନ

ଋତୁପର୍ଣ୍ଣା ମହାପାତ୍ର



ଯୁଗ କାଳେ ବଦଳୁଛି ପରା
ସେହି ଯୁଗ ସହ ତାଳ ଦେଇ
ନିଜର ଚିରାଚରିତ ଗୁଣ ଛାଡି
ତୁ ଟିକେ ବଦଳି ଯାଉନୁ ,
କିଏ ଗଢିଛି ନିୟମ ?
ଝିଅ ରୂପବତୀହେବ,
ଗୁଣବତୀ ହେବ ,
ଦୟାମୟୀ କ୍ଷମାମୟୀ ହେବ ?
ତୁ ବରଂ ଶକ୍ତିରୂପିଣୀ ପାଲଟି
ଖଡ୍ଗହସ୍ତା ,ରକ୍ତମୁଖୀ ହୋଇ
ଆଶୀର୍ବାଦ ଦେବା ହାତରେ
ଶାସ୍ତି ଦେବା ଶିଖିଯାଆ ।
ସର୍ବଂସହା ବୋଲି ପ୍ରତିଶବ୍ଦଟି
ଦେହରୁ ମନରୁ କାଢି ଫିଙ୍ଗିଦେ ।
କନ୍ୟାଭ୍ରୁଣ ହତ୍ୟାଠାରୁ ବଧୂହତ୍ୟାଯାଏଁ
ପ୍ରତି ଅତ୍ୟାଚାର ପାଇଁ
ମହାକାଳୀ ସମ
ପ୍ରତିରୋଧ ପରାୟଣା ତଥା
ପ୍ରତିଶୋଧ ପରାୟଣା ହୋଇଯାଆ
ତା ' ପରେ ଦେଖିବୁ
ଯୁଗ ସତରେ ବଦଳିଯିବ ।

■■■

ଗଣ୍ଡମୁଣ୍ଡା, ଭୁବନେଶ୍ୱର
ମୋ :୮୨୪୯୫୨୫୧୪୬

# "ଇ ପତ୍ରିକା" ର ନଭେମ୍ବର ସଂଖ୍ୟା ଉନ୍ମୋଚନ ସମୟରେ କବୀ ନିରୁପମା ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନର କିଛି ସ୍ମୃତି

## ୦୧.୧୧.୨୦୨୨ (ମଙ୍ଗଳବାର)











# "ଇ ପତ୍ରିକା" ର ନଭେମ୍ବର ସଂଖ୍ୟା ଉନ୍ମୋଚନ ସମୟରେ କବୀ ନିରୁପମା ଆଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନର କିଛି ସ୍ମୃତି

## ୦୧.୧୧.୨୦୨୨ (ମଙ୍ଗଳବାର)



# "ଇ ପତ୍ରିକା" ର ନଭେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୧୧.୨୦୨୨ (ମଙ୍ଗଳବାର)

















# "ଇ ପତ୍ରିକା" ର ନଭେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ସମୟର କିଛି ସ୍ମୃତି

## ୦୧.୧୧.୨୦୨୨ (ମଙ୍ଗଳବାର)



# "ଇ ପତ୍ରିକା" ର ନଭେମ୍ବର ସଂଖ୍ୟା ଉନ୍ମୋଚନ ଏବଂ କବିତା ପାଠୋତ୍ସବ ଖବର ଦୈନିକ ଖବର କାଗଜ "ପ୍ରଗତିବାଦୀ" ରେ ପ୍ରକାଶିତ

● ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

## ଇ-ପତ୍ରିକାର ପଞ୍ଚମ ସଂଖ୍ୟା ଲୋକାର୍ପିତ



■ ଭୁବନେଶ୍ୱର, ତା ୨।୧୧ (ପିଏନଏସ)

ବିଜ୍ଞାନଓକାରିଗରୀକୌଶଳକୁଜନସେବାରେବିନିଯୋଗକରି ସାହିତ୍ୟକୁ ନୂତନ ପିଢିର ପାଠକ ସମାଜ ପାଖରେ ପହଞ୍ଚାଇବା ହେଉଛି ଅଧୁନାତମ ସମାଜର ଦାବି ବୋଲି ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ମାସିକ ଇ-ପତ୍ରିକା'ର ଉନ୍ମୋଚନ ଉତ୍ସବରେ ସମ୍ମାନୀୟ ବକ୍ତାମାନେ କହିଛନ୍ତି। ପ୍ରଫେସର ଅଭୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଉର୍ମିମାଳା ଦାସ, ଡକ୍ଟର ଶ୍ରୀଜୟା ଦାସ, ଡକ୍ଟର ଦେବାଶିଷ ମହାପାତ୍ର ସାହିତ୍ୟ, ସାଂପ୍ରତିକ ସମାଜ ଏବଂ ସାହିତ୍ୟିକ ମାନଙ୍କର ଦାୟିତ୍ୱ ବାବଦରେ ମତାମତ ପ୍ରଦାନ କରିଥିଲେ। ଇ-ପତ୍ରିକାର ମୁଖ୍ୟ ସଂପାଦକ ବସନ୍ତ ମାଝି ଓ ସଂପାଦକ ସରୋଜ ଶତପଥୀ ପତ୍ରିକାର ଅଭିମୁଖ୍ୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ ଗୀତିକବି ବିପିନ ମହାନ୍ତିଙ୍କ ସଭାପତିତ୍ୱରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତାଗୁଡିକ ସଂଯୋଜନା କରିଥିଲେ କବି ବିଶ୍ୱମିତ୍ରା ମିଶ୍ର। ସଭା ପୂର୍ବରୁ ବିଶିଷ୍ଟ କବି ଅଧ୍ୟାପିକା ନିରୁପମା ଆଚାର୍ଯ୍ୟଙ୍କ ଅକାଳ ବିୟୋଗରେ ଉପସ୍ଥିତ କବିମାନେ ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଗୀତିକାର ବସନ୍ତ କୁମାର ଦାସ, ମାନଗୋବିନ୍ଦ ବାରିକ, ଶଶାଙ୍କ ଶେଖର ମିଶ୍ର, ମନୋରମାମିଶ୍ର, ଅଞ୍ଜଳି ଆଚାର୍ଯ୍ୟ, କବିତା ନାୟକ, ସ୍ୱର୍ଣ୍ଣଲତାମହାପାତ୍ର, ଜାହ୍ନବୀଚୌଧୁରୀ, ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ, ଆଶା ମିଶ୍ର, ଡକ୍ଟର ରଶ୍ମି ଦାସ, ଡକ୍ଟର ରେବତୀ ବଲ୍ଲଭ ବେହେରା, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଅର୍ଦ୍ଧଶତାଧିକ କବି ଯୋଗ ଦେଇଥିଲେ।

# ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ

# ଇ-ପତ୍ରିକା

ଷଷ୍ଠ ସଂଖ୍ୟା, ୧ ଡିସେମ୍ବର ୨୦୨୨

link : https://epatrika.cspursahityasansad.com/

Publisher :
Newtra Creations,Bhubaneswar

ମୁଖ୍ୟ ସଂପାଦକ: ବସନ୍ତ ମାଝି || ସଂପାଦକ: ସରୋଜ କୁମାର ଶତପଥୀ

Contact : 7/13, Type 'B' (Revised), Unit-9, Bhubaneswar - 751022

Email : epatrika.cspursahityasansad@gmail.com Mob : 9438621925 / 9937128547 Website: www.cspursahityasansad.com